


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୬ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 JULY 2021

Vol.No. 32 ■ No. 170 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିଶ୍ୱ ଦରବାରରେ ବଢୁଛି କୋ-ୱିନ ପୋର୍ଟାଲର ଚାହିଦା

## ବ୍ୟବହାର ପାଇଁ ଆଗ୍ରହ ଦେଖାଇଛନ୍ତି ୫୦ଟି ଦେଶ



ନୂଆଦିଲ୍ଲୀ,୦୫/୦୭: ବିଶ୍ୱ ଦରବାରରେ ବଢୁଛି କୋ-ୱିନ ପୋର୍ଟାଲର ଚାହିଦା । କରୋନା ଟିକାକରଣ ପାଇଁ ଭାରତ ସରକାରଙ୍କ ପକ୍ଷରୁ ବିକଶିତ ହୋଇଥିବା ଏହି ସ୍ୱତନ୍ତ୍ର ପୋର୍ଟାଲ ପ୍ରତି ଆଗ୍ରହ ଦେଖାଇଛନ୍ତି ୫୦ରୁ ଅଧିକ ଦେଶ । ତେଣୁ ଏହି ପୋର୍ଟାଲକୁ ବିଶ୍ୱବ୍ୟାପୀ ଲଂଚ୍ କରାଯାଇଛି । ଆଜି କୋ-ୱିନ ଗ୍ଲୋବାଲ କନକ୍ଲେଭକୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ମହାମାରୀ କରୋନା ହେଉଛି ସାରା ବିଶ୍ୱ ପାଇଁ ଏକ ବଡ ଚ୍ୟାଲେଞ୍ଜ । ଏହା ବିରୋଧରେ ଏକାକୀ ଲଢେଇ କୌଣସି ଦେଶ ପାଇଁ ସହଜ କଥା ନୁହେଁ । କରୋନା ବିରୋଧୀରେ ସଫଳତାପୂର୍ବକ ଲଢେଇ ପାଇଁ ଟିକା ହିଁ ଏକମାତ୍ର ବିକଳ୍ପ ଓ ଏହା ମାନବଜାତି ପାଇଁ ଏକମାତ୍ର ଆଶାର କିରଣ । ଟିକାକରଣ ପ୍ରକିୟାକୁ ସମ୍ପୂର୍ଣ୍ଣଭାବେ ଡିଜିଟାଲ କରିବା ପାଇଁ ସରକାର ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି । କାରଣ ବୈଷୟିକ ଜ୍ଞାନ ବେଶ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସର୍ଗୀକୃତ ପୋର୍ଟାଲ ଜରିଆରେ କିଭଳି ଟିକାକରଣ ସହଜ ହେଉଛି ଓ ସମସ୍ତ ତଥ୍ୟ ରଖାଯାଇ ପାରୁଛି ସେନେଇ ସୂଚନା ଦେଇଛନ୍ତି ମୋଦୀ ।

# ତୃତୀୟ ଲହର ପାଇଁ ପ୍ରସ୍ତୁତ : ସ୍ୱାସ୍ଥ୍ୟ ନିର୍ଦ୍ଦେଶ

ଭୁବନେଶ୍ୱର,୦୫/୦୭(ନି.ପ୍ର): ଦ୍ୱିତୀୟ ଲହର ସଂକ୍ରମଣ କମୁଛି । ତୃତୀୟ ଲହର ଆସୁ ବା ନ ଆସୁ ଆମେ ଆଉ ଗୋଟିଏ ଲହର ପାଇଁ ପ୍ରସ୍ତୁତ ହୋଇ ରହିବୁ । ଏହାର ମୁକାବିଲା ପାଇଁ ତିନୋଟି ଦିଗ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି । ଭ୍ୟାକ୍ସିନେସନ୍ ବଢ଼ାଇବା, ସର୍ଭେଲାନ୍ସ ଜାରି ରଖିବା ଆଉ ଭିତିଭୂମି ପ୍ରସ୍ତୁତ ରଖିବା ଆମର ପ୍ରାଥମିକ ଲକ୍ଷ୍ୟ । ଫୋକସ ରହିବ ଶିଶୁ ମାନଙ୍କ ଚିକିତ୍ସା । ସେ ଦିଗରେ ଟ୍ରେନିଂ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଦୈନିକ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ମୃତ୍ୟୁ ସଂଖ୍ୟା ଏମିତି ଏବେ କିଛି ଦିନ ରହିବ । ତେବେ ଜିଲ୍ଲା ସ୍ତରରେ ଅଡିଟ୍ ରିପୋର୍ଟ ଆସିବା ପରେ ଆମେ କହି ପାରିବା କେଉଁ ଦିନ କେତେ ମୃତ୍ୟୁ ହେଉଛି । ଏବେ ବି ୪୫୦ ରୋଗୀ ଆଇସିୟୁରେ ଅଛନ୍ତି । ଭେଂଟିଲେଟରରେ ରହୁଥିବା ରୋଗୀଙ୍କ ମୃତ୍ୟୁ ସମ୍ଭାବନା ୯୦ରୁ ୯୨ ପ୍ରତିଶତ । ଏବେ ବି ୫୫ରୁ ୬୦ ଲୋକ ଭେଂଟିଲେଟରରେ ଅଛନ୍ତି ଏବଂ ଆଇସିୟୁରୁ ୩୦ ପ୍ରତିଶତ ପେସେଂଟ ଭେଂଟିଲେଟରକୁ ଯାଆନ୍ତି । ଯେତେ ପର୍ଯ୍ୟନ୍ତ କ୍ରିଟିକାଲ ପେସେଂଟ ଅଛନ୍ତି ଆମର ମୃତ୍ୟୁ ସଂଖ୍ୟା କିଛି ଏମିତି ରହିବ । ଉପକୂଳରେ ସଂକ୍ରମଣ ବିଳମ୍ବରେ ପିକ୍ ନେଇଥିଲା । ପଶ୍ଚିମ ଓଡ଼ିଶାରେ ସ୍ଥିତିରେ ସୁଧାର ଆସିଛି । ଉପକୂଳରେ ବି ଜୁଲାଇ ଦ୍ୱିତୀୟ ସପ୍ତାହ ବେଳକୁ କମିବ ବୋଲି ଆଶା କରାଯାଉଛି । ଆମେ କେନ୍ଦ୍ରୀୟ ଟିମଙ୍କୁ ଜିଲ୍ଲାର ରିପୋର୍ଟ ଦେବୁ ତାହା ପରେ ସେ କେଉଁଠି କୁ ଯିବେ ତାହା ତାଙ୍କ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି ।

# ମହାରାଷ୍ଟ୍ରରେ ହେବକି ଶିବସେନା-ବିଜେପି ମେଣ୍ଟ

## ପରସ୍ପରର ବନ୍ଧୁ ବୋଲି ପରିଚୟ ଦେଲେ ଉଭୟ ଦଳ ନେତା



ନୂଆଦିଲ୍ଲୀ,୦୫/୦୭: ଫାଟି ଯାଇଥିବା ସମ୍ପର୍କ ପୁଣିଥରେ ଯୋଡି ହେବାକୁ ଯାଉଛି । ଶିବସେନା ଓ ବିଜେପି ମଧ୍ୟରେ ବୁଝାମଣା ଭଳି ପରିସ୍ଥିତି ଦେଖିବାକୁ ମିଳୁଛି । ଆଉ ଏଭଳି ଆଭାଷ ମିଳିଛି, ଶିବସେନା ନେତା ସଂଜୟ ରାଉତଙ୍କ ବୟାନରୁ । ନିକଟରେ ସଂଜୟ ରାଉତ କହିଛନ୍ତି ବିଜେପି ସହ ଶିବସେନାର ସମ୍ପର୍କ ଆମିର ଖାନ୍ ଓ କିରଣ ରାଓଙ୍କ ସମ୍ପର୍କ ଭଳି । ଶିବସେନା ନେତାଙ୍କ ବିଜେପି ପ୍ରେମ । 'ଆମିର-କିରଣଙ୍କ ଭଳି ବିଜେପି-ଶିବସେନା ସମ୍ପର୍କ' । ମହାରାଷ୍ଟ୍ରରେ ପୁଣିଥରେ ବିଜେପି ଓ ଶିବସେନା ମେଣ୍ଟ ନେଇ ଚର୍ଚ୍ଚା ଜୋର ଧରିଛି । ଉଭୟ ଦଳର ନେତା ପରସ୍ପରର ପ୍ରଶଂସା କରିବାରେ ପଛାଉ ନାହାନ୍ତି । ଏହି ଭିତରେ ଶିବସେନା ନେତା ସଂଜୟ ରାଉତ କହିଛନ୍ତି ବିଜେପି ସହ ତାଙ୍କ ସମ୍ପର୍କ ଭାରତ-ପାକିସ୍ତାନ ପରି ନୁହେଁ ବରଂ ଆମିର ଖାନ୍ ଓ କିରଣ ରାଓଙ୍କ ଭଳି । ଆମିର ଖାନ ଓ କିରଣ ରାଓ ଯେପରି ଅଲଗା ହେବା ପରେ ପରସ୍ପରର ଭଲ ବନ୍ଧୁ ପରି ପରିଚୟ ଦେଉଛନ୍ତି ସେହିପରି ବିଜେପି ଓ ଶିବସେନା ଅଲଗା ହେବା ପରେ ବି ସେମାନଙ୍କ ମଧ୍ୟରେ ବନ୍ଧୁତା ରହିଛି । ଏହା ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ କହିଥିଲେ ▶▶ପୃଷ୍ଠା ୭

# ଦରଦାମ୍ ବୃଦ୍ଧି ପ୍ରତିବାଦରେ ଆସନ୍ତା ୭ରୁ ୧୭ ଯାଏଁ କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର,୦୫/୦୭ (ନି.ପ୍ର): ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବିରୁଦ୍ଧରେ ଆସନ୍ତା ୭ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ଦେଶ ତମାମ ପ୍ରତିବାଦ ଆନ୍ଦୋଳନ କରିବ ବୋଲଇ ପିସିସି ସଭାପତି ନିରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ସୋମବାର ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଜୁଲାଇ ୭ ତାରିଖ (ବୁଧବାର)ରେ ପ୍ରତିବ୍ଲକ ସାମ୍ନାରେ ଲୋକେ ଝାଞ୍ଜ, ଘଂଟ ମାଡ କରି ▶▶ପୃଷ୍ଠା ୭

# ମାସେ ପାଇଁ ଆବାସ ପ୍ଲସ୍ ଆପ୍ କାର୍ଯ୍ୟକ୍ଷମ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି



ଭୁବନେଶ୍ୱର,୦୫/୦୭ (ନି.ପ୍ର): ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସାରା ରାଜ୍ୟ ପାଇଁ ଆଉ ୧ ମାସ ପାଇଁ ଆବାସ ପ୍ଲସ୍ ଆପ୍ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚିଠିରେ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର କେବଳ ୧୪ ଫନି ପ୍ରଭାବିତ ଜିଲ୍ଲା ପାଇଁ ଆପ୍ କାର୍ଯ୍ୟକ୍ଷମ କରିଛନ୍ତି । ଅନ୍ୟ ୧୬ ଜିଲ୍ଲା ଏଥିରୁ ବଂଚିତ ହୋଇଛନ୍ତି । ବଂଚିତ ଜିଲ୍ଲା ମଧ୍ୟରେ କେବିକେ ଓ ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆ ଅଂଚଳର ହିତାଧିକାରୀ ଅଛନ୍ତି । ଏଥିପ୍ରତି ଦୃଷ୍ଟି ଦେବାକୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଫନି ପ୍ରଭାବିତ ହୋଇ ନଥିବା ଜିଲ୍ଲାର ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ ପାଇଁ ଦାବି କରିଛନ୍ତି ନବୀନ । ଅପରପକ୍ଷରେ ଓଡ଼ିଶାର ହିକାଧିକାରୀଙ୍କ ପାଇଁ ୮ ଲକ୍ଷ ୧୭ ହଜାର ଆବାସ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ପ୍ରଖ୍ୟାତ ସମାଜସେବୀ ଷ୍ଟାନ ସ୍ୱାମୀଙ୍କ ୮୪ ବର୍ଷରେ ପରଲୋକ




ଭୁବନେଶ୍ୱର,୦୫/୦୭(ନି.ପ୍ର): ଆଦିବାସୀଙ୍କ ଅଧିକାର ପାଇଁ ଲଢେଇ କରୁଥିବା ଷ୍ଟାନ ସ୍ୱାମୀଙ୍କ କଥା ଆପଣ ଶୁଣିଥିବେ । ଏକ ମାମଲାରେ ହଠାତ ଗତ ବର୍ଷ ତାଙ୍କୁ ଗିରଫ କରାଯାଇଥିଲା । ଅଭିଯୋଗ ଥିଲା ମାଓବାଦୀଙ୍କ ସହ ସମ୍ପର୍କ ରଖିଛନ୍ତି । ୮୪ ବର୍ଷ ବୟସରେ ତାଙ୍କୁ ଜେଲ ଯିବାକୁ ପଡିଲା । ଜାମିନ ପାଇଁ ଆବେଦନ ବି କରିଥିଲେ । ବମ୍ବେ ହାଇକୋର୍ଟରେ ଏହାର ଶୁଣାଣୀ ଚାଲିଥିଲା । ଆଉ ଆଜି ଦୁଃଖଦ ଖବର ଆସିଲା ଷ୍ଟାନ ସ୍ୱାମୀ ଆଉ ନାହାଁନ୍ତି । କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କ ଶରୀରରେ ଅନେକ ଜଟିଳତା ଦେଖାଦେଲା । ଆଉ ଶେଷରେ ଆଦିବାସୀଙ୍କ ଅଧିକାର ପାଇଁ ଜୀବନ ସାରା ଲଢେଇ କରୁଥିବା ଏହି ବ୍ୟକ୍ତି ଜେଲରେ ▶▶ପୃଷ୍ଠା ୭

# ରାଜଧାନୀରେ ମହିଳାଙ୍କୁ ନିର୍ମମ ହତ୍ୟା

ଭୁବନେଶ୍ୱର,୦୫/୦୭(ନି.ପ୍ର): ଭୁବନେଶ୍ୱର ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରାଯିବାକୁ ନେଇ ସାରା ରାଜ୍ୟରେ ଚହଳ ପଡିଛି । ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଏପରି ହତ୍ୟାକାଣ୍ଡ ଘଟାଇଛି ଅଭିଯୁକ୍ତ ଜଗନ୍ନାଥ ପ୍ରଧାନ । ଯୁବକ ପ୍ରିୟଦର୍ଶିନୀଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲା । ତେବେ ଜଗନ୍ନାଥ କାହିଁକି ଏତେ ବଡ କାଣ୍ଡ ଘଟାଇଲା ତାହା ସ୍ପଷ୍ଟ ହୋଇନାହିଁ । ସବୁ କିଛି ସ୍ୱାଭାବିକ୍ ଥିଲା । ଅଚାନକ୍ ଲୋକଙ୍କ ଗହଳି ବଢ଼ିବାରେ ଲାଗିଲା । ଚାହୁଁଚାହୁଁ ଲୋକ ରୁଣ୍ଡ ହୋଇଗଲେ । ବୁଝୁ ବୁଝୁ ଜଣାପଡ଼ିଲା ଘଟିଛି ଏକ ବିଭତ୍ସ ହତ୍ୟାକାଣ୍ଡ । ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବରେ ହତ୍ୟା ହୋଇଛି । ଆଉ ମୃତଦେହ ପାଖରୁ ଉଦ୍ଧାର ହୋଇଥିଲେ ଯୁବକ । ଯିଏ ଥିଲେ ପୁରା କାଣ୍ଡର ସନ୍ଦିଗ୍ଧ ବ୍ୟକ୍ତି । ପ୍ରିୟଦର୍ଶନୀ ସାହୁ । ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ରାକେଶ ସାହୁଙ୍କ ପତ୍ନୀ । ସ୍ୱାମୀଙ୍କ ଅନୁପସ୍ଥିତିରେ ଏହି ହତ୍ୟାକାଣ୍ଡ ଘଟିଛି । ଆଉ ମୃତଦେହ ପାଖରେ ଯେଉଁ ଯୁବକ ଜଣକ ଉଦ୍ଧାର ହୋଇଛନ୍ତି, ତାଙ୍କ ନାଁ ହେଉଛି ଜଗନ୍ନାଥ ପ୍ରଧାନ । ବଡ଼ କଥା ହେଉଛି, ଯୁବକ ପ୍ରିୟଦର୍ଶିନୀଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛି । କିନ୍ତୁ ଘଟଣାସ୍ଥଳରୁ ଆସିଥିବା ଏହି ଚିତ୍ର, ସନ୍ଦେହକୁ ଆହୁରୀ ବଢ଼ାଇ ଦେଇଛି । ମୃତଦେହ ପଡ଼ିଛି ପାଖରେ ସିନ୍ଦୁର ଫରୁଆ ପଡ଼ିଛି । ଏକ ସୁଟକେସ୍ ମଧ୍ୟ ପ୍ରସ୍ତୁତ ରହିଛି । ଆଉ ଏହି ଭିତରେ ମାତ୍ର ୪ବର୍ଷର କୁନି ପିଲାର ଖେଳଣାଗୁଡ଼ିକ ବିଛାଡ଼ି ହୋଇପଡ଼ିଛି । ପ୍ରିୟଦର୍ଶନୀଙ୍କ ହତ୍ୟା ପଛରେ ▶▶ପୃଷ୍ଠା ୭

# ବଦଳୁଛି ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ଆଭିମୁଖ୍ୟ

## ଭାଗବତ କହିଲେ ହିନ୍ଦୁ-ମୁସଲମାନ ଏକ, ପ୍ରତ୍ୟେକ ଭାରତୀୟଙ୍କ ଡିଏନଏ ଏକ



ନୂଆଦିଲ୍ଲୀ,୦୫/୦୭: ସବୁବେଳେ ହିନ୍ଦୁତ୍ୱର ନାରା ଦେଉଥିବା ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘର ମୁଖ୍ୟ ମୋହନ ଭାଗବତ କହିଛନ୍ତି ହିନ୍ଦୁ-ମୁସଲିମ୍ ଏକ । ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ମୋହନ ଭାଗବତ କହିଛନ୍ତି ସବୁ ଭାରତୀୟଙ୍କ ଡିଏନଏ ଏକ । ଏଠାରେ ସମ୍ପ୍ରଦାୟର ପ୍ରଶ୍ନ ଉଠୁନାହିଁ । ସଂଘ ପ୍ରମୁଖ ମୋହନ ଭାଗବତଙ୍କ ଏପରି ବୟାନ ଆସିବା ପରେ ରାଜନୈତିକ ମହଲରେ ବେଶ ଚର୍ଚ୍ଚା ସୃଷ୍ଟି ହୋଇଛି । ବିଏସପି ମୁଖ୍ୟ ସୁଶ୍ରୀ ମାୟାବତୀ କହିଛନ୍ତି ମୋହନ ଭାଗବତ ବିଜେପି ଦଳର କଥା କହୁଛନ୍ତି । ଆଉ ବିଜେପି ଯାହା କହେ ତାହା କେବେ କରେନି । ସେପଟେ ଏଆଇଏମ୍ଆଇଏମ ପ୍ରମୁଖ ଅସାଉଦ୍ଦିନ ଓୱେସି, ମୋହନ ଭାଗବତଙ୍କ ବୟାନକୁ ନେଇ ତାଙ୍କୁ ସମାଲୋଚନା କରିଛନ୍ତି ।

# ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୫/୦୭ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବହୁ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର,ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦିଇଟି ସ୍ଥାନରେ ବିଜୁଳି ଓ ଘଡଘଡି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯିବା ସହ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୬ ତାରିଖ ସକାଳ ଠାରୁ ୭ ତାରିଖ ସକାଳ ମଧ୍ୟରେ କୋରାପୁଟ, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ ଦିଇଟି ସ୍ଥାନରେ ବିଜୁଳି ଓ ଘଡଘଡି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିପରି ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

# ରାଜ୍ୟର କର୍ପୋରେଟ୍ ଅନୁଷ୍ଠାନ ଓ ଘରୋଇ ହସ୍ପିଟାଲର ପ୍ରତିନିଧିଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଟିକାକରଣ ସମୀକ୍ଷା



ନୂଆଦିଲ୍ଲୀ/ଭୁବନେଶ୍ୱର,୦୫/୦୭ (ନି.ପ୍ର): ଚଳିତ ଜୁଲାଇ ମାସରେ ଓଡିଶାର କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡିକ ନିଜ ଖର୍ଚ୍ଚରେ ୧୦ ଲକ୍ଷ ଲୋକଙ୍କୁ ମାଗଣା ଟିକା ଦେବାର ଖସଡା ପ୍ରସ୍ତୁତ କରନ୍ତୁ ବୋଲି ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ, ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରଣାଳୟର ସଚିବ, ଭାରତୀୟ ଶିଳ୍ପ ସଂଘ(ସିଆଇଆଇ), ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନ ଏବଂ ଓଡ଼ିଶାର କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ)ର ମୁଖ୍ୟଙ୍କ ସହ କୋଭିଡ୍-୧୯ ଟିକାକରଣର ସମୀକ୍ଷା କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାରଙ୍କ ଟିକାକରଣ ବ୍ୟବସ୍ଥା ବ୍ୟତିତ ରାଜ୍ୟରେ କର୍ପୋରେଟ୍ ▶▶ପୃଷ୍ଠା ୭

# ୧୦୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣିଲା ବିଜେପି

## ବିଜେଡି କହିଲା, ନିରୁତ୍ସାହିତ କର୍ମୀଙ୍କ ମନୋବଳ ବଢାଇବାକୁ ଉଦ୍ୟମ

ଭୁବନେଶ୍ୱର,୦୫/୦୭(ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବିଜେପି-ବିଜେଡି କଳି । ଏହି ଯୋଜାନାରେ ହଜାରେ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ବିଜେପି ଅଭିଯୋଗ ଆଣିଛି । ସେପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବାକି ଥିବା ୧୬ଟି ଜିଲ୍ଲାକୁ ମଧ୍ୟ ଆବାସ ପ୍ଲସ ଆପରେ ସଂଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ନବୀନ । କିଛି ଦିନର ନୀରବତା ପରେ ପୁଣି ଥରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ସରଗରମ ହୋଇଛି ରାଜ୍ୟ ରାଜନୀତି । ବିଜେପି ସାମ୍ବାଦିକ ସମ୍ମଳନୀ କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାବେଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ନବୀନ । ଘରକୁ ନେଇ ବିଜେପି-ବିଜେଡି ମୁହାଁମୁହିଁ । ୧୦୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣିଲା ବିଜେପି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ବିଜେପି । ସାମ୍ବାଦିକ ସମ୍ମିଳନୀ କରି ବିଜେପି କହିଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଳେଙ୍କାରୀ ନେଇ ତଦନ୍ତ କରିବାକୁ ଆସିଥିବା କେନ୍ଦ୍ରୀୟ ଟିମ୍ ବିସ୍ଫୋରକ ରିପୋର୍ଟ ଦେଇଛନ୍ତି । ବିଜେପିର ଅଭିଯୋଗ.. ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯାଇଥିବା ବେଳେ ନିମ୍ନମାନର କାମ କରାଯାଇଛି । ଏଥିରେ ପ୍ରାୟ ହଜାରେ କୋଟି ଟଙ୍କାର ଦୁର୍ନୀତି ହୋଇଛି, ୯ଟି ଜିଲ୍ଲାକୁ ଏହି ଯୋଜନାରେ ଘର ଯୋଗାଇ ଦିଆଯାଇନାହିଁ, ପ୍ରତିବାଦରେ ସାରାରାଜ୍ୟରେ ୭ରୁ ୯ ଯାଏଁ ଆନ୍ଦୋଳନ କରିବ ବିଜେପି । ବିଜେପି ଅଭିଯୋଗ କରିବା ଭିତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଫୋନି ପ୍ରଭାବିତ ୧୪ଟି ଜିଲ୍ଲାରେ ୮ ଲକ୍ଷ ୧୭ ହଜାର ଆବାସ ନିର୍ମାଣ ପାଇଁ କେନ୍ଦ୍ର ଅନୁମତି ଦେଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେବେ ବାକି ୧୬ଟି ▶▶ପୃଷ୍ଠା ୭

# ପାରମ୍ପରିକ ଗୋଷ୍ଠୀ ଜଂଗଲରେ ବୃକ୍ଷ ରୋପଣ

ମାଲକାନଗିରି,୫/୭ (ନି.ପ୍ର): ଡୁଟେଲଗୁଡା ଗ୍ରାମସଭାର ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ପାରମ୍ପରିକ ଗୋଷ୍ଠୀ ଜଙ୍ଗଲ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ କୁ ଡୁଟେଲଗୁଡ଼ାର ଶହୀଦ ବିର୍ଷା ମୁଣ୍ଡା ଯୁବକ କମିଟି ସମ୍ପୁର୍ଣ୍ଣ ସହଯୋଗ କରିଥିଲା । ଜଙ୍ଗଲ ଅଧିକାର ଆଇନ ୨ ୦୦୬ ଆସିବା ପୂର୍ବରୁ ଜଙ୍ଗଲ କୁ ବେପାର କରିବା ଦୃଷ୍ଟିରେ କିଛି ଆଦିବାସୀ ବିରୋଧୀ ଜଙ୍ଗଲ ମାପିଆ ଓ କମ୍ପାନୀ ଙ୍କ କଥାରେ ପଡି ଯୁଗ ଯୁଗ ଧରି ଚାଲିଥିବା ଜଙ୍ଗଲ ଓ ଆଦିବାସୀ ଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କକୁ ବିଚ୍ଛିନ୍ନ କରିଦେଇଥିଲେ କିନ୍ତୁ ଜଙ୍ଗଲ ଅଧିକାରୀ ଆଇନ ୨୦୦୬ ଆସିଲା ପରେ ଆଦିବାସୀ ଓ ଜଙ୍ଗଲ ମଧ୍ୟରେ ପୁଣିଥରେ ନିବିଡ଼ ସମ୍ପର୍କ ହେବାରେ ଲାଗିଲା ଓ ପାରମ୍ପରିକ ଗୋଷ୍ଠୀ ଜଙ୍ଗଲ ରେ ଜଙ୍ଗଲ ପରିଚାଳନା କମିଟି ଦ୍ୱାରା ଗ୍ରାମସଭା ନିଷ୍ପତ୍ତି ରେ ବୃକ୍ଷ ରୋପଣ, ଫା ୟାର ଲାଇନ ଓ ଅନ୍ୟାନ୍ୟ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରାଗଲା ।ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ମଧ ପାରମ୍ପରିକ ଗୋଷ୍ଠୀ ଜଙ୍ଗଲ ରେ ଆମ୍ବ ଚାରା, ଆମ୍ବ ଠାକୁ, ତେନ୍ତୁଳି ମଞ୍ଜି, ନିମ୍ବ, ମଞ୍ଜି, ହରିଡା, ବାହାଡ଼ା, ଜାମୁକଳି, ସିୟାଡି ମଞ୍ଜି, ପଣସ,ବାଉଁଶ ରୋପଣ କରାଯାଇଥିଲା ଏହାବ୍ୟତୀତ ଜଙ୍ଗଲ କୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ଫୁଲ ଗଛ ଯଥା - ମନ୍ଦାର, ଟଗର, ମଲି ,କନିଅର,କାଠ ଚମ୍ପା ଭ ଳି ବିଭିନ୍ନ ଫୁଲ ଲଗାଯାଇଥିଲା !ଏହି କାର୍ଯ୍ୟକ୍ରମ କୁ ସ୍ୱାଗତ ଜଣେଇ କୋୟଗୁଡା ,କିଚି ପାଲି, ପାଲମେଟା, ବେଣ୍ଡାଗୁଡା, ଡୁଡାମେଟା ବାଲା କାଟି ଓ ଚେରୀଗୁଡା ୱାର୍ଡ ମେମ୍ବର , ମୁଖିୟା ମାନେ ବୃକ୍ଷ ରୋପଣ ରେ ସାମିଲ ହୋଇଥିଲେ । ଈଶ୍ୱର ପାଙ୍ଗି (ଯୁବକ କମିଟି ସଭାପତି), ଧବୁଲୁ ପାଙ୍ଗି (ଜଙ୍ଗଲ ପରିଚାଳନା କମିଟି ସଭାପତି), ସାଙ୍ଗା ପାଙ୍ଗି (ଜଙ୍ଗଲ ଅଧିକାର କମିଟି ସଭାପତି), ସମାରା ଗୋଲାରୀ (ଜଙ୍ଗଲ ଅଧିକାର କମିଟି ସମ୍ପାଦକ), ଭୀଷ୍ମ ପାଙ୍ଗି (ନାଏକ ସରପଂଚ), ଲାକୁ ହନ୍ତାଳ (ଗ୍ରାମସଭା ସଭ୍ୟ),ଗଙ୍ଗା ମାଡକାମୀ(କିଚି ପାଲି ମୁଖିଆ),ଜଗା ମାଡକାମୀ(ୱାର୍ଡ ମେମ୍ବର କୋୟଗୁଡା),ନରେନ୍ଦ୍ର କବାସୀ(କୋୟଗୁଡା ମୁଖିଆ), ସମୋ ନାଥ ପଡିଆମୀ (ଚେରୀଗୁଡା ମୁଖିଆ), ସମୋ ନାଥ ମାଡକାମୀ (ପାଲମେଟା ୱାର୍ଡ ମେମ୍ବର), ଭିମା ମାଡକାମୀ(ାଲା କାଟି ୱାର୍ଡ ମେମ୍ବର), କୃଷ୍ଣଚନ୍ଦ୍ର ସଡ଼ି(ବେଣ୍ଡାଗୁଡା ୱାର୍ଡ ମେମ୍ବର), ନବିନା ପାଙ୍ଗି,ସବିତା ପାଙ୍ଗି,ପୁରୁସ୍ତି ହନ୍ତାଳ, ରଘୁ ଖିଲ,ସରସ୍ୱତୀ ଖରା, ସନ୍ଧ୍ୟାରାଣୀ ଖିଲ,ଘୁରାନ ହନ୍ତାଳ, ଅନ୍ୟାନ୍ୟ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ ।

# ଚକାପାଦ ଅଂଚଳରେ ଟିକାକରଣ ସଚେତନ ପାଇଁ ମୋଟର ସାଇକେଲ ରାଲି

କନ୍ଧମାଳ,୫/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକର ଦୁର୍ଗମ ଅଂଚଳ କୁହାଯାଉଥିବା ଚାହାଲୀ ପଂଚାୟତର ୨୧ଟି ୱାର୍ଡରେ ଟିକା ଗ୍ରହଣ ପାଇଁ ଅନ୍ତରଙ୍ଗ ଅନୁଷ୍ଠାନ,ଚକାପାଦ ବ୍ଲକ ପ୍ରଶାସନ ଓ ପ୍ରଦାତା ଅନୁଷ୍ଠାନ ପକ୍ଷରୁ ମୋଟର ସାଇକେଲ ରାଲିକୁ ସରପଂଚ ମନୁ ମଲ୍ଲିକ ଓ ସମିତି ସଭ୍ୟା ପୁଷ୍ପଲତା ବେହେରା ଉଦଘାଟନ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ କୁମାର ପଟ୍ଟନାୟକ,ତହସିଲଦାର ମଧୁସ୍ମିତା ବେହେରା ପଦାତା ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ଦାସ,ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ଉପସ୍ଥିତ ଥିବା ବେଳେ ୱାଡ ସଭ୍ୟ,ସଭ୍ୟାମାନେ,ଆଶାକର୍ମୀ,ସ୍ୱଚ୍ଛାସେବୀ ଓ ଚକାପାଦ ବ୍ଲକର କର୍ମଚାରୀମାନେ ଯୋଗ ଦେଇଥିଲେ । ୧୮ଟି ମୋଟର ସାଇକେଲରେ ଛତିଶ ଜଣ ସ୍ୱେଚ୍ଛାସେବୀ ୩ଟି ଗୃପରେ ଯୋଜନା ପ୍ରସ୍ତୁତି ଅନୁସାରେ ସମସ୍ତ ୱାର୍ଡରେ କୋଭିଡ ଟିକାର ଉପକାରିତା ଗାଁ ଗାଁରେ ସଚେତନତାର ବାର୍ତା ପହଂଚାଇଥିଲେ । ଏହାର ମୁଳ ଉଦ୍ଦେଶ୍ୟ ବର୍ତମାନ କରୋନା ମହାମାରୀର ଦ୍ୱିତୀୟ ଲହର ସମୟରେ ସରକାରଙ୍କ ଦ୍ୱାରା ମାଭାଣା ଟିକା କରଣ ଏବଂ ଟିକା ଗ୍ରହଣ କରି ସୁସ୍ଥ ଜୀବନ ଓ ସୁରକ୍ଷିତ ଜୀବନ ପାଇଁ ପ୍ରାୟାସ କରୁଥିବା ବେଳେ ଚାହାଲୀ ପଂଚାୟତର ଅଧିକାଂଶ ଟିକା ଗ୍ରହଣ କରୁ ନଥିବା ଦେଖିବାକୁ ମିଳୁଛି । ଯାହାଫଳରେ ସ୍ୱତନ୍ତ୍ର ବ୍ଲକ ପ୍ରଶାସନ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଚାହାଲୀ ପଂଚାୟତକୁ ଏକ ମିଶନ ମୁଡ ହିସାବରେ ଟିକାକରଣ କରେଇବା ଓ ମିଥ୍ୟା ତଥା ଗୁଜବ କଥାକୁ ବିଶ୍ୱାସ କରି ଟିକାକରଣ ସମୟରେ ଲୁଚି ଯାଉଥିବା ଲୋକମାନଙ୍କ ମନରେ ଏକ ସତ୍ୟତା ଉପରେ ବିଶ୍ୱାସ ଯୋଗାଇ ଟିକା ଗ୍ରହଣ କରିବା ପାଇଁ ଏହି ପ୍ରୟାସ କରାଯାଇଛି । ସ୍ୱଚ୍ଛାସେବୀଙ୍କ ସଚେଚନତା ଅନୁସାରେ ଆଗାମୀ ଦିନରେ ଟିକା କରଣ ଶିବିର କରାଗଲେ ଟିକା ଗ୍ରହଣ କରିନଥିବା ସମସ୍ତେ ୪୫ବର୍ଷରୁ ଉର୍ଦ୍ଧ ଏବଂ ୧୮ରୁ ୪୪ବର୍ଷର ବ୍ୟକ୍ତି ବଶେଷଙ୍କୁ ଦିଆଯାଉଥିବା ଟିକାକୁ ଗ୍ରହଣ କରିବା ପାଇଁ ରାଜି ହୋଇଥିବା ମତ ପ୍ରକାଶ କରିଛନ୍ତି ।ଏହି ଅଂଚଳରେ ଦୁରଦୁରାନ୍ତରେ ଗାଁ ଗୁଡିକ ରହୁଥିବାରୁ ଲୋକମାନଙ୍କ ଇଛା ମୁତାବକ ଟିକା କରଣ କେନ୍ଦ୍ର କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ରାଲିରେ ସରପଂଚ,ସମିତି ସଭ୍ୟା,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ସମସ୍ତ ଟିମକୁ ଗାଁ ଗାଁରେ ପହଂଚାଇବା ଏବଂ ସଚେତନତା କରିବା ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଅନ୍ତରଙ୍ଗର ନୀଳମାଧବ ପାତ୍ର,ଧନପତି କହଁର,ତରଣୀସେନ ପ୍ରଧାନ,ଲକ୍ଷ୍ମଣ ପଣ୍ଡାଙ୍କ ପ୍ରମୁଖ ସହଯୋଗ କରିଥିଲେ ।

## ଗରାପୁର ଶିବାନନ୍ଦ ଆଶ୍ରମରେ ଜ୍ଞାନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୫/୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତରେ ଶିବାନନ୍ଦ ଆଶ୍ରମରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ରବିବାର ଆୟୋଜିତ ଏହି ପ୍ରତିଯୋଗିତା ରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇ ଥିଲା । ଏହି ପ୍ରତିଯୋଗିତା ରେ ଷଷ୍ଠ ଶ୍ରେଣୀର ନନ୍ଦିନୀ ମଲିକ ଓ ବିଶ୍ୱଜିତ କର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜନ୍ମଜେୟ ନାୟକ ଓ ଅବିନାଶ ମିଶ୍ର ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଆଶ୍ରମର ଶ୍ରମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରଷ୍କାର ପ୍ରଦାନ କରିବା ସହ ସେମାନଙ୍କର ଉତୋରତର ଉନ୍ନତି କାମନା କରିଛନ୍ତି ।

# ଓଡିଶାର ଗୌରବ ଶିକ୍ଷକ ଓମ ପ୍ରକାଶ ମିଶ୍ର ପାଇଲେ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାର, ରାଜ୍ୟରେ ଖୁସିର ଲହରି

ଜୟପୁର,୫/୭ (ନି.ପ୍ର): ଭାରତ ସରକାରଙ୍କ ଦ୍ୱାରା ଶିକ୍ଷକ ମାନଙ୍କୁ ଦିଆଯାଉଥିବା ଦୁଇଟି ଉଲ୍ଲେଖନୀୟ ପୁରସ୍କାର ହେଉଛି ଜାତୀୟ ଶିକ୍ଷକ ପୁରସ୍କାର ଏବଂ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାର । ଏଥି ମଧ୍ୟରୁ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର ଜାତୀୟ ଶିକ୍ଷକ ପୁରସ୍କାର ୨୦୧୮ ନିମନ୍ତେ ଓଡିଶାର ଏକ ମାତ୍ର ଶିକ୍ଷକ ଭାବରେ ପୁରସ୍କୃତ ହୋଇସାରିଥିବା ବେଳେ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାରଟି ୨୦୦୪ ମସିହାରୁ ସ୍ଥାପିତ ହୋଇଥିଲେ ମଧ୍ୟ କୋରାପୁଟ ଜିଲା ତଥା ଓଡିଶା ପାଇଁ ଏକ ସ୍ୱପ୍ନ ହୋଇ ରହିଯାଇଥିବା ବେଳେ ଏହି ପୁରସ୍କାର ପାଇଛନ୍ତି ଓମ ପ୍ରକାଶ ମିଶ୍ର । ଜଣେ ଶିକ୍ଷକ ହିସାବରେ ଆଇ.ସି.ଟି କ୍ଷେତ୍ରରେ ନିଜର ଅସ୍ୱାଭାବିକ ତଥା ଅତୁଳନୀୟ ଅବଦାନ ପାଇଁ ଶିକ୍ଷକ ଓମ ପ୍ରକାଶ ମିଶ୍ର ଓଡିଶାର ଏକ ମାତ୍ର ଶିକ୍ଷକ ଭାବେ ଜାତୀୟ ଆଇ.ସି.ଟି ଶିକ୍ଷକ ପୁରସ୍କାର ୨୦୧୮ ବିରଳ କୃତିତ୍ୱ ଅଧିକାରି ହୋଇପାରିଛନ୍ତି । ବିଜ୍ଞାନ ଓ ଗଣିତର କଠିନ ପ୍ରସଙ୍ଗ ଗୁଡିକୁ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ସରଳ ଭାବରେ ଛାତ୍ର ଛାତ୍ରୀଙ୍କ ନିମନ୍ତେ ପ୍ରସ୍ତୁତ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ବିଜ୍ଞାନରେ ବ୍ଲଗ ତିଆରି କରିବା ୟୁଟ୍ୟବ ମାଧ୍ୟମରେ ଶିକ୍ଷାଦାନ କରିବା ଜିଓଜେବ୍ରା, ଆଲଗୋଡୋ, ଡ୍ରାଇଆମଫ କ୍ଲାଉଡ, ଜାମବୋର୍ଡ, ଆନିମେସନ, ଓାର୍ଡ ଓାଲ ନେଟ ଏପରି ବହୁତ ସପ୍ଟଓ୍ୱେର ବ୍ୟବହାର କରି ବିଜ୍ଞାନ ଶିକ୍ଷାକୁ ରୁଚିମନ୍ତ କରିବାରେ ସେ ସଫଳ ହୋଇଛନ୍ତି । ଏହି ପୁରସ୍ରାର ନିମନ୍ତେ ଭାରତ ସରକାରୀଙ୍କ ଶିକ୍ଷା ବିଭାଗ ତରଫରୁ ଗତ ବର୍ଷ ଅନଲାଇନ ମାମଧ୍ୟରେ ଶିକ୍ଷକଙ୍କ ଠାରୁ ସୁଚନା ଓ ଯୋଗାଯୋଗ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷକ ମାନଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ପରବର୍ତୀ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ ମନୋନୟନ କମିଟି ଗଠନ କରାଯାଇ ଆବେଦନ କାରି ଶିକ୍ଷକ ମଧ୍ୟରୁ ମାତ୍ର ୬ ଜଣ ଶିକ୍ଷକଙ୍କୁ ଜାତୀୟ ସ୍ତରରେ ପ୍ରତିଯୋଗିତା ନିମନ୍ତେ ସୁପାରିଶ କରାଯାଇଥିଲା । ଏଭଳି ଭାବରେ ସମଗ୍ର ଦେଶର ୨୮ଟି ରାଜ୍ୟ କେନ୍ଦ୍ର ଶାସିତ ଅଂଚଳ ତଥା ସିବିଏସଇ, ଆଇସିଏସି ଭଳି ୫ଟି ସ୍ୱୟଂ ଚାଳିତ ଜାତୀୟ ଶିକ୍ଷାନୁଷ୍ଠାନ ଠାରୁ ୨୦୧୮-୧୯ ଶିକ୍ଷା ବର୍ଷ ନିମନ୍ତେ ସମୁଦାୟ ୨୦୪ ଜଣ ଶିକ୍ଷକଙ୍କୁ ଜାତୀୟସ୍ତରୀୟ ଚୁଡାନ୍ତ ପ୍ରତିଯୋଗାତା ନିମନ୍ତେ ମନୋନିତ ହୋଇଥିଲେ । ଶେଷରେ ଏହି ପ୍ରତିଦ୍ୱନ୍ଦିତା ମୁଳକ ଜାତୀୟ ପ୍ରତିଯୋଗିତାରେ ସମସ୍ତ ମନୋନିତ ଶିକ୍ଷକ ଆଇସିଟି କ୍ଷେତ୍ରେ ନିଜର ଅବଦାନ ତଥା ଦକ୍ଷତାକୁ ଜାତୀୟ ସ୍ତରର ବିଚାରକ ମାନଙ୍କ ସମ୍ମୁଖରେ କମ୍ପ୍ୟୁଟର ମାଧ୍ୟମରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମ ଗତ ୫ ଫେବୃଆରୀ ୨୦୨୧ ଠାରୁ ୧୧ ଫେବୃଆରୀ ଯାଏ ଚାଲିଥିଲା । ଶେଷରେ ସମଗ୍ର ଦେଶରୁ ୨୦୧୮ ମସିହା ନିମନ୍ତେ ମାତ୍ର ୨୫ ଜଣ ଶିକ୍ଷକଙ୍କୁ ଏହି ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ କରାଯାଇ ଭାରତ ସରକାରଙ୍କ ଦ୍ୱାରା ଗତ ୧୯।୬।୨୧ ରେ ଫଳା ଫଳ ଘୋଷଣା କରାଯାଇଥିଲା । ସମସ୍ତଙ୍କୁ ଚକିତ କରି ତଥା ରାଜ୍ୟର ପୂର୍ବ ବିଫଳତାକୁ ପଛରେ ପକାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର ଏହି ପୁରସ୍କାର ହାସଲ ପାଇଁ ଚୟନ ହୋଇ କୋରାପୁଟ ତଥା ଓଡିଶା ପାଇଁ ଏକ କୃତିମାନ ସ୍ଥାପନ କରିଛନ୍ତି । ୧୯୯୮ ମସିହାରେ କୋରାପୁଟ ଜିଲ୍ଲାର ଏକ ଉପାନ୍ତ ସରକାରି ଉଚ୍ଚ ବିଦ୍ୟାଳୟ ଦଳପୁରରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶିକ୍ଷକ ମିଶ୍ର ଶିକ୍ଷା କ୍ଷେତ୍ରରେ ନିଜର କଠୋର ଅଧ୍ୟବସାୟ ଓ ସାଧାନା ବଳରେ ପୁର୍ବରୁ ପଂଚାୟତ, ବ୍ଲକ, ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ପୁରସ୍କାରରେ ସମ୍ମାନିତ ହୋଇ ସାରିଛନ୍ତି । ତେବେ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରର ୨ଟି ଯାକ ସର୍ବୋଚ୍ଚ ଶିକ୍ଷା ସମ୍ମାନ ହାଲ କରିବାରେ ସେ ହେଉଛନ୍ତି ରାଜ୍ୟର ପ୍ରଥମ ଶିକ୍ଷକ । ତାଙ୍କ ଏହି ସଫଳତା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ଶୁଭେଚ୍ଛାଙ୍କ ସୁଅ ଛୁଟିଛି । ତାଙ୍କର ଏହି ସଫଳତା ନିମନ୍ତେ ପିତା ନୀଳାଚଳ ମିଶ୍ର, ମାତା ଜୋସ୍ନା କୁମାରି ମିଶ୍ର, ପତ୍ନୀ ଲତା ମିଶ୍ର ଓ ପିରବାର ବର୍ଗ ତଥା ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଶ୍ରେୟ ଦେଇଛନ୍ତି ।

## ଆଇନଜିବୀ ରୁନା ପାଣୀଗ୍ରାହୀଙ୍କ ବିୟୋଗରେ ଫୁଲବାଣୀ ଓକିଲ ସଂଘର ଶୋକସଭା

କନ୍ଧମାଳ,୫/୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫୁଲବାଣୀ ଓକିଲ ସଂଘର ସଦସ୍ୟ ଅଜିତ କୁମାର ପାଣିଗ୍ରାହୀ(ରୁନା)ଙ୍କ ସ୍ଥାନୀୟ ଫୁଲବାଣୀ ଡାକ୍ତରଖାନାରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୯ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ ଫୁଲବାଣୀ ଓକିଲ ସଂଘ ତରଫରୁ ନୁତନ ବାର ହଲରେ ଓକିଲ ସଂଘର ସଭାପତି ସିଦ୍ଧେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭାର ଆୟୋଜନ କରାଯାଇଛି । ଏଥିରେ ସମ୍ପାଦକ ଅଜିତ କୁମାର ପଟ୍ଟନାୟକ ସହଯୋଗ କରିଥିଲେ ପ୍ରଥମେ ରୁନା ପାଣିଗ୍ରାହୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଓକିଲ ସଂଘର ସମସ୍ତ ସଦସ୍ୟ ୨ମିନଟ ନିରବ ପାର୍ଥନା କରିବା ପରେ ତାଙ୍କର ଫୋଟ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ଏହାପରେ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଓକିଲ ସଂଘ ତରଫରୁ ସହାୟତା ରାଶୀ ପ୍ରଦାନ କରାଯିବା ପାଇଁ ଆଲୋଚନା ହୋଇଥିଲା । ଏଥିରେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ଅଜୟ ସିଂ,ଅସୀମ ପ୍ରହରାଜ, ହରିଶ୍ଚନ୍ଦ୍ର ମହାରଣା, ଦୁର୍ଗା ଶଙ୍କର ପଟ୍ଟନାୟକ, ଗୌରୀ ବେହେରା, ପ୍ରଦୀପ୍ତ ରଞ୍ଜନ ନାୟକ, ବୀଣାପାଣୀ ପ୍ରଧାନ, ଅଗସ୍ତି ଜାନୀ, କମଳ ବେହେରା, ଶୁଶାନ୍ତ ସେନାପତି, ମନୋଜ ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ସମେତ ବାରର ଅନ୍ୟ ଓକିଲ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ । ସୁଚନା ଯୋଗ୍ୟ ଯେ ପୁର୍ବରୁ ସେ କରୋନା ପଜିଟିଭି ଚିହ୍ନଟ ହେବାପରେ ଭୁବନେଶ୍ୱରରେ ଚିକିତ୍ସିତ ହୋଇ କରୋନାକୁ ହରାଇ ସେ ସମ୍ପୁର୍ଣ୍ଣ ସୁସ୍ଥ ହୋଇ ଯାଇଥିଲେ । ଭଲ ହେବାର କିଛିଦିନ ପରେ ସେ ପୁଣି ଥରେ ଫୁସଫୁସ ସଂକ୍ରମଣ ଜନିତ ସମସ୍ୟା ଦେଖାଦେବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଫୁଲବାଣୀ ହସପିଟାଲରେ ଭର୍ତି କରାଇଥିଲେ । ସେଠାରେ ତାଙ୍କର ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଥିଲା । ସେ ଜଣେ ଶାନ୍ତ ଶିଷ୍ଟ ପରୋପକାରୀ ଥିଲେ ତାଙ୍କ ବିୟୋଗରେ ଓକିଲ ସଂଘରେ ଶୋକର ଛାୟା ଖେଳିଯାଇଛି ।

# ଓଡିଶା ବିକାଶ ପରିଷଦ ଓ କଳିଙ୍ଗ ଭାରତୀ ଫାଉଣ୍ଡେସନ ଗଠିତ

ନୂଆପଡା,୫/୭ (ନି.ପ୍ର): କ୍ଷତ୍ରୀୟ, ପାଇକ, ଖଣ୍ଡାୟତ କୃଷକ ସୈନିକ ପରମ୍ପରାକୁ ଉଜ୍ଜିବିତ କରିବା ପାଇଁ ରାଜ୍ୟସ୍ତରୀୟ ଓଡିଶା ବିକାଶ ପରିଷଦ ଓ କଳିଙ୍ଗ ଫାଉଣ୍ଡେସନ ଗଠିତ ହୋଇଯାଇଛି । ଓଡିଶା ବିକାଶ ପରିଷଦର ସଭାପତି ଭାବରେ ଭୁବନେଶ୍ୱର ଡ. ପୃଥିରାଜ ପ୍ରତାପ ସିଂ, ସମ୍ପାଦକ ଭାବରେ ନୂଆପଡା ଜିଲ୍ଲା ଖଡିଆଲ ବ୍ଲକ କାଶିପଲା ଗ୍ରାମର ଆଇନଜୀବୀ ବିଭୁଦତ ଚଲାନ, କୋଷାଧ୍ୟକ୍ଷ ଭାବରେ ପୁରୀ ବ୍ରହ୍ମଗିରି ଚିନ୍ତାମଣି ଜେନା, ଉପ ସଭାପତି ଭାବରେ କଳାହାଣ୍ଡି ଭବାନୀପାଟଣାର ମିନତୀ ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବରେ କଳାହାଣ୍ଡି ଏମ. ରାମପୁରର ଲିପସାମୟୀ ଦୁବେ, ସଦସ୍ୟ ଭାବରେ ବ୍ରହ୍ମଗିରୀ ପୁରୀର ଭିକାରୀ ଜେନା, କେନ୍ଦୁଝର ଜିଲ୍ଲା ହରିଚନ୍ଦ୍ରପୁର ନରହରୀ ମହନ୍ତ, ଗଞ୍ଜାମ ଜିଲ୍ଲାର ଆଶାଲତା ନାଏକ, ମୟୁରଭଞ୍ଜ ଜିଲ୍ଲା ବାରିପଦା ବେତନଟୀର ସର୍ବେଶ୍ୱର ମହନ୍ତଙ୍କୁ ସର୍ବସମ୍ମତି କ୍ରମେ ୱାବିନାର ବୈଠକ ମାଧ୍ୟମରେ ଚୟନ କରାଯାଇଥିଲା । ଜିଲ୍ଲାସ୍ତରୀୟ କୋ-ଅଡିନେଟର ଭାବରେ ନୂଆପଡା ଜିଲ୍ଲା ପାଇଁ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ, ପୁରୀ ଜିଲ୍ଲା ପାଇଁ ଦିଲ୍ଲିପ କୁମାର ବଳିଆର ସିଂହ, କଳାହାଣ୍ଡି ଜିଲ୍ଲା ପାଇଁ ମଙ୍ଗଳୁ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ପାଇଁ ଶୁଭେନ୍ଦୁ ନାୟକ, କେନ୍ଦୁଝର ଜିଲ୍ଲା ପାଇଁ ସୁଦର୍ଶନ ମହନ୍ତ, ମୟୁରଭଞ୍ଜ ଜିଲ୍ଲା ପାଇଁ ହରେକୃଷ୍ଣ ମହନ୍ତ ଓ ପରାମର୍ଶଦାତା ଭାବରେ ଭୁବନେଶ୍ୱରର ଶକୁନ୍ତଳା ବଳିଆରସିଂ, କଳାହାଣ୍ଡି ରାମପୁରର ସତ୍ୟନାରାୟଣ ମୁଣ୍ଡଛିନ୍ନା, ନୂଆପଡା ଜିଲ୍ଲା ଖଡିଆଳର ଅଧ୍ୟାପକ ରୁଦ୍ରମାଧବ ବାରିକ, ବ୍ରହ୍ମପୁର ବଂଶୀଧର ନାୟକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ସେହିପରି କଳିଙ୍ଗ ଭାରତୀ ଫାଉଣ୍ଡେସନର ସଭାପତି ଭାବରେ ବ୍ରହ୍ମଗିରୀ ପୁରୀର ରବି ନାରାୟଣ ନନ୍ଦ, ସମ୍ପାଦକ ଭାବରେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କାଶିପଲା ଗ୍ରାମର ଅଶୋକ କୁମାର ବାରିକ, କୋଷାଧ୍ୟକ୍ଷ ଭାବରେ ନୂଆପଡା ଜିଲ୍ଲା ଖଡିଆଳର ଶ୍ରୀବସ୍ ବାରିକ, ଉପସଭାପତି ଭାବରେ ଖଣ୍ଡଗିରିର ଅଲକା ମଲ୍ଲିକ, ଯୁଗ୍ମ ସମ୍ପାଦକ ଭାବରେ ବ୍ରହ୍ମପୁରର ପ୍ରବୀଣ କୁମାର ପ୍ରଧାନ, ସଦସ୍ୟ ଭାବରେ ଥୁଆମୁଳ-ରାମପୁରର ଗୋବିନ୍ଦ ପ୍ରଧାନୀ, ଜୟପୁରର ମଙ୍ଗଳୁରାମ ମହନ୍ତ, ବ୍ରହ୍ମଗିରୀ ବିକ୍ରମ ପଲାଇ, କେଉଁଝର ସୁଦର୍ଶନ ମହନ୍ତ ଓ ପରାମର୍ଶଦାତା ଭାବରେ ବଂଶୀଧର ନାୟକ, ପଦ୍ମଶ୍ରୀ ସୁଭାଷ ପାଲେକର ଓ ଅକ୍ଷୟ ସାମଲଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏହି କମିଟି କ୍ଷତ୍ରୀୟ ପାଇକ ମାନଙ୍କ ପାଇଁ କୃଷିର ବିକାଶ ଶିକ୍ଷା, ବ୍ୟବସାୟର ଉନ୍ନତି ସହିତ ଜାତିର ବୌଦ୍ଧିକ ବିକାଶ ଦିଗରେ କାମ କରିବେ ବୋଲି ଅବାହକ ଜଗତ କିଶୋର ସାମଲ ପ୍ରକାଶ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ଅମଲାମାନଙ୍କର ଦାବିପତ୍ର ପ୍ରଦାନ

ମାଲକାନଗିରି,୫/୭ (ନି.ପ୍ର): ଲକଡାଉନ ସଟଡାଉନ ଚାଲିଥିବା ବେଳେ ପ୍ରତ୍ୟେକ୍ଷ ଭାବେ ନିଜର ସେବା ନିରନ୍ତର ଭାବେ ଯୋଗାଇ ଆସୁଛନ୍ତି ଅମଲାମାନେ । ରାଜସ୍ୱ ଅମଲାମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ଦାବିରେ ଆଜି ମାଲକାନଗିରି ଜିଲ୍ଲା ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟର ସମସ୍ତ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥାନ ନେଇ ମାର୍ଗଦର୍ଶିତା ଥିବା ବେଳେ ରାଜସ୍ୱ ଅମଲା ମାନଙ୍କ ପାଇଁ ଏହା ପ୍ରଜୁଜ୍ୟ ନଥିଲା । ଅମଲାମାନେ ସବୁଦିନ ସରକାରୀ ଓ ଛୁଟି ଦିନ ମାନଙ୍କରେ ନିଜର କାର୍ଯ୍ୟ ତୁଲାଇ ଆସୁଛନ୍ତି । ଅନେକ ଅମଲା ମଧ କରୋନାରେ ଆକ୍ରାନ୍ତ ହୋଇଛନ୍ତି । କରୋନା କାଳରେ ବସଷ୍ଟାଣ୍ଡ , ବିଭିନ୍ନ ରାଜ୍ୟ ସୀମାନ୍ତ ତନଖି ଫାଟକରେ ଏବଂ କଂଟ୍ରୋଲ ରୁମରେ ନିରବଛିନ୍ନ ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି । ସଂଘର ସଭାପତି ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି କୁନା ନାୟକ, ସଦସ୍ୟ ମନୋରଞ୍ଜନ ନାୟକ, ହୃଷିକେଷ ପଣ୍ଡା, ଜୟଦେବ ଦାସ, ମନୋହର ସୁର୍ଗି, ଟୁକୁନା ପଢିଆରି, କିଶୋର ସୁନାନୀ, ଶ୍ୟାମସୁନ୍ଦର ପଣ୍ଡା, ପ୍ରଶାନ୍ତ କୁମାର ପୃଷ୍ଟି ପ୍ରମୁଖ ଜିଲ୍ଲାପାଳ ବିଶାଲ ସିଂଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଅମଲାମାନେ ଜିଲ୍ଲାରେ ଲକଡାଉନ ସଟଡାଉନ ଚାଲିଥିବା ବେଳେ ପ୍ରତ୍ୟେକ୍ଷ ଭାବେ ନିଜର ସେବା ନିରନ୍ତର ଭାବେ ଯୋଗାଇ ଆସୁଛନ୍ତି ବୋଲି ଉଲେଖ କରାଯାଇଛି । ତେଣୁ ଅମଲା ଙ୍କୁ କରୋନା ଯୋଦ୍ଧା ଘୋଷଣା କରିବାକୁ ଦାବୀ କରିଛନ୍ତି !

## ବୁଲା ଗାଇ ଓ କୁକୁରୁଙ୍କ କବଜାରେ କେନ୍ଦ୍ରାପଡା ସହର

କେନ୍ଦ୍ରାପଡ଼ା,୫/୭ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଓ ଆଖପାଖ ଅଂଚଳରେ ବୁଲା ଗାଇ ଓ କୁକୁରଙ୍କ ସଂଖ୍ୟା ବଢିବାରେ ଲଗିଛି । ସହରର ମୁଖ୍ୟ ରାସ୍ତା ଇଛାପୁର ଠାରୁ ତିନିମୁହାଣୀ ପର୍ଯ୍ୟନ୍ତ ୮ କମି ବାଟରେ ପ୍ରାୟ ୨୦ ରୁ ୩୦ ଜାଗା ଶହ ଶହ ସଂଖ୍ୟାରେ ଗାଇ ଓ ବୁଲା କୁକୁର ଜମା ହୋଇ ରହୁଛନ୍ତି । ଯାହା ଫଳରେ ଦିନକୁ ଦିନ ଦୁର୍ଘଟଣା ଘଟି ବାଇକ ଆରୋହୀ ଗୁରୁତର ଭାବରେ ଆହତ ହେଉଛନ୍ତି । ଏଥି ସହିତ କେତେକ ସ୍ଥାନରେ ବୁଲା କୁକୁର ବାଇକ ଆରୋହୀଙ୍କୁ ଗୋଡାଇବାରୁ ଏମାନେ ତଳେପଡି ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି ।

## ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ବ୍ରାହ୍ମଣ ଓ ସେବାୟତଙ୍କୁ ସହାୟତା

ଖୋର୍ଦ୍ଧା,୫/୭ (ନି.ପ୍ର): କରୋନା ମହାମାରୀ କାରଣରୁ ତାଲାବନ୍ଦ ସମୟରେ ରାଜ୍ୟର ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ବାରଣ କରାଯାଇଛି । ଫଳରେ ବିଭିନ୍ନ ମନ୍ଦିର ର ପୂଜକ ଓ ସେବାୟତ ମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଏହାକୁ ହୃଦୟଙ୍ଗମ କରି 'ହିନ୍ଦୁ ଜାଗରଣ ମଂଚ' ପକ୍ଷରୁ ସାରା ରାଜ୍ୟରେ ସେବାୟତ ଓ ପୂଜକଙ୍କ ନିମନ୍ତେ ବିଭିନ୍ନ ପ୍ରକାର ରାସନ ସାମଗ୍ରୀ ପ୍ରଦାନ କରାଯାଉଅଛି । ଏହି ଅବସରରେ ରବିବାର ମଧ୍ୟାହ୍ନ ରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ବ୍ଲକର ଇଞ୍ଜନପୁର ଗ୍ରାମ ସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ହିନ୍ଦୁ ଜାଗରଣ ମଂଚ' ପକ୍ଷରୁ ଚିଲିକା ଅଂଚଳର ୪୦ ରୁ ଉର୍ଦ୍ଧ ପୂଜକ ଓ ସେବାୟତଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି । ହିନ୍ଦୁ ଜାଗରଣ ମଂଚ (ପୂର୍ବ) ପ୍ରାନ୍ତ ସଂଗଠନ ସମ୍ପାଦକ ଶ୍ରୀ ତନ୍ମୟ ଦାଶଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## କଣ୍ଡେଲଗୁଡାରେ ବନ ମହୋତ୍ସବ

ମାଲକାନଗିରି,୫/୭ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ତେଲେରାଇ ପଂଚାୟତର ଅନ୍ତର୍ଗତ କଣ୍ଡେଲଗୁଡା ଗ୍ରାମରେ କାଲିମେଳା ବନାଂଚଳ ତରଫରୁ ବନ ମହୋତ୍ସବ ଆରମ୍ଭ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ କାଲିମେଳା ବନପାଳ ସଂଘପ୍ରଭା ପ୍ରଧାନ, ବନରକ୍ଷୀ ରାମଚନ୍ଦ୍ର ମାଝୀ, ରାମ୍ ଦୁଦୁରା ଓଏନ ଜି ଓ ର କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ବନପାଳ ବନ ମହୋତ୍ସବ ବିଷୟରେ ଧାରଣା ଦେଇ କହିଥିଲେ ଯେ ସପ୍ତାହ ଯାକ ଏହି ମହୋତ୍ସବ ପାଳନ କରାଯିବ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲିବ ଓ ବନ ମହୋତ୍ସବର ଉପକରିତା ଏବଂ ପରିବେଶରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ବନ ମହୋତ୍ସବ ସମୟରେ ବୃକ୍ଷ ରୋପଣର ମୂଳ ଲକ୍ଷ୍ୟ ଇନ୍ଧନ ଯୋଗାଇବା, ଫଳର ଉତ୍ପାଦନ ବୃଦ୍ଧି କରିବା ଏବଂ ଦେଶର ସମ୍ଭାବ୍ୟ ଖାଦ୍ୟ ସମ୍ବଳ ଯୋଗାଡ଼ କରିବାରେ ଗଛ ଆମକୁ ସହାୟକ ହୋଇଥାଏ ।୧୯୫୦ ମସିହାରେ ଜଙ୍ଗଲ ସଂରକ୍ଷଣ ତଥା ବୃକ୍ଷରୋପଣ ପାଇଁ ଜନତାଙ୍କ ମନରେ ଉତ୍ସାହ ସୃଷ୍ଟି କରିବା ପାଇଁ ତତ୍କାଳୀନ କେନ୍ଦ୍ର କୃଷି ଓ ଖାଦ୍ୟ ମନ୍ତ୍ରୀ କେ ଏମ ମୁନ୍ସିଙ୍କ ଦ୍ୱାରା ଏହା ଆରମ୍ଭ କରାଯାଇଥିଲା । କୃଷି କ୍ଷେତ୍ର ଚାରିପାଖରେ ଆଶ୍ରୟସ୍ଥଳ ସୃଷ୍ଟି କରିବାରେ ସାହାଯ୍ୟ ହୋଇଥାଏ । ଜଙ୍ଗଲ ବଂଚାଇବା, ଜଙ୍ଗଲ ସୁରକ୍ଷା କରିବା ଆମର ଦାୟିତ୍ୱ ଏକ ଗଛ ଏକ ଛୁଆ ସହ ସମାନ, ଏହି ସପ୍ତାହ ଯାକ ସାରା ରାଜ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଚାଲିବ । ତେଣୁ ସମସ୍ତେ ଜଙ୍ଗଲ ନଷ୍ଟ ନକରି,ଗଛ ଲଗାଇବା ରେ ଆଗେଇ ଆସନ୍ତୁ ବୋଲି କହିଥିଲେ !

# ପ୍ରକୃତିବନ୍ଧୁ ଶ୍ରୀନିବାସଙ୍କର ଫୁଲବଗିଚା ଉଦ୍‌ଘାଟନ



ଭୁବନେଶ୍ୱର,୫/୭ (ନି.ପ୍ର): ପ୍ରକୃତିବନ୍ଧୁ ଶ୍ରୀନିବାସ ଜେନାଙ୍କର ଫଳବଗିଚା ଗତକାଲି ଉଦଘାଟନ ହୋଇଛି । ଛଅ ଏକର ଜାଗାରେ ଏହି ଫଳବଗିଚାକୁ ଉଦଘାଟନ କରିଛନ୍ତି ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାଏ । ପ୍ରକୃତିକୁ ଭଲ ପାଉଥିବା ମଣିଷଟିଏ ହେଉଛନ୍ତି ଶ୍ରୀନିବାସ ଜେନା । ଗଛ ଲଗାଇବାକୁ ଶ୍ରୀଯୁକ୍ତ ଜେନା ନିଜର ଧର୍ମ ବୋଲି ମାନିନେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଶ୍ରୀନିବାସ ଯେଉଁଦିନ ଜୁନ ପାଞ୍ଚ ତାରିଖ ଦିନ ଜନ୍ମଗ୍ରହଣ କରିଛନ୍ତି ସେଇ ଦିନ ହେଉଛି ବିଶ୍ୱ ପରିବେଶ ଦିବସ । ନିଜର ଜନ୍ମଦିନକୁ ଆହୁରି ସ୍ମରଣୀୟ କରିବା ଲାଗି ନିଜକୁ ଜଣେ ପ୍ରକୃତି ପ୍ରେମୀ ଭାବରେ ଗଢି ତୋଳିଛନ୍ତି ଶ୍ରୀନିବାସ ଜେନା । ୨୦୦୩ ମସିହାରୁ ବୃକ୍ଷରୋପଣ କରିବା ନିଜର ଏକ ନିତିଦିନିଆ ଅଭ୍ୟାସରେ ପରିଣତ କରିଛନ୍ତି ଶ୍ରୀନିବାସ ଜେନା ।ନିଜ ପଂଚାୟତ ରୁ ଆରମ୍ଭ କରି ନିଜ ଜିଲ୍ଲା ଏବଂ ଜିଲ୍ଲା ବାହାରେ ମଧ ଲକ୍ଷାଧିକ ବୃକ୍ଷରୋପଣ କରି ପ୍ରକୃତିର ରାଜା ପାଲଟି ଯାଇଛନ୍ତି ଶ୍ରୀଯୁକ୍ତ ଜେନା ।ନିଜ ଜିଲାରେ ଟ୍ରି-ମ୍ୟାନ ଭାବରେ ପରିଚିତ ଶ୍ରୀନିବାସ ଆଜି ୫୭ ବର୍ଷ ବୟସରେ ପହଞ୍ଚିଥିଲେ ମଧ ଥକିଯାଇନାହାନ୍ତି କିମ୍ବା ହାରିଯାଇନାହାନ୍ତି । ବୃକ୍ଷ ହିଁ ଜୀବନ, ଗୋଟିଏ ଗଛ ତିଆରି କରିବା ଗୋଟିଏ ମଣିଷ ତିଆରି କରିବା ସହ ସମାନ ବୋଲି କହିଛନ୍ତି ଶ୍ରୀନିବାସ ଜେନା ।ଗଛ ସୃଷ୍ଟି କରିବାକୁ ସେ ଯୁବ ପିଢୀକୁ ଆହ୍ୱାନ ଦେଇଛନ୍ତି । ଓଡିଶାର ଚାରି କୋଟି ଲୋକଙ୍କୁ ବାର୍ତ୍ତା ପ୍ରଦାନ କରି ଶ୍ରୀନିବାସ କହିଛନ୍ତି ପ୍ରତେକ ଲୋକ ନିଶ୍ଚିତ ତାର ଜୀବନ କାଳ ଭିତରେ ଅତି ବେଶୀରେ ଦଶଟି ଗଛ ଲଗାଇବା ଦରକାର । ଗଛ ସୃଷ୍ଟି ହେଲେ ପାଣିର ଅଭାବ ରହିବ ନାହିଁ କିମ୍ବା ଅକ୍ସିଜେନର ଅଭାବ ମଧ ଦୂର ହେଇ ପାରିବ ବୋଲି ମତାମତ ଦେଇଛନ୍ତି ଶ୍ରୀନିବାସ ଜେନା । ଗଛର ସୁରକ୍ଷା ହେଇପାରିଲେ ମଣିଷର ସୁରକ୍ଷା ମଧ ହେଇପାରିବ ବୋଲି କହିଛନ୍ତି ଶ୍ରୀନିବାସ ଜେନା । ଦୀର୍ଘ ଅଠର ବର୍ଷ ଭିତରେ ପ୍ରାୟ ଦଶ ଲକ୍ଷରୁ ଅଧିକ ଗଛ ଲଗାଇ ନିଜ ପାଇଁ ଏବଂ ଯାଜପୁର ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି ଶ୍ରୀନିବାସ ଜେନା । ବୃକ୍ଷରୋପଣ କରି ଓଡ଼ିଶାର ଯୁବପୀଢ଼ିଙ୍କ ପାଖରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀନିବାସ ଜେନା । ଏହା ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ଶ୍ରୀଯୁକ୍ତ ଜେନାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ମଧ ଦେଇଛନ୍ତି । ଗଛ ମୋର ବନ୍ଧୁ ଆଉ ପରିବାର ବୋଲି କହିଛନ୍ତି ଶ୍ରୀନିବାସ ଜେନା । ଜୀବନରେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବୃକ୍ଷରୋପଣ କରୁଥିବେ ଆଉ ପରିବେଶକୁ ସବୁଜ ସୁନ୍ଦର ରଖିବେ ବୋଲି କହିଛନ୍ତି ଶ୍ରୀନିବାସ ଜେନା ।


# ପ୍ରେମ ହିଁ ଲାଭ ପ୍ରଦାୟକ



ଆମର ଆବଶ୍ୟକ କେବଳ ପ୍ରେମ, ସରଳତା ଓ ସହିଷ୍ଣୁତା । ଜୀବନର ଅର୍ଥ ଅଭିବୃଦ୍ଧି, ବିସ୍ତାର । ବିସ୍ତାର ଓ ପ୍ରେମ ଏକାକଥା । ସୁତରାଂ ପ୍ରେମ ହିଁ ଜୀବନ - ତାହା ହିଁ ଜୀବନର ଏକମାତ୍ର ଗତି ନିୟାମକ । ଅନ୍ୟ ପକ୍ଷରେ ସ୍ୱାର୍ଥପରତା ହେଉଛି ମୃତ୍ୟୁ । ପରୋପକାର ହିଁ ଜୀବନ, ପରୋପକାରର ଅଭାବ ହେଉଛି ମୃତ୍ୟୁ । ଜଗତର ଅଧିକାଂଶ, ପ୍ରାୟ ନବେ ଭାଗ ପଶୁତୁଲ୍ୟ ମଣିଷ ମୃତ, ପ୍ରେତ ତୂଲ୍ୟ । କାରଣ ଯାହାର ହୃଦୟରେ ପ୍ରେମ ନାହିଁ, ସେ ମୃତ । ମନୁଷ୍ୟ ହୋଇ ମନୁଷ୍ୟ ପାଇଁ ଯେଉଁମାନଙ୍କ ହୃଦୟରେ ସମ୍ବେଦନଶୀଳତା ଦରଦ ନାହିଁ, ସେମାନେ ପୁଣି କି ମନୁଷ୍ୟ ? କ୍ୱଚିତ କର୍ତ୍ତବ୍ୟ ରୁଚିକର ଓ ମଧୁର । କିନ୍ତୁ ପ୍ରେମ ଯଦି କର୍ତ୍ତବ୍ୟ ପରାୟଣତାକୁ ସ୍ନେହସିକ୍ତ କରେ ତେବେ ତାହା ବେଶ୍ ସହଜ ଭାବରେ ଗଡ଼ି ଚାଲେ, ନତୁବା କର୍ତ୍ତବ୍ୟର ଚକ ଏକ କ୍ରମାଗତ ଘର୍ଷଣ, ଟଣାଓଟରା ପାଲଟେ । ଅନ୍ୟଥା କିପରି ପିତାମାତା ସ୍ଥାନ ପ୍ରତି, ସନ୍ତାନ ପିତାମାତାଙ୍କ ପ୍ରତି, ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି କର୍ତ୍ତବ୍ୟ ରୁଚିକରମଧୁର ହୁଏ ଏବଂ ପ୍ରେମ କେବଳ ସ୍ୱାଧୀନତାରେ ହିଁ ଝଲସି ଉଠେ; ବିକଶିତ ହୁଏ । ଇନ୍ଦ୍ରିୟର ଦାସ, କ୍ରୋଧର ଦାସ, ଈର୍ଷାର ଦାସ ଓ ଯେଉଁ ସବୁ ଅଜସ୍ର ଛୋଟଛୋଟ ଘଟଣା ଜୀବନରେ ପ୍ରତ୍ୟହ ଘଟୁଛି, ସେଗୁଡ଼ିକର ଦାସ ହେବା କ'ଣ ସ୍ୱାଧୀନତା ? ଆମେ ଜୀବନରେ ଯେଉଁସବୁ ଛୋଟ ବଡ଼ ସଂଘର୍ଷର ସମ୍ମୁଖୀନ ହେଉ, ସେଗୁଡ଼ିକୁ ସହ୍ୟ କରିବା ହିଁ ସ୍ୱାଧୀନତାର ସର୍ବୋଚ୍ଚ ଅଭିବ୍ୟକ୍ତି । ସ୍ତ୍ରୀ ଲୋକମାନେ ଈର୍ଷାକାତରାତା ଓ ଚିଡ଼ିଚିଡ଼ି ପ୍ରକୃତିର ଦାସ ହୋଇ ସ୍ୱାମୀଙ୍କ ଉପରେ ଦୋଷାରୋପ କରନ୍ତି ଏବଂ ମନେ କରନ୍ତି, ସେମାନେ ଯେପରି ନିଜ ନିଜର ସ୍ୱାଧୀନତା ଜାହିର କରୁଛନ୍ତି; କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ, ଏହା ଦ୍ୱାରା ସେମାନେ ନିଜକୁ ଦାସୀ ବୋଲି ସାବ୍ୟସ୍ତ କରୁଛନ୍ତି । ଯେଉଁ ସ୍ୱାମୀମାନଙ୍କ ଅବସ୍ଥା ମଧ ତଦ୍ରୁପ । ଯଥାର୍ଥ ପ୍ରେମ କେବେ ବିଫଳ ହୁଏ ନାହିଁ । ଆଜି ହେଉ, କାଲି ହେଉ, ଶତଶତ ଯୁଗ ପରେ ହେଉ, ସତ୍ୟର ବିଜୟ ନିଶ୍ଚୟ ହେବ । ପ୍ରେମ ହିଁ ବିଜୟ ହାସଲ କରିବ ସୁନିଶ୍ଚିତ । ତୁମମାନେ କ'ଣ ତୁମର ସାଥୀ ମନୁଷ୍ୟ ଜାତିକୁ ଭଲପାଅ ? ଈଶ୍ୱରଙ୍କୁ କେଉଁଠାରେ ଖୋଜିଛ ? ଦରିଦ୍ର, ଦୁଃଖୀ, ଦୁର୍ବଳ ଏମାନେ ସମସ୍ତେ କ'ଣ ତୁମର ଈଶ୍ୱର ନୁହଁନ୍ତି ? ପ୍ରଥମେ ତାଙ୍କର ଉପାସନା କରୁନାହିଁ କାହିଁକି ? ଗଙ୍ଗାତୀରରେ ବାସ କରି କୂପ ଖନନ କରୁଛ କାହିଁକି ? ପ୍ରେମର ସର୍ବଶକ୍ତିମତ୍ତାରେ ବିଶ୍ୱାସ ରଖ । ନାମ ଯଶର ଫାଙ୍କା ଚକଚାକ୍ୟରେ କଅଣ ହେବ ? ହୃଦୟରେ ପ୍ରେମ ଥିଲେ ହିଁ ଫାଙ୍କା ଚାଚକ୍ୟରେ କଅଣ ହେବ ? ହୃଦୟରେ ପ୍ରେମ ଥିଲେ ହିଁ ତୁମେ ସର୍ବଶକ୍ତିମାନ ହୋଇଛ । ତୁମେ ସମ୍ପୂର୍ଣ୍ଣ ନିଷ୍କାମ ନିଃସ୍ୱାର୍ଥୀ ତ ? ତାହା ଈଶ୍ୱର ତାଙ୍କ ସନ୍ତାନଗଣଙ୍କୁ ସମୁଦ୍ରର ଅତଳ ଗର୍ଭରେ ମଧ ରକ୍ଷା କରିଥାଆନ୍ତି । ଯଦି ଏ ସଂସାର -ନର୍କ କୁଣ୍ଡ ମଧ୍ୟରେ ଦିନକ ପାଇଁ ମଧ ମନରେ ଟିକିଏ ଆନନ୍ଦ ଓ ଶାନ୍ତି ଅଣାଯାଇ ପାରେ, ସେହି ଟିକକ ହିଁ ପ୍ରେମ ଓ ସତ୍ୟ ।

## ଗାଁ ବାହାରେ ବାହାଘର ମନା

ମଧ୍ୟପ୍ରଦେଶର ଖରଗୋନ ଜିଲ୍ଲା ଅନ୍ତର୍ଗତ ଚୋଲି ଗ୍ରାମ । ତେବେ ୩୦୦ବର୍ଷ ହେବ ଗାଁର ଯୁବକ-ଯୁବତୀମାନଙ୍କ ବାହାଘର ଗାଁ ବାହାରେ ହୋଇନାହିଁ । ସେହି ଗାଁ ଭିତରେ ହିଁ ସେମାନଙ୍କର ବାହାଘର କରିଦିଆଯାଏ । ବୋହୂ କିମ୍ବା ଜ୍ୱାଇଁ ଗାଁ ବାହାରୁ ଆସନ୍ତି ନାହିଁ । ଅର୍ଥାତ୍ ଝିଅମାନଙ୍କ ବାପଘର ଏବଂ ଶାଶୂଘର ଏକାଠି ସେହି ଗୋଟିଏ ଗାଁରେ । ଏପରିକି ଜଣଜଣଙ୍କର ବାହାଘର ପଡ଼ିଶା ଘରର ପୁଅ ବା ଝିଅ ସହିତ ମଧ କରାଯାଇଥାଏ । ବର୍ଷବର୍ଷ ଧରି ସେଠାକାର ଠାକୁର ପରିବାର ଏପରି ଏକ ପରମ୍ପରା ପାଳନ କରିଆସୁଛନ୍ତି । ଗାଁରେ ପ୍ରାୟ ୬୦୦ ପରିବାର ଠାକୁର ସମାଜର ହୋଇଥିବା ବେଳେ ସେମାନେ ପ୍ରାୟ ୩୦୦ ବର୍ଷ ହେଲା ପୁଅଝିଅଙ୍କ ବାହାଘର ଗାଁ ଭିତରେ ହିଁ ସ୍ଥିର କରିଆସୁଛନ୍ତି । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ନିଜ ସମାଜ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା । ଗ୍ରାମବାସୀଙ୍କ କହିବା ଅନୁସାରେ, ସମାଜର ଲୋକମାନେ କେଉଁକେଉଁ ସ୍ଥାନରେ ବସବାସ କରୁଛନ୍ତି ଏକଥା ସେମାନଙ୍କ ପୂର୍ବପୁରୁଙ୍କୁ ଜଣା ନଥିଲା । ତେଣୁ ଭିନ୍ନ ପରିବାରରେ ଝିଅ ବାହା ନକରିବା ଲାଗି ସେମାନେ ଗାଁ ଭିତରେ ହିଁ ପରସ୍ପର ସହ ବନ୍ଧୁ ବାନ୍ଧିବାରେ ଲାଗିଲେ । ଅବଶ୍ୟ ଏବେ କେତେକ ବାହାଘର ବାହାର ଜାଗାରେ କରାଯାଉଛି । ସେମାନେ କିନ୍ତୁ ଏହି ଗ୍ରାମର ମୂଳବାସିନ୍ଦା ଏବଂ କେବଳ ରୋଜଗାର ଲାଗି ବାହାରେ ରହିଛନ୍ତି ।



ଠାକୁର ସମାଜର ୨୪ଟି ଗୋତ୍ର ରହିଥିବା ବେଳେ ବନ୍ଧୁ ବାନ୍ଧିବା ବେଳେ ତିନିପିଢ଼ିର ସମ୍ପର୍କ ଦେଖାଯାଏ । କେବଳ ନିଜ ସମାଜକୁ ଏକାଠି ରଖିବା ଲାଗି ସେମାନେ ଏହି ପରମ୍ପରା ପାଳନ କରିଆସୁଛନ୍ତି ବୋଲି ଗ୍ରାମବାସୀ କହନ୍ତି ।

## ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ



ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ । କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ । ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ । ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଅଧିକ କାଲ୍‌ସିୟମ ପ୍ରାଣଘାତୀ

କାଲସିୟମ ବଟିକା ଅଧିକ ପରିମାଣରେ ଖାଇବା ଅନୁଚିତ। କାଲସିଅମ ରକ୍ତରେ ଗଚ୍ଛିତ ରହିଲେ, ନାନା ରୋଗ ସୃଷ୍ଟି କରାଉଥିବା ପ୍ରମାଣିତ। କାଲସିଅମ ଯୋଗୁଁ ବୃକକ୍‌ରେ ପଥର ହୁଏ। ସବୁଠାରୁ ସାଧାରଣ ବୃକକ୍ ପଥର ହେଉଛି 'କାଲସିଅମ୍ ଅଗଜାଲେଟ୍ ପିବଲ୍‌ସ'। କାଲସିଅମ, ଅଗଜାଲିକ ଅମ୍ଳ ସଂସ୍ପର୍ଶରେ ଆସିଲେ ପଥରରେ ପରିଣତ ହୁଏ। ତେଣୁ କାଲସିଅମ ବଟିକା ପ୍ରତି ସମସ୍ତେ ସତର୍କ ରହିବା ଜରୁରୀ।




କାଲସିଅମ ବଟିକାକୁ କେବେ ହେଲେ ଖାଲି ପେଟରେ ଖାଆନ୍ତୁ ନାହିଁ। ସେଭଳି କ୍ଷେତ୍ରରେ କାଲସିଅମ ସିଧା ମୂତ୍ରନଳୀ ମଧ୍ୟକୁ ଚାଲିଯାଏ। ସର୍ବଦା ଖାଦ୍ୟ ସହ କାଲସିଅମ ଖାଆନ୍ତୁ। ପୁଣି ପ୍ରଚୁର ପରିମାଣର ପାଣି ପିଅନ୍ତୁ। ଯେଉଁମାନଙ୍କର ବୃକକ୍ ଜନିତ ସମସ୍ୟା ଅଛି, ସେମାନେ ଦିନରେ ଅନ୍ୟୁନ ତିନି ଲିଟର୍ ପାଣି ପିଇବା ଦରକାର। ଭୋଜନ ପରେ ପ୍ରତିଥର ଏକ ଗ୍ଲାସ ପାଣି ପିଅନ୍ତୁ। ଶୋଇବା ପୂର୍ବରୁ ଏକ ଗ୍ଲାସ ପିଅନ୍ତୁ। ରାତିରେ ଉଠୁଥିଲେ ବି ପାଣି ପିଅନ୍ତୁ। କମଳା ରସ, ଲେମ୍ବୁ ରସ, ଚାହା, କଫି ୱାଇନ ଓ ବିଅର୍ ଆଦି ପିଇ ପାରିବେ। ଲୁଣ କମ୍ ଖାଆନ୍ତୁ। ଲୁଣ, ପରିସ୍ରାରେ କାଲସିଅମର ପରିମାଣ ବଢ଼ାଏ। ତାହାଛଡ଼ା ମୃଦୁ ପାନୀୟ ଅଙ୍ଗୁର ରସ, କ୍ରାନବେରି ରସ, ପାଳଙ୍ଗ, ସମସ୍ତ ପ୍ରକାରର ଫାଷ୍ଟଫୁଡ୍ ଏବଂ କାଜୁ ଜାତୀୟ ମଞ୍ଜି ମଧ୍ୟ ଲୁଣର ପରିମାଣ ବଢ଼ାଉଥିବାରୁ ନଖାଇବା ଭଲ।

## ବନ୍ଧାକୋବି କଦଳୀ କୋପ୍ତା




*ସାମଗ୍ରୀ:*

କଞ୍ଚା କଦଳୀ ୧ ସିଝା, କଟା ବନ୍ଧାକୋବି - ୧ କପ୍, ୧/୨ କପ୍- ବେସନ, କଞ୍ଚା ଲଙ୍କା - ୨, ଜିରା - ୧/୨ ଚାମଚ, କଟାଧନିଆ ପତ୍ର- ୧ ଚାମଚ, ଧନିଆ ଗୁଣ୍ଡ-୧ ଚାମଚ, ଜିରାଗୁଣ୍ଡ- ୧ ଚାମଚ, ଲଙ୍କାଗୁଣ୍ଡ-୧/୨ ଚାମଚ, ଗରମ ମସଲା-୧ ଚାମଚ, ହଳଦୀ ଗୁଣ୍ଡ- ୧/୪ ଚାମଚ, ଟମାଟୋ-୨, ଅଦା ପେଷ୍ଟ, ୧ ଚାମଚ, ଦହି -୪ଚାମଚ, ତେଜ ପତ୍ର-୩, ରିଫାଇନତେଲ, ଫ୍ରେଶ୍ କ୍ରିମ ଏବଂ ଲୁଣ ଆବଶ୍ୟକ ଅନୁସାରେ ।

*ପ୍ରସ୍ତୁତି ପ୍ରଣାଳୀ:*

ପ୍ରଥମେ କଟା କୋବିକୁ ଭଲ ଭାବେ ଧୋଇ ରଖନ୍ତୁ । କୋଟିଏ ପାତ୍ରରେ ସିଝା, କଦଳୀ, କୋବି, ବେସନ, କଞ୍ଚା ଲଙ୍କା, ଧନିଆପତ୍ର, ଧନିଆଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଲଙ୍କାଗୁଣ୍ଡ ଏବଂ ଲୁଣକୁ ମିଶାଇ ଗୋଳାନ୍ତୁ । ଗ୍ୟାସରେ ପ୍ୟାନ ବସାଇ ସେଥିରେ ତେଲ ଗରମ କରନ୍ତୁ । ତେଲ ଗରମ ହେଲେ ମିଶ୍ରଣରେ ଗୋଲଗୋଲ ବଲ ତିଆରି କରି ଛାଣନ୍ତୁ । କୋପ୍ତା ଲାଲ ହୋଇଆସିଲେ କାଢ଼ି ଅନ୍ୟତ୍ର ରଖନ୍ତୁ। ଏବେ ବଳକା ତେଲରେ ତେଜ ପତ୍ର, ଜିରା, ଅଦା ପେଷ୍ଟ, ଦହି ପକାଇ ଗୋଳାନ୍ତୁ । ପରେ ଟମାଟୋ, ଗରମ ମସଲା, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀ ପକାଇ କଷନ୍ତୁ । ମସଲା କଷି ହେଲା ପରେ କୋପ୍ତା ପକାନ୍ତୁ । ବର୍ତ୍ତମାନ କ୍ରିମ୍ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଏବେ ପ୍ରସ୍ତୁତ ବନ୍ଧାକୋବି କଦଳୀ କୋପ୍ତା ।



## ଜାଣିବା କଥା

ଇଡିଲି ପିଠା ପାଇଁ ପିଠଉ ପ୍ରସ୍ତୁତ କରୁଥିବା ବେଳେ ସେଥିରେ କିଛି ସଜଭାତ ବାଟି ଦିଅନ୍ତୁ ପିଠା ନରମ ହେବ ।

ସିଝା ଅଣ୍ଡା କିଛି ସମୟ ଗରମ ପାଣିରେ ରଖିଦେଲେ ଶୀଘ୍ର ଛଡ଼ାଇ ହୋଇଯାଏ ।

ଅଣ୍ଡା ଯଦି ଫାଟି ଯାଇଥାଏ, ପାଣିରେ ୧ଚାମଚ ଭିନେଗାର ମିଶାଇ ଅଣ୍ଡା ସିଝାନ୍ତୁ । ଏହାର ତରଳ ଅଂଶ ବାହାରିବ ନାହିଁ ।

ରୁଟି ପାତ୍ରରେ କେତୋଟି ଅଦାକଟା ରଖିଲେ ରୁଟି ସତେଜ ଏବଂ ନରମ ରହିପାରେ ।

ପକୁଡ଼ି କୁଡ଼ମୁଡ଼ିଆ କରିବା ଲାଗି ବେସନରେ ଅଳ୍ପ କର୍ଣ୍ଣଫ୍ଲୋର ନଚେତ୍ ଚାଉଳ ଚୁନାର ମିଶାଇ ଦିଅନ୍ତୁ ।

କଲରାର ପିତା କମାଇବା ପାଇଁ ଏହାକୁ କାଟିବା ପରେ ଲୁଣରେ ଗୋଳାଇ ଅଧଘଣ୍ଟା ରଖିଦେବେ ।

ସବୁଜ ପତ୍ରର ପରିବା ପ୍ଲାଷ୍ଟିକ ପାତ୍ରରେ ରଖିଲେ ଶୀଘ୍ର ଖରାପ ହୋଇଯାଏ ।


ପିଆଜ କାଟିବା ପୂର୍ବରୁ ଏହାକୁ ଦୁଇଫାଳ କରି କିଛି ସମୟ ପାଣିରେ ରଖି ଦିଅନ୍ତୁ । ପରେ କାଟିଲେ ଆଖି ପୋଡ଼ିବ ନାହିଁ ।

## ପିଲାଙ୍କ ବୃକକ୍ ସମସ୍ୟା




ପିଲା ପରିସ୍ରା କଲାବେଳେ ଅସ୍ୱାଭାବିକ କଷ୍ଟ ପାଇ ଜଳାପୋଡ଼ା ହେଉଛି କି? ସେ ଯଥେଷ୍ଟ ପାଣି ପିଉଥିଲେ ମଧ୍ୟ କମ୍ ପରିସ୍ରା କରୁଛି କି? ପରିସ୍ରାରେ ବେଳେବେଳେ ରକ୍ତ ପଡୁଛି କି? କ୍ରମାଗତ ଜ୍ୱର ରହିବା ସହ ବାନ୍ତି କରୁଛି କି? ଖାଉଥିବା ସତ୍ତ୍ୱେ ଓଜନ ବଢୁନି କି? ଏଭଳି ସମସ୍ୟାକୁ ଅଣଦେଖା କରନ୍ତୁନାହିଁ। ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। କାଳେ ବକ୍କ୍ ବା କିଡ୍‌ନି ସମସ୍ୟା ଥାଇପାରେ।

ଅନେକଙ୍କ ଧାରଣା, ବୃକକ୍ ରୋଗ କେବଳ ବୟସ୍କଙ୍କୁ ହୁଏ। ଏହା ପିଲାଙ୍କୁ ବି ହୋଇପାରେ। ଗର୍ଭସ୍ଥ ଭ୍ରୁଣ ବେଳେ ବେଳେ ବୃକକ୍ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଗର୍ଭବତୀ ମାଆଙ୍କର ସୋନୋଗ୍ରାଫି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ। ଏଥିରୁ ଭ୍ରୁଣର ବୃକକ୍‌ର ଆକାର ସ୍ପଷ୍ଟ ହୋଇଥାଏ। ପରିସ୍ରା ନଳିରେ କିଛି ଅବରୋଧ ବା ପ୍ରତିବନ୍ଧ ଥିଲେ ବି ଜଣାପଡ଼ିଯାଏ। ଗର୍ଭଧାରଣ ସମୟରେ ମାଆର ଜରାୟୁରେ ଜଳର ଅଂଶ କମ୍ ଥିଲେ, ପିଲାଠାରେ ଏହି ସମସ୍ୟା ପରବର୍ତ୍ତୀ ସମୟରେ ଦେଖାଦିଏ। ବୃକ୍କ ପଥର ସମସ୍ୟା ମଧ୍ୟ ପିଲାର ହୋଇପାରେ। ପରିସ୍ରା ଲାଗୁଥିବା ସମୟରେ, ପରିସ୍ରା ନକରି ଚାପିଲେ ପରବର୍ତ୍ତୀ ସମୟରେ ଏହା ଘାତକ ସାବ୍ୟସ୍ତ ହୁଏ। ପିଲାଙ୍କୁ ଯଥେଷ୍ଟ ପରିମାଣର ପାଣି ପିଇବାକୁ ଦିଅନ୍ତୁ ଏବଂ ସେ ଯେପରି ପରିସ୍ରା ନଅଟକାଏ ଦୃଷ୍ଟି ଦିଅନ୍ତୁ। ପିଲାଙ୍କର ଆଉ ଏକ ସମସ୍ୟା ମୂତ୍ରନଳୀ ସଂକ୍ରମଣ। ଏ କ୍ଷେତ୍ରରେ ପିଲା ବାରମ୍ବାର ପରିସ୍ରା କରିଥାଏ। ପୁଅ ଓ ଝିଅଙ୍କ କ୍ଷେତ୍ରରେ ଅଲଗା ଅଲଗା ବୟସରେ ଏହା ପରିଲକ୍ଷିତ ହୁଏ। ପୁଅଙ୍କ ଠାରେ ଏହି ସମସ୍ୟା ଜନ୍ମର ପ୍ରଥମବର୍ଷରେ ଅଧିକ ଦେଖାଯାଏ। ଝିଅଙ୍କ କ୍ଷେତ୍ରରେ ଜନ୍ମର ବର୍ଷକ ପରେ ପରିଲକ୍ଷିତ ହୋଇଥାଏ। ଏ କ୍ଷେତ୍ରରେ ପିଲା ପରିସ୍ରା କଲା ବେଳେ ଅସ୍ୱାଭାବିକ ଯନ୍ତ୍ରଣା ପାଇ କାନ୍ଦେ ଏବଂ କେତେକ କ୍ଷେତ୍ରରେ ଜ୍ୱର ହୁଏ। ଆଉ ଏକ ରୋଗ ନେଫ୍ରାଇଟିସ୍। ପିଲାଙ୍କ ବୃକକ୍ ସମସ୍ୟା ବାପା-ମାଆ ସହଜରେ ଜାଣିପାରନ୍ତି ନାହିଁ। ଫଳରେ ପରବର୍ତ୍ତୀ ସମୟରେ ପିଲା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗିଥାଏ। ତେଣୁ, ସନ୍ଦେହ ହେଲେ ପରିସ୍ରା ପରୀକ୍ଷା ସହ ସୋନୋଗ୍ରାଫି, ରକ୍ତରେ କ୍ରିଏଟିନିନର ମାତ୍ରା ଯାଂଚ କରାନ୍ତୁ। ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।




## ଋତୁ ଅନୁସାରେ ଉତ୍ତାପ

କଫି ପିଇବାରେ ଅଭ୍ୟସ୍ତ ଥିଲେ ବି ଖରାଦିନେ ଆପାତତଃ କମ୍ ଗରମ ଏବଂ ଶୀତଦିନେ ଗ
କଫି ପିଇବାକୁ ଭଲ ଲାଗେ । ହେଲେ କପରେ କଫି ରଖି କୌଣସି କାମ କରୁକରୁ ଏହା
ଅଧିକ ଥଣ୍ଡା ହୋଇଯାଏ, ପିଇବାକୁ ଇଚ୍ଛା ହୁଏନି । ଚଳିତବର୍ଷ ଏମ୍ବର ପକ୍ଷରୁ ଜାଭା
ଟେକନୋଲୋଜି ବ୍ୟବହାର କରାଯାଇ ଏପରି ଏକ ସେରାମିକ୍ କପ୍ ପ୍ରସ୍ତୁତ କରାଯାଇଛି
ଚାର୍ଜିଂ ପ୍ୟଡଯୁକ୍ତ କୋଷ୍ଟର ସହାୟତାରେ କଫି ପିଇବା ଉପଯୁକ୍ତ ତାପମାତ୍ରାରେ ରଖିପାରିବ
ଥର୍ମୋମିଟର ଏବଂ ବିଦ୍ୟୁତ ଉପକରଣରେ ସଜ୍ଜିତ ଷ୍ଟେନଲେସ୍ ଷ୍ଟିଲର କପ ଉପରେ ସେରା
ଆବରଣ ଦିଆଯାଇଛି । କପର ତଳେ ଥିବା ବ୍ୟାଟେରି ତାପମାତ୍ରା ପରିଚାଳନା କରିଥାଏ ।
କପ୍ ଦ୍ୱାରା ନିଜ ପସନ୍ଦର ତାମପାତ୍ରା ସେଟ୍ କରିବାକୁ ପଡ଼େ ।




## ଅନିଦ୍ରା ସମସ୍ୟାରୁ ମୁକ୍ତି ପାଇବା ପାଇଁ ପାନୀୟ



ଭୋଜନ କରିବାପରେ ସଙ୍ଗେ ସଙ୍ଗେ ଶୋଇପଡ଼ିଲେ ଓଜନ ବଢ଼ିଯାଇଥାଏ ବୋଲି ସାଧାରଣରେ ବିଶ୍ୱାସ କରାଯାଏ । ଏହା ସତ ମଧ । ଏଥିପାଇଁ ପ୍ରତ୍ୟେକ ଲୋକ ନିଜ ଶରୀରର ଓଜନକୁ ସନ୍ତୁଳିତ ରଖିବାପାଇଁ ଭୋଜନପରେ ଓ ଶୋଇବାର ବ୍ୟବଧାନ କେତେ ରଖିବେ ନଜାଣିପାରି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଜାଗ୍ରତ ରୁହନ୍ତି । ଅନ୍ୟପଟେ ଅଫିସ କାମ କରିବାକୁ ଯାଇ କର୍ମଜୀବି ମହିଳା ହୁଅନ୍ତୁ ଅବା ପୁରଷ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅନିଦ୍ରା ରହିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ

କିନ୍ତୁ ଏମିତି କିଛି ପାନୀୟ ଅଛି ଯାହାକୁ ଶୋଇବା ପୂର୍ବରୁ ପିଇଲେ ଓଜନ ବୃଦ୍ଧି ପାଇବ ନାହିଁ-

ଶୋଇବା ପୂର୍ବରୁ ଏକ ଗ୍ଲାସ୍ ମୌସୁମୀର ଜୁସ୍ ପିଇଲେ ମଧ ଭଲ ନିଦ ହୋଇଥାଏ । ଏହା ଶରୀରର ଓଜନ କମ୍ କରିବାରେ ସହାୟକ ହୋଇଥାଏ । ଏଥିରେ ଭିଟାମିନ୍ ସି ଓ ପୋଟାସିୟକ୍ ପ୍ରଚୁର ମାତ୍ରାରେ ଥିବା ହେତୁ ତ୍ୱାଚା ପାଇଁ ମଧ ଲାଭପ୍ରଦ ବୋଲି କୁହାଯାଏ । ମୌସୁମୀ ଜୁସ୍ ପିଇଲେ ରକ୍ତ ସଞ୍ଚାଳନ ମଧ ନିୟନ୍ତ୍ରିତ ହୋଇଥାଏ । ଏହାକୁ ନିୟମିତ ସେବନ କଲେ ସ୍ୱାସ୍ଥ୍ୟ ମଧ ଭଲ କିନ୍ତୁ ରାତିରେ କ୍ଷୀର ସହିତ ମୌସୁମୀ ଜୁସ୍ ପିଇବା ଅନୁଚିତ୍ ।

ଶୋଇବା ପୂର୍ବରୁ ଏକ ଗ୍ଲାସ୍ କ୍ଷୀର ପିଇଲେ ଖୁବ୍ ଭଲ ନିଦ ଆସେ । ତା'ଛଡ଼ା ଶରୀରରେ ଯେତେ ଚାପ ଥିଲେ ମଧ ତାହା କମିବା ସହିତ ଶରୀରର ଓଜନ ମଧ କମିଯାଏ। ଠିକ୍ ସେହିପରି ଲୋ କାଲୋରି ସୋୟା ମିଲ୍କ ସେବନ କଲେ ମଧ ଓଜନ ହ୍ରାସ ପାଇଥାଏ । ଏଥିରେ ଆଦୌ କ୍ୟାଲେରି ନଥାଏ। କେମୋ ମାଇଲ୍ ଟି ସେବନ କଲେ ମଧ ଓଜନ କମିଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ଜୁଲାଇ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆଫଗାନିସ୍ତାନର ଉତ୍ତପ୍ତ ସ୍ଥିତି...

ଆଫଗାନିସ୍ତାନରୁ ଆମେରିକୀୟ ଓ ନାଟୋ ସେନାଙ୍କ ଚୂଡ଼ାନ୍ତ ପ୍ରସ୍ଥାନ ଆରମ୍ଭ ହୋଇଛି, ତାହା ଖୁବ୍‌ଶୀଘ୍ର ସଂପୂର୍ଣ୍ଣ ହେବାକୁ ଯାଉଛି। ରାଷ୍ଟ୍ରପତି ଜୋ ବାଇଡେନ ଗତ ଏପ୍ରିଲ ମାସରେ କରିଥିବା ଘୋଷଣା ଅନୁସାରେ, ଆସନ୍ତା ସେପ୍ଟେମ୍ବର ୧୧ ତାରିଖ ସୁଦ୍ଧା ଏହା ସଂପୂର୍ଣ୍ଣ ହୋଇସାରିଥିବ। କେବଳ ବାଇଡେନ୍ ନୁହଁନ୍ତି, ତାଙ୍କ ପୂର୍ବରୁ ଅନ୍ୟ ତିନିଜଣ ପୂର୍ବତନ ରାଷ୍ଟ୍ରପତି ମଧ୍ୟ ଦେଶବାସୀଙ୍କୁ ସେଇ ପ୍ରତିଶ୍ରୁତି ଦେଇଥିଲେ। ତେବେ ଉତ୍ପନ୍ନ ସ୍ଥିତି ଯୋଗୁଁ ସେମାନେ ତାହା ପୂରଣ କରିବାକୁ ସକ୍ଷମ ହୋଇପାରିନଥିଲେ। ଏବେ ଦୀର୍ଘ ଦୁଇ ଦଶନ୍ଧି ପରେ ମାର୍କିନ ଏବଂ ନାଟୋର ମିଳିତ ସେନା ଯୁଦ୍ଧବିଧ୍ୱସ୍ତ ଆଫଗାନିସ୍ତାନରୁ ବିଦାୟ ନେଉଛନ୍ତି, ଯେତେବେଳେ କି ସେ ଦେଶରେ ଶାନ୍ତି ପ୍ରତିଷ୍ଠା ହେବାର କୌଣସି ନାମ ଗନ୍ଧ ନାହିଁ। ସେପ୍ଟେମ୍ବର ୧୧ ତାରିଖରେ ଟ୍ରେଡ୍ ଟାୱାର ଆକ୍ରମଣ ଘଟଣା ପରେ ପରେ ଆମେରିକା ନାଟୋ ବାହିନୀ ସମେତ ସେ ଦେଶକୁ ସେନା ପଠାଇ ତାଲିବାନ ଗୋଷ୍ଠୀଙ୍କୁ କ୍ଷମତାଚ୍ୟୁତ୍ କରିବା ସହ ଆତଙ୍କବାଦକୁ ମୂଳପୋଛ କରିବା ନିମନ୍ତେ ଅପରେସନ୍ ଆରମ୍ଭ କରିଥିଲା। ଇତିମଧ୍ୟରେ ଅଲ୍ କାଏଦା ସମେତ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କ ପ୍ରଭାବକୁ ଯଥେଷ୍ଟ ମାତ୍ରାରେ ହ୍ରାସ କରିଥିଲେ ସୁଦ୍ଧା ତାଲିବାନକୁ ମୂଳପୋଛ କରିବାରେ ଆମେରିକା ବିଫଳ ହୋଇଛି। ଦୀର୍ଘ ଦୁଇ ଦଶନ୍ଧିରୁ ଏହି ସେନା କାର୍ଯ୍ୟାନୁଷ୍ଠାନରେ ଆମେରିକାକୁ ହଜାର ହଜାର କୋଟି ଡଲାର ବ୍ୟୟ କରିବାକୁ ପଡ଼ିଛି ଏବଂ ଏହାର ହଜାର ହଜାର ସେନା ସେଠାରେ ପ୍ରାଣ ହରାଇଛନ୍ତି। ତେଣୁ ଏହାର କୌଣସି ଶେଷ ନାହିଁ ବୋଲି ହୃଦ୍‌ବୋଧ ହେବାପରେ ସେହି ତାଲିବାନମାନଙ୍କ ସହ ଶାନ୍ତି କଥାବାର୍ତ୍ତା କରି ମାର୍କିନ୍ ସେନା ସେଠାରୁ ବିଦାୟ ନେବା ଆମେରିକାର ଅସମର୍ଥତାକୁ ସ୍ପଷ୍ଟ କରେ। ଅଲ୍ କାଏଦା, ତାଲିବାନ ଗୋଷ୍ଠୀଙ୍କ ସମେତ ଅନ୍ୟ ସମସ୍ତ ଉଗ୍ରବାଦୀଙ୍କ ଆଡାସ୍ଥଳୀ ପାଲଟିଥିବା ଆଫଗାନିସ୍ତାନକୁ ଏହା କବଳରୁ ମୁକ୍ତ କରିବା ଏବଂ ବିଶ୍ୱରୁ ଆତଙ୍କବାଦକୁ ମୂଳପୋଛ କରିବା ଥିଲା ମିଳିତ ସେନାଙ୍କ ଉଦ୍ଦେଶ୍ୟ। ଏଥିରେ ସେମାନେ କେତେଦୂର ସଫଳ ହୋଇଛନ୍ତି ସେ ଆକଳନ କରିବା ଦୂର କଥା, କିନ୍ତୁ ଏବେ ସେମାନେ ତାଲିବାନ ଗୋଷ୍ଠୀଙ୍କ ସହ ଶାନ୍ତି ଆଲୋଚନାରେ ସ୍ୱାକ୍ଷର କରି ସେଠାରୁ ବିଦାୟ ନେବାକୁ ବସିଛନ୍ତି। ଏହା କେବଳ ଆଫଗାନିସ୍ତାନକୁ ନୁହେଁ, ସମଗ୍ର କ୍ଷେତ୍ରକୁ ଏକ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି। ବଡ଼ଗାମ୍ ବାୟୁସେନା ଘାଟିକୁ ଇତିମଧ୍ୟରେ ମାର୍କିନ୍ ସେନା ଆଫଗାନ ବାୟୁସେନାଙ୍କ ହାତରେ ସମର୍ପିଛନ୍ତି। କିନ୍ତୁ ବାସ୍ତବତା ହେଲା, ଏବେ ସେ ଦେଶର ଦୁଇ-ତୃତୀୟାଂଶରୁ ଅଧିକ ସ୍ଥାନ ତାଲିବାନଙ୍କ ନିୟନ୍ତ୍ରଣରେ ରହିଛି ଏବଂ ଖୁବ୍‌ଶୀଘ୍ର ସେମାନେ ସମଗ୍ର ଆଫଗାନିସ୍ଥାନକୁ ଆୟତ୍ତ କରିନେବା କିଛି ଅବାସ୍ତବ ହେବନାହିଁ। ସେତେବେଳେ ଆଫଗାନିସ୍ତାନରେ ଶାନ୍ତି ଓ ଗଣତନ୍ତ୍ର କଥା ଦୂରେ ଥାଉ, ସାଧାରଣ ଲୋକଙ୍କ ଅବସ୍ଥା ଅନିଶ୍ଚିତ ହୋଇପଡ଼ିବ। କ୍ଷମତା କନ୍ଦଳରେ ତାଲିବାନ ଗୋଷ୍ଠୀ ଅନ୍ୟମାନଙ୍କୁ ପଛରେ ପକାଇ କାବୁଲ ଅକ୍ତିଆର କରିନେବେ। ଯଦି ତାହା ଘଟେ, ତେବେ ପୁଣି ଥରେ ତାଲିବାନ ଶାସନତନ୍ତ୍ର ସେ ଦେଶରେ ଫେରିବ ଏବଂ ପୂର୍ବଭଳି ଲୋକମାନଙ୍କୁ ହିଂସା ଓ ଆତଙ୍କ ଭିତରେ ଜୀବନ ବିତାଇବାକୁ ହେବ। ସେଥିରେ ସବୁଠାରୁ କ୍ଷତିଗ୍ରସ୍ତ ହେବେ ଗଣତନ୍ତ୍ରରେ ବିଶ୍ୱାସୀ ଜନତା ଏବଂ ମହିଳା। ସେମାନେ ହିଁ ପୂର୍ବରୁ ସର୍ବାଧିକ ଅତ୍ୟାଚାରିତ ହେଉଥିଲେ। ପୁଣି ଯେଉଁ ଆଫଗାନ ସେନା ଏ ପର୍ଯ୍ୟନ୍ତ ମିଳିତ ସେନାର ବହୁ ଛାୟା ତଳେ ରହିଥିଲେ ସେମାନଙ୍କୁ ବିତାଡ଼ିତ ହେବାକୁ ପଡ଼ିପାରେ। ଦେଶରେ ଯେ ଗଣତନ୍ତ୍ର କାଏମ ରହିବ ସେ ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ସ୍ମରଣଯୋଗ୍ୟ, ଉନବିଂଶ ଶତାବ୍ଦୀରେ ବ୍ରିଟିଶ୍ ସରକାର ଆଫଗାନିସ୍ତାନରେ ଏକାଧିକ ଯୁଦ୍ଧ ଲଢ଼ି ବିଫଳ ହୋଇଥିଲେ। ବିଂଶ ଶତାବ୍ଦୀରେ ସୋଭିଏତ ହେଉ ଅବା ଆମେରିକା ନେତୃତ୍ୱାଧୀନ ମିଳିତ ସେନା, ସେମାନଙ୍କୁ ସମଦଶା ଭୋଗ କରିବାକୁ ପଡ଼ିଥିଲା। ଏବେ ଏକବିଂଶ ଶତାବ୍ଦୀରେ ତା'ର ପୁନରାବୃତ୍ତି ଘଟିଛି। କାରଣ ହିଂସା ଓ ଯୁଦ୍ଧପ୍ରିୟ ପାର୍ବତ୍ୟାଂଚଳର ମୂଳ ଅଧିବାସୀମାନେ କୌଣସିମତେ ଶାନ୍ତିରେ ବିଶ୍ୱାସୀ ନୁହନ୍ତି। ସେମାନେ ସଦାବେଳେ ହିଂସା ଭିତରେ ହିଁ ନିଜକୁ ସୁରକ୍ଷିତ ମଣି ଆସିଛନ୍ତି ଓ ତାହାରି ଭିତରେ ରହିବାରେ ବିଶ୍ୱାସୀ। ତେଣୁ ଆଫଗାନିସ୍ତାନର ଭବିଷ୍ୟତ ଏବେ ମିଳିତ ସେନାଙ୍କ ଆଗମନ ପୂର୍ବରୁ ଯେଉଁଠାରେ ଅଟକି ଥିଲା ସେହିଠାରେ ହିଁ ରହିଛି। ବରଂ ଦୁଇ ଦଶନ୍ଧିର ଯୁଦ୍ଧ ମୂଲ୍ୟହୀନ ବୋଲି ପ୍ରମାଣିତ ହେବାକୁ ଯାଉଛି।

# ସେ'ତ ଭକତ ଭାବରେ ବନ୍ଧା



**ଅକ୍ଷୟ ପଣ୍ଡା**

ଗତ ଦେବସ୍ନାନ ପୂର୍ଣ୍ଣିମା କଥା । ମନ ବ୍ୟାକୁଳ ହେଉଥାଏ । ଜଗତର ନାଥ ଜଗନ୍ନାଥଙ୍କର ନୂଆ ବେଶ ଦେଖିବି । ପାପ ତାପରୁ ମୁକ୍ତି ପାଇବି । ପିଲାଦିନରୁ ସାଲବେଗ ଦାଶିଆ ବାଉରୀ ଓ ରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନର କଥା । ସ୍ୱୟ ପ୍ରଭୁ ଜଗନ୍ନାଥ ଭକ୍ତର ଦୁଃଖ ଦୂର କରିବା ପାଇଁ ସେମାନଙ୍କ ସାଥୀରେ ଥିଲେ । ସେହି ନିରାକାର ପରମ ବ୍ରହ୍ମ ଇଶ୍ୱର ଦୀନ ଜନର ବନ୍ଧୁ କରୁଣାର ସାଗର । ଯାହାର ଆର୍ଶୀବାଦ ଲାଭ କରି ପଙ୍ଗୁ ଗିରି ଲଙ୍ଘି କରିପାରେ । ମୁକ ବି ବାଚାଳ ହୁଏ । ଦୁର୍ବଳ ଅପାରଗ ବ୍ୟକ୍ତି ସଫଳତାର ସିଢି ଚଢି ଧନ ଯଶ ସମ୍ମାନର ଅଧିକାରୀ ହୁଏ ।

ସେହି କାଳିଆ ଠାକୁର ତାର ବଡ଼ ବଡ଼ ଆଖିରେ ସେ ସବୁ ଦେଖୁଛି । ଦୁଃଖ କଷ୍ଟ ଯନ୍ତ୍ରଣାରେ ଛଟପଟ ହୋଇ ଆକୁଳରେ ନିବେଦନ କରୁଥିବା ରୋଗୀ ପାଖରେ ପହଞ୍ଚିଯାଏ । ସେ ମନରେ ଦିଏ ସାହାସ । ଦେହରେ ଦିଏ ବଳ । ଧୀରେ ଧୀରେ କଷ୍ଟ ଅପସରି ଯାଏ । ବର୍ଷା ପରି ଝର ଝର ହୋଇ ଝଡ଼ି ପଡୁଥିବା ଲୁହ କୁଆଡ଼େ ଉଭେଇ ଯାଏ । ମୁହଁରେ ହସର ଫୁଲ ଫୁଟେ । ଆମ ସମସ୍ତିଙ୍କ ମନ କଥା ପରମେଶ୍ୱର ଜାଣି ପାରନ୍ତି । ସେଇଥିପାଇଁ କୁହାଯାଏ ।

"ଯାହା ମୁଁ କରଇ
ଯାହା ମୁଁ ଚିନ୍ତଇ ମନେ
ଜଗତ ର କର୍ତ୍ତା ପରମ ଇଶ୍ୱର
ଜାଣୁଛନ୍ତି ପ୍ରତିକ୍ଷଣେ ।"

କରୋନା ମହାମାରୀକୁ ଆୟତ୍ତ କରିବା ପାଇଁ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଚାଲିଥାଏ । ଦେବାଳୟ, ସ୍କୁଲ, କଲେଜ, ହାଟ ବଜାର ସବୁ ବନ୍ଦ ଥାଏ । କିଏ ବା କେମିତି ଯିବ । ମନ ଚାହୁଁଥିଲା ଦେବସ୍ନାନ ପୂର୍ଣ୍ଣିମାରେ କାଳିଆ ଠାକୁରକୁ ଦର୍ଶନ କରିବା ପାଇଁ । ଏ ଦୁନିଆର ସକଳ ପାପ ତାପରୁ ମୁକ୍ତି ମିଳି ଯିବ । ହେଲେ ଉପାୟ ନାହିଁ, ବଡ଼ ଦାଣ୍ଡର ବାଇଶି ପାହାଚ ଚଢିବା ପାଇଁ ମନା । ଅଚାନକ ହେମନ୍ତ ବାବୁଙ୍କ ପାଖରୁ ଭିଡ଼ିଓଟିଏ ଆସିଲା । ଯାହାକୁ ଦେଖିବାକୁ ମନ ବ୍ୟାକୁଳ ଥିଲା ସେ କଳା କହ୍ନେଇ କାଳିଆଙ୍କୁ ଦର୍ଶନ କରିବି । ମୋ ମୋବାଇଲ ର ପରଦା ଭିତରୁ । କି ଭାଗ୍ୟ ସତରେ । ଏ ମନ ଖୋଜୁଥିଲା ଯାହା ପାଇଗଲା । ନା ଡେରି ଅଛି । ତୁରନ୍ତ ମିଳିଗଲା । ବୋଧ ହୁଏ ସେଇଥି ପାଇଁ କୁହାଯାଏ ।

"କରି କରାଉ ଥାଉ ତୁହି
ତୋ ବିନୁ ଅନ୍ୟ ଗତି ନାହିଁ ।"

ଇଂରାଜୀ ଭାଷା ସାହିତ୍ୟର ଆଉ ଜଣେ ସୁ ପ୍ରସିଦ୍ଧ ନାଟ୍ୟକାର ସେକ୍ସପିଅର କହିଥିଲେ "ଆମେ ସମସ୍ତେ ଈଶ୍ୱରଙ୍କ ହାତର କାଠ ପିତୁଳି ।" ସତରେ ଆମ ଜୀବନ ନାଟକର ଶ୍ରେଷ୍ଠ ନିର୍ଦ୍ଦେଶକ ଦାରୁ ବ୍ରହ୍ମ ଜଗତର ନାଥ ଜଗନ୍ନାଥ । ସେଇ ଭିଡ଼ିଓ ଟିକୁ ପଠାଇ ଥିବା ବ୍ୟକ୍ତିଙ୍କ ବିଷୟରେ ଅନେକ କଥା ଶୁଣିଛି । ସେ ଏହି କରୋନା ସମୟରେ ଅଲୋଡ଼ା ଅଖୋଜା ଗରିବ ଅସହାୟ ଲୋକମାନଙ୍କୁ ଖୋଜି ଲୋଡ଼ି ବସ୍ତ୍ର ଓ ଅର୍ଥ ଦାନ କରିଥିଲେ । ଆଉ ମଧ୍ୟ କରି ଚାଲିଛନ୍ତି । ସେ କହାନ୍ତି ଏ ନର ନାରାୟଣଙ୍କ ସେବା ଇଶ୍ୱରଙ୍କ ସେବା ଅଟେ । ଯଦି ତୁମେ ମନ୍ଦିରକୁ ନ ଯାଇ ପାରୁଛ ସେ ପାଇଁ ଦୁଃଖ କରନି । ବରଂ ବିପଦରେ ପଡ଼ିଥିବା ଅଜଣା ଅଚିହ୍ନା ଲୋକମାନଙ୍କୁ ସାହାଯ୍ୟ କର । ଦେଖିବ ଇଶ୍ୱରଙ୍କ ଅଦେଖା ହାତ ତୁମ ମଥା ଛୁଇଁବ । ଆଉ ଅଜାଡ଼ି ଦେବ ଅର୍ଶୀବାଦ । ଲୁହ ନ ଦେଇ । ଲୁହ ପୋଛି ହସ ଦିଅ । ଶୀତ ଋତୁର କାକର ପରି ଚକ୍ ଚକ୍ କରୁଥିବା ଜଳ ରାଶି ହୀରା ଭାବି ପାଗଳ ହୁଅନି । କାହିଁକି ମନେ ପଡ଼ିଲା ମନବୋଧ ଚଉତିସା ର ସେ ଦୁଇ ଧାଡ଼ି ।

"ଗଲେଣି ତୋ ସଙ୍ଗତୁ
ଯେତକ ଜନ ।
ଗଣ୍ଠିରେ ବାନ୍ଧି ନେଲେ
କେ କେତେ ଧନ ।"

ତେବେ ବିଜ୍ଞାନ କହେ ଅନ୍ଧ ଭାବରେ କୌଣସି କଥାକୁ ବିଶ୍ୱାସ କରନି । ପରୀକ୍ଷା ନିରୀକ୍ଷା କରି ଯାହା ଚିରନ୍ତନ ସତ୍ୟ ତାହାକୁ ଗ୍ରହଣ କର । ଆଉ ନିଜ ଜୀବନରେ ଉପଯୋଗ କର । କେତେକ ଲୋକ ଧନ ପାଇଁ ଖାଦ୍ୟ ଅପମିଶ୍ରଣ, ନକଲି ଔଷଧ ବିକ୍ରି, କଲମରେ ଦୌଲତ ଲୁଟି ନେବାର କୌଶଳ ଅବଲମ୍ବନ କରନ୍ତି । ମଜଦୁର ମାନଙ୍କର ମଜୁରି କାଟନ୍ତି । ଆଉ କେତେକ କରୋନା କାଳରେ କଳାବଜାରି କରି ରାତାରାତି ଧନ ଠୁଳ କରିବାରେ ଲାଗି ପଡ଼ିଛନ୍ତି । ଲାଞ୍ଚ, ଠକାମି, ଚୋରି, ଡ଼କାୟତି ଆଦି ଆମ ସମାଜକୁ ଅସ୍ତ ବ୍ୟସ୍ତ ପକାଇଲାଣି ।ତେବେ ସେହି ଲୋକମାନଙ୍କ କଣ ପ୍ରକୃତ ଅବସ୍ଥା । ସେମାନେ ସେହି ଧନ ପାଇ ଶାନ୍ତିରେ ଅଛନ୍ତି କି ନାହିଁ? ଅନୁସନ୍ଧାନ କଲି । ଆଉ ଯାହା ଦେଖିଲି, ତାହା ଲେଖିଲି । ସେହି ଲୋକମାନେ ସୁନ୍ଦର, ମନୋରମ ଆକାଶ ଛୁଆଁ ପ୍ରସାଦରେ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ପାରିବାରିକ ସ୍ନେହ ହଜିଯାଇଛି । ମନରୁ ଲୁଚି ଯାଇଛି ସ୍ନେହ, ଶ୍ରଦ୍ଧା ଓ ଓଠରୁ ଲିଭି ଯାଇଛି ହସ । ଟିଭି କଥା କହୁଛି । ପୁଅ କଥା ମାନୁନି । ଧର୍ମ ପତ୍ନୀ କଥା କଥାରେ ଗାଳି ଗୁଲଜ କରୁଛି । ଏହା ହିଁ ଜୀବନ । ପିଲାଙ୍କୁ ବଡ଼ ନାମକରା ଶିକ୍ଷାୟତନରେ ନାମ ଲେଖାଇଲା ପରେ । ସେମାନଙ୍କର ଚାଲି ଚଳନ ଆଚାର ବ୍ୟବହାରରେ ଅସାମାଜିକତା ଭରି ରହିଛି । ବିଦ୍ୟାଳୟ ମାନଙ୍କୁ ପ୍ରଶଂସା ପରିବର୍ତ୍ତେ ନାମ କଟାଯାଇ ବାଧ୍ୟତା ମୂଳକ ଟି.ସି ଦିଆଯିବ ବୋଲି କୁହାଯାଉଛି ।

. ଡ଼ାକ୍ତର ପ୍ରେସକ୍ରିପସନ୍ ରେ ଲେଖିଲାଣି । ମଦ୍ୟପାନ ବନ୍ଦ କର, ଲିଭରରେ ସୋରିଆସିଆ ହୋଇ ଗଲାଣି । ଆଉ କାହାକୁ ମାଉଥ କ୍ୟାନସର ତ ଲଙ୍ଗସ କାହାର କାମ କରୁନି । ଅତ୍ୟଧିକ ଟଙ୍କା ପଇସା କୁସଙ୍ଗ ବୋଧ ହୁଏ କୁ ଅଭ୍ୟାସକୁ ବଢାଇ ଦେଇଛି । ଯାହା ଫଳ ସ୍ୱରୂପ ସେମାନେ ଜିନ୍ଦା ଲାସ ପାଲଟି ଯାଇଛନ୍ତି ।

ସାଇ ପଡ଼ିଶା, ଗ୍ରାମବସୀ ମାନେ କିବା ସେଠାରେ ଆଖ ପାଖ ଲୋକମାନେ ଏପରି ଦୁର୍ନୀତିଖୋର ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ । ସେମାନଙ୍କ ଅଧିକାଂଶ ସମୟ ମାଲି ମକଦ୍ଦମା କୋଟ କଚେରୀରେ କଟିଯାଏ । ଅତ୍ୟଧିକ ଧନ ଲାଳସା ସୁଖ ଶାନ୍ତି ଆନନ୍ଦକୁ ଛଡ଼ାଇ ନେଇ ଦୁଃଖ ଯନ୍ତ୍ରଣା ଶତ୍ରୁତା ଓ ଅଶାନ୍ତି ପ୍ରଦାନ କରିଥାଏ । ସେଥିପାଇଁ ବୋଧେ କବିବର ରାଧାନାଇ ରାୟ ଦରବାର କାବ୍ୟ ଲେଖି ଥିଲେ ।

"ରକ୍ଷଣ, ପାଳନ,
ଭୋଗ ଏ ଧରାର
ତିନି କାର୍ଯ୍ୟ କଲ ତୃତୀୟକୁ ସାର
ପର ସେବା ଲାଗି ତୁମ୍ଭର ଜନମ
ଆତ୍ମ ସେବା କଲ
କୌଳିକ ଧରମ ।"

ଯେଉଁମାନେ ଇଶ୍ୱର ଭକ୍ତ ଦୁଃଖୀ ରଙ୍କି ଅସହାୟ ଲୋକମାନଙ୍କର ସେବା କରୁଛନ୍ତି, ସେମାନଙ୍କ ଜୀବନ ଯାପନ ର ଶୈଳୀ ଆପଣ ଜାଣିଲେ ନିଶ୍ଚୟ ଖୁସି ହେବେ । ସେଥିରୁ କେତେ ଗୋଟି ସଂସ୍ଥା ଓ ସେମାନଙ୍କ କାର୍ଯ୍ୟ ବିଷୟରେ ଅବଗତ କରାଇଲି । ବାଲେଶ୍ୱର ଜିଲ୍ଲାର ଯୁଗଶ୍ରୀ ଯୁଗ ନାରୀର ମହିଳା ସ୍ୱଚ୍ଛାସେବୀମାନେ କରୋନା ସମୟରେ ଜନ ସଚେତନତା କରିବା ସଙ୍ଗେ ସଙ୍ଗେ ଗରିବ ଅସହାୟ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ । ଆଉ ମଧ୍ୟ କରୁଛନ୍ତି । ମୁମ୍ବାଇର କେତକ ଅଭିନେତା ଓ ଅଭିନେତ୍ରୀ ମାନେ ଦେଶ ବାହାର ଥିବା ଶ୍ରମିକ ମାନଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ପାଇଁ ବହୁ ପରିମାଣର ଅର୍ଥ ଓ ଶ୍ରମଦାନ କରିଥିଲେ । ଆଉ ଏକ କଥା ନଜରରେ ଆଏସ୍ ଡି. ପ୍ରକାଶ ରାଓଙ୍କର କଟକ ବଡ଼ ମେଡ଼ିକାଲ ପାଖରେ ଚା ଦୋକାନ ଥିଲା । ସେ ସେଥିରୁ ଅର୍ଜିତ ଅର୍ଥରେ ଗରିବ ଅସହାୟ ପିଲାମାନଙ୍କ ପାଇଁ ସ୍କୁଲଟିଏ ଖୋଲିଥିଲେ । ସେମାନଙ୍କୁ ମାଗଣାରେ ଶିକ୍ଷାଦାନ ଦେଉଥିଲେ । ଆଉ ହସ୍ପିଟାଲରେ ପଡ଼ିଥିବା ଗରିବ ରୋଗୀମାନଙ୍କୁ ଦୁଗ୍ଧ ଓ ଗରମ ପାଣି ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ । ଅଚ୍ୟୁତ ସାମନ୍ତ ରାୟଙ୍କ କଳିଙ୍ଗ ଇନସ୍‌ଟ୍ୟୁଟ ଅଫ ସୋସିଆଲ ସାଇନସ ମାଧ୍ୟମରେ ଗରିବ ଆଦିବାସୀ ଓ ହରିଜନ ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷା ଓ ପ୍ରଶିକ୍ଷଣ ବିନା ମୂଲ୍ୟରେ ପ୍ରଦାନ କରି ଆସୁଛନ୍ତି । କେତେକ ସ୍ଥାନରେ ଅବସର ପ୍ରାପ୍ତ ଆର୍ମି ଜୱାନ ଓ ସିଆରଏଫ୍ ପୋଲିସ ମାନେ ମାଗଣାରେ ବେକାରୀ ଯୁବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ତେବେ ପ୍ରଶ୍ନ ଉଠିପାରେ ସେମାନେ ଏଥିରୁ କଣ ପାଉଛନ୍ତି ।

. ଦୁନିଆର ସବୁଠାରୁ ବଡ଼ ଜିନିଷ ମାସନିକ ଶାନ୍ତି ଓ ଇଶ୍ୱରଙ୍କ ଆର୍ଶିବାଦ ସେମାନଙ୍କୁ ମିଳିଥାଏ । ଦୁନିଆରୁ ସେହି ମହାନ ବ୍ୟକ୍ତିମାନେ ଚାଲି ଗଲେ ଅନେକଙ୍କ ଆଖିରୁ ଝରି ପଡେ ଲୁହ ।

. ପାପ ଆଉ ପୁଣ୍ୟ ଦୁଇଟି ଶବ୍ଦ । ପୁଣ୍ୟ କର୍ମରେ ଯଶ ଓ ସୁନାମ ମିଳେ । ଶତ୍ରୁ ଅପେକ୍ଷା ସେମାନଙ୍କର ମିତ୍ର ବେଶୀ । ସବୁ ଜାଗାରେ ସବୁ ସମୟରେ ସେମାନଙ୍କୁ ସ୍ୱାଗତ କରାଯାଏ ।

ସେହି ମହାନ ବ୍ୟକ୍ତିମାନେ ସମାଜକୁ ଭାଙ୍ଗିବା ଅପେକ୍ଷା ଗଢନ୍ତି । ଅଭାବ ଜଗାରେ ଭାବ ଦୁଃଖ ଜଗାରେ ସୁଖ ନିରାନନ୍ଦ ଜାଗାରେ ଆନନ୍ଦ ପ୍ରଦାନ କରିଥାନ୍ତି । ତୋର ମୋର ଭିତରେ ଥିବା ସଂକୀର୍ଣ୍ଣ ମନୋଭାବକୁ ଦୂରେଇ ସେମାନେ ରହନ୍ତି ।

. ଅସତ ମାର୍ଗରୁ ସତମାର୍ଗକୁ ନେଇ ଯାଆନ୍ତି । ସେମାନେ ଯେଉଁ ଧର୍ମର ହୁଅନ୍ତୁନା କାହିଁକି । ତାଙ୍କ ମନ ଭିତରେ ମାନବ ପ୍ରୀତି ଅଧିକରୁ ଅଧିକ ଥାଏ । ତେଣୁ ଦୁଃଖରେ ଥିଲେ ମଧ୍ୟ ଦୁଃଖ ଅନୁଭବ କରି ପାରନ୍ତିନି ।

. ଆତ୍ମ ସଂଜମତା, ସ୍ୱଳ୍ପ ବ୍ୟୟ, ସମୟାନୁବର୍ତ୍ତିତା, ସହଯୋଗର ମନବୃତ୍ତି ସେମାନଙ୍କୁ ସଫଳତାର ସିଢି ଚଢିବାକୁ ସାହାଯ୍ୟ କରେ । ସେମାନେ ଏପରି ହେବାର କାରଣ, ପ୍ରଭୁ ପରମ ପୁରୁଷ ସକଳ ଶକ୍ତିର ଆଧାର ଇଶ୍ୱରଙ୍କ ଉପରେ ଥାଏ ପଗାଢ ବିଶ୍ୱାସ । ତେଣୁ ସେମାନେ କଣ୍ଟାରେ ଚାଲି ଅନ୍ୟ ମାନଙ୍କ ପାଇଁ ଚଲା ପଥରେ ଫୁଲ ବିଛାଡ଼ି ଦିଅନ୍ତି ।

ପରିଶେଷରେ ଏତିକି କହିବି କାଳିଆ ଠାକୁର । ମୋତେ ସେହି ପଥରେ ଯାତ୍ରୀ କରେ । ଯେଉଁଠି ପାଇବି ତୋରି ଦର୍ଶନ । ଅସହାୟ, ନିସହାୟ ଗରିବ ଲୋକମାନଙ୍କ ସେବା କରି ପାଇବି ପରମ ସୁଖ । ମନ୍ଦିର ବେଢାରେ ନ ବୁଲିପାରିଲେ ବି ଦୁଃଖ ନାହିଁ । ଆ ମୋମନ ମନ୍ଦିରକୁ । କରୋନା ମହାମାରୀରେ ଅଧୀର ହୋଇ ପଡୁଥିବା ଲୋକଙ୍କ ଆଖିରୁ ଲୁହ ପୋଛି ଦେଇ ଆପଣାର ପରିବାରର ପରି ସେବା ରେବା କରିବି । ଚାଲିବି ସେହି ମହା ମାନବଙ୍କ ଚଲାପଥ ଅନୁଷରଣ କରି । ଆଉ କହିବି ଆସ ପୂଜିବା ଜୀବନ୍ତ ଦେବତା । କାଳିଆ ଠାକୁର ସବୁ ଜାଣେ । ସେଇଥି ପାଇଁ ଲୋକେ କହନ୍ତି "ସେ'ତ ଭକତ ଭାବରେ ବନ୍ଧା ।"


+ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭


# ବନ ମହୋତ୍ସବ ସପ୍ତାହ କାହିଁକି, ଋତୁ ପାଳନ କରାଯାଉ



**ପ୍ରଦୀପ୍ତ ଆଚାର୍ଯ୍ୟ**

ବୃକ୍ଷ ହିଁ ଜୀବନ,ଏହି ସ୍ଲୋଗାନ ସବୁବେଳେ ଦିଆ ଚାଲିଛି। ଜୀବନ ଧାରଣ ନିମନ୍ତେ, ବୃକ୍ଷର ଗୁରୁତ୍ୱ ଆବାଳ ବୃଦ୍ଧବନିତା, ସମସ୍ତେ ଜାଣନ୍ତି। ସରକାର, ପରିବେଶବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ବନୀକରଣ, ବନ ମହୋତ୍ସବ ସପ୍ତାହ ପାଳନ ଦ୍ୱାରା ସଚେତନତା ସୃଷ୍ଟି ସହିତ, ନୂତନ ବୃକ୍ଷ ରୋପଣ ନିମନ୍ତେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଫଳ କଣ ହେଉଛି ?ଉଦ୍ଭିଦ ବିଜ୍ଞାନି ମାନଙ୍କ ମତାନୁଯାୟୀ, ଲୋକ ସଂଖ୍ୟା ଅନୁପାତରେ ଯେତିକି ଜଙ୍ଗଲ ରହିବା କଥା,ଆମ ଦେଶରେ ତାହା ଅଛିକି ?ବଡ ବଡ ସହର ନଗର ମାନଙ୍କରେ ବାୟୁ ପ୍ରଦୁଷଣ ମାତ୍ରା,ଏତେ ଅଧିକ ହୋଇଯାଇଛି ଯେ, ସେଠାରେ ବିଶୁଦ୍ଧ ବାୟୁ ବିକ୍ରୟ ଆରମ୍ଭ ହୋଇ ଯାଇଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଏ ସମସ୍ୟା ଗ୍ରାମାଂଚଳରେ ମଧ୍ୟ ପରିଲକ୍ଷିତ ହେବା ସୁନିଶ୍ଚିତ। ସମୟ ଆସିବ ଦିନେ ନା ଦିନେ, ମନୁଷ୍ୟ ସମାଜ, ପ୍ରକୃତିର ସର୍ବଶ୍ରେଷ୍ଠ ଦାନ, ବିଶୁଦ୍ଧ ବାୟୁ ଏବଂ ଜଳ ବ୍ୟତିରକେ ଧ୍ୱଂସାଭିମୁଖୀ ହେବ, ଏହା ସ୍ପଷ୍ଟ ଦୃଶ୍ୟମାନ। ଜଙ୍ଗଲ କ୍ଷୟ ହେବାର ଅନେକ କାରଣ ମଧ୍ୟରୁ ତିନୋଟି ମୁଖ୍ୟ କାରଣ ହେଲା,ଜନ ବସତି ନିର୍ମାଣ,ପରିବହନ ନିମନ୍ତେ ରାସ୍ତାଘାଟ ନିର୍ମାଣ ଏବଂ ଆଧୁନିକ ଜୀବନ ଶୈଳୀ ର ଆବଶ୍ୟକତା ପରିପୁରଣ ନିମନ୍ତେ ଦ୍ରୁତ ଶିଳ୍ପାୟନ, ଯାହାକି ଆମ ନିୟନ୍ତ୍ରଣାଧୀନ ବୋଲି ଅସମ୍ଭବ ମନେ ହୁଏ। ଏ କାରଣ ସୃଷ୍ଟି ହେବାର ମୂଳ ବା ମୂଖ୍ୟ କାରଣ ହେଉଛି ଜନସଂଖ୍ୟା ବିସ୍ଫୋରଣ।ଭୌଗଳିକ ଏବଂ ଉଦ୍ଭିଦବିଜ୍ଞାନି ମାନଙ୍କ ଗବେଷଣା ଲବ୍ଧ ତଥ୍ୟ ହେଉଛି,ପୃଥିବୀ ପୃଷ୍ଠରେ ମନୁଷ୍ୟ ସୃଷ୍ଟି ହେବାର ବହୁ ପୂର୍ବରୁ,ବୃକ୍ଷଲତାର ସୃଷ୍ଟି। ମନୁଷ୍ୟ ସୃଷ୍ଟି ହେବା ପରେ ସେ ତାର ମୌଳିକ ଆବଶ୍ୟକତା ଯଥା ଖାଦ୍ୟ ବସ୍ତ୍ର ବାସଗୃହ ନିମନ୍ତେ,ସଂପୂର୍ଣ୍ଣ ଭାବରେ ଜଙ୍ଗଲ ଉପରେ ନିର୍ଭରଶୀଳ ଥିଲା। ଜଙ୍ଗଲର ଫଳମୁଳ ଥିଲା ତାର ଖାଦ୍ୟ,ଗଛର ପତ୍ର ଓ ବକଳ ଥିଲା ତାର ବସ୍ତ୍ର ଏବଂ ଗଛର କୋରଡ ଥିଲା ତାର ବାସଗୃହ। ଏତଦ୍ ବ୍ୟତୀତ ଅସୁସ୍ଥତା ଅନୁଭବ କଲେ ,ବିଭିନ୍ନ ବୃକ୍ଷର ପତ୍ର ଓ ଚେରମୂଳି ବ୍ୟବହାର କରି ଆରୋଗ୍ୟ ଲାଭ କରୁଥିଲା। କାଳକ୍ରମେ ଅଗ୍ନିର ବ୍ୟବହାର ଓ ଚାଷ କାର୍ଯ୍ୟ ଶିଖିବା ପରେ, ସେ ଯାଯାବର ଜୀବନରୁ ସ୍ଥାୟୀ ଜୀବନ ଯାପନ ଆରମ୍ଭ କଲା ଓ ତାର ଜଙ୍ଗଲ ନିର୍ଭରଶୀଳତା ହ୍ରାସ ପାଇଲା। କିନ୍ତୁ ଜାଳେଣୀ ଓ ଔଷଧ ପାଇଁ ବରାବର ଜଙ୍ଗଲ ଉପରେ ନିର୍ଭର କରୁଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁ,ଜନ ବସତି ସ୍ଥାପନ ତଥା କୃଷି କ୍ଷେତ୍ର ନିର୍ମାଣ ନିମନ୍ତେ ଧୀରେ ଧୀରେ ବୃକ୍ଷ ଛେଦନ କାର୍ଯ୍ୟ ଆରମ୍ଭ ହୋଇଗଲା। କ୍ରମେ କ୍ରମେ ଏହି ପ୍ରକ୍ରିୟା ବୃଦ୍ଧିପ୍ରାପ୍ତ ହୋଇ ମନୁଷ୍ୟ ସମାଜକୁ ଏକ ଭୟଙ୍କର ବିପଜ୍ଜନକ ପରିସ୍ଥିତିରେ ପକାଇ ଦେଇଛି। ପୃଥିବୀ ପୃଷ୍ଠରେ ମନୁଷ୍ୟ ର ଜୀବନ ଧାରଣ ନିମନ୍ତେ,ପ୍ରକୃତିର ଅଦ୍ଭୁତ ବରଦାନ ହେଉଛି ବୃକ୍ଷ। ଅରଣ୍ୟର ବୃକ୍ଷରାଜି ହେଉଛି ଏକ ପ୍ରାକୃତିକ ଜାତୀୟ ସମ୍ପଦ। କେନ୍ଦୁପତ୍ର, ଶାଳପତ୍ର, ଝୁଣା,ଲାଖ ଇତ୍ୟାଦି ଅର୍ଥକାରୀ ସାମଗ୍ରୀ ସାଙ୍ଗକୁ ଔଷଧୀୟ ବୃକ୍ଷଲତା ତଥା ସର୍ବୋପରି ମନୁଷ୍ୟର ଜୀବନ ଧାରଣ ନିମନ୍ତେ ଅମ୍ଳଜାନ ଯୋଗାଣ ହେଉଛି, ପ୍ରକୃତିର, ବୃକ୍ଷ ମାଧ୍ୟମରେ, ମନୁଷ୍ୟ ସମାଜକୁ ଶ୍ରେଷ୍ଠ ଦାନ। ବୃକ୍ଷ ବିନା ଜୀବନ ନାହିଁ। ଏହି ଅକାଟ୍ୟ ସତ୍ୟକୁ ହୃଦୟଙ୍ଗମ କରି, ଆସନ୍ତୁ ବୃକ୍ଷ ରୋପଣ କରିବା। ବର୍ଷା ଦିନ ଆରମ୍ଭ ହୋଇଗଲା। ଆଉ ଅପେକ୍ଷା କାହିଁକି? ଆବାଳ ବୃଦ୍ଧ ବନିତା, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ,ସରକାରୀ ବେସରକାରୀ ସଂସ୍ଥା ଓ ଯୁବକ ସମାଜ ଆଗେଇ ଆସନ୍ତୁ।ନିଜକୁ ଏବଂ ଦ୍ରୁତ ଗତିରେ ଧ୍ୱଂସ ଅଭିମୁଖରେ ଧାବମାନ ଏ ସୁନ୍ଦର ପୃଥବୀକୁ ରକ୍ଷା କରିବା ପାଇଁ,ସମସ୍ତେ ଏକତ୍ରିତ ହୁଅନ୍ତୁ।ନିଜର ବାଡି ବଗିଚା ସହିତ,ପତିତ ଅନାବାଦୀ ଜମି ଏବଂ ରାସ୍ତା କଡରେ ବୃକ୍ଷ ରୋପଣ କରନ୍ତୁ। ଆସନ୍ତୁ କେବଳ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ରୂପେ ନପାଳି,ସାରା ବର୍ଷାଦିନକୁ ବନ ମହୋତ୍ସବ ରୂପେ ପାଳିବା। ନଡିଆ, ଆମ୍ବ, ପଣସ, ଗୁଆ,ତାଳ,କଦମ୍ବ ବଉଳ, ବର, ଓସ୍ତ ଠାରୁ ଆରମ୍ଭକରି ନିମ୍ବ ପର୍ଯ୍ୟନ୍ତ ହାତରେ ଯେଉଁ ମଞ୍ଜି ପଡିଲା, ତାକୁ ଲଗାଇ ଚାଲନ୍ତୁ। ଯୁବ ବନ୍ଧୁ ମାନଙ୍କ ପାଇଁ ଏକ ବଡ ଆହ୍ୱାନ। ମୋବାଇଲ ଚାଟିଙ୍ଗରେ ନିଜର ବହୁମୂଲ୍ୟ ସମୟକୁ ଅଯଥା ନଷ୍ଟ ନକରି, ନିଜଭବିଷ୍ୟତ,ନିଜ ବଂଶଧର ମାନଙ୍କ ଭବିଷ୍ୟତ ତଥା ଧ୍ୱଂସାଭିମୁଖୀ ଏ ପୃଥିବୀର ଭବିଷ୍ୟତକୁ ଲକ୍ଷ କରି,ବୃକ୍ଷ ରୋପଣ ପରି ମହତ ପୂଣ୍ୟ କାର୍ଯ୍ୟରେ ନିଜକୁ ସାମିଲ କରନ୍ତୁ।ପ୍ରଚାର ପ୍ରସାରର ମୋହ ତ୍ୟାଗ କରି, ଗଛ ଲଗାଇ ତାକୁ ସୁରକ୍ଷା ପ୍ରଦାନ କରି, କେଉଁ ପ୍ରକାର ସ୍ୱର୍ଗୀୟ ଆନନ୍ଦ ପ୍ରାପ୍ତି ହେଉଛି, ତାକୁ ଉପଭୋଗ କରନ୍ତୁ।ଏ ଭୟଙ୍କର କୋଭିଡ ମହାମାରୀରୁ କିଛି ଅନୁଭୁତି ସଂଗ୍ରହ କରନ୍ତୁ, ପ୍ରଦୁଷିତ ବାୟୁ ସେବନର ଭୟାବହତା କୁ ଅନୁଭବ କରନ୍ତୁ, ବିଶୁଦ୍ଧ ବାୟୁ କ୍ରୟ କରିବା ଦୃଶ୍ୟକୁ ମାନସ ଚକ୍ଷୁରେ ଦର୍ଶନ କରନ୍ତୁ,ତାପରେ ଫେରି ଆସନ୍ତୁ ବାସ୍ତବତାକୁ। ସରକାରି ସ୍ତରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ , ପ୍ରତ୍ୟେକ ବର୍ଷ ବନୀକରଣ କାର୍ଯ୍ୟ କରା ଯାଉଛି, କିନ୍ତୁ ସୁରକ୍ଷା ଅଭାବରୁ,ତାହା ନଷ୍ଟ ହୋଇଯାଉଛି। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ମାନସିକତାରେ, ସବୁଜ ବନାନୀ ସୃଷ୍ଟିର ବୈପ୍ଲବିକ ବୀଜ ବପନ କରିଦେବାର ସମୟ ଉପସ୍ଥିତ।ଆସନ୍ତୁ କଥାରେ ନୁହେଁ କାମରେ,ଉଚ୍ଚାରଣରେ ନୁହେଁ ଆଚରଣରେ ପ୍ରଦର୍ଶିତ କରିବା ଆମର ଶକ୍ତି, ନିଜକୁ ତଥା ଏ ପୃଥିବୀକୁ ଆସନ୍ନ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୮୯୩୨୨୦





## ମୃତ୍ୟୁ ଗୋ ...

**ନିରଞ୍ଜନ ପତି**

ମୃତ୍ୟୁ ଗୋ ତୁମେ ଏଇ ଧରା ଧାମେ
ନୀରବ ରେ ଚାଲିଆସ
ହିଂସା , ଦର୍ପ, ଗର୍ବ ଚୂର୍ଣ୍ଣ କର ସର୍ବ
ଏ ଜୀବ ତୁମର ଦାସ ।
ତୁମ ସୁଶୀତଳ ସୁକୋମଳ କୋଳ
ସମସ୍ତଙ୍କ ଶେଷାଶ୍ରୟ
ସର୍ବାସକ୍ତି ତେଜି ମୋହମାୟା ଭାଜି
ବାହୁଡ଼ି ଯିବାଟା ଥୟ ।
କି ଗରିବ ଧନୀ ଦମ୍ଭି ଅଭିମାନୀ
ଆଶ୍ରିତ ତୁମରି ପାଶେ
ନିରାସକ୍ତ ପ୍ରାଣୀ ତୁମେ ସତ୍ୟ ଜାଣି
ଫେରିଯାଏ ତବ ଦେଶେ ।
କବିର ଆହ୍ୱାନ ତୁମେ ତ ମହାନ
ପ୍ରୀତି ନିମନ୍ତ୍ରଣ ଘେନ
ସଠିକ୍ ବେଳରେ ସମାପ୍ତ କାଳରେ
ନିଅ ପେଶି ଦିବ୍ୟଯାନ ।
ସତ୍ୟ ସୁନ୍ଦର ତୁମରି ମନ୍ଦିର
କାଳ ମହାକାଳ ଦୂତ
ତବ ଡାକ ଶୁଣି ଆପଣାର ମଣି
ପୁଷ୍ପ ହୁଏ ବୃନ୍ତ ଚ୍ୟୁତ ।
ନୂତନ ବସନ କରିଥାଅ ଦାନ
ଜୀର୍ଣ୍ଣ ଶୀର୍ଣ୍ଣ କରି ତ୍ୟାଗ
ତୁମେ ଶାନ୍ତ ସ୍ନିଗ୍ଧ କର ଅବରୋଧ
ମିଥ୍ୟା, ମାୟା, ରାଜଭୋଗ ।
ଆଉନାହିଁ ମୋହ ନେଇଯାଅ ଦେହ
ଶାନ୍ତି ମହାନିଦ୍ରା ଲୋଡା
ଆଉ ରହିବନି ସହିପାରିବିନି
ସଂସାରର ଏତେ ପୀଡା।


+ଗାନ୍ଧିମାର୍ଗ , ଅନୁଗୁଳ
ମୋ - ୯୯୩୮୧୩୩୫୫୯


## ଧିକ ମିଛ କାରବାର ...

**ଇଂ.ବିଦ୍ୟାଧର ପଣ୍ଡା**

ମିଛ ଦୁନିଆରେ ମିଛକୁ ସମ୍ମାନ
ଡିଏଁ ବେଶୀ ମିଛ ଘୋଡା
କରୋନା କାଳରେ ସବୁ ରାଇଜରେ
ଏ ଘୋଡା ଲଗାମ ଛଡା
ଆକ୍ରାନ୍ତଙ୍କ ସଂଖ୍ୟା ମୃତକଙ୍କ ସଂଖ୍ୟା
ସବୁରାଜ୍ୟରେ ଘୋଟାଲା
ବିରୋଧି ନେତାଏ ନିଘୋଡ ନିଦରେ
ଜନତା ମୁହଁରେ ତାଲା
ଗଣମାଧ୍ୟମର ବିଜ୍ଞାପନ ଚିନ୍ତା
ବର୍ଷା ଦେଖିମାରେ ଛତା
ସରକାରୀ କଳବିରୁଦ୍ଧରେ ବଳ
କିଆଁ ସାରିବେ ଅଯଥା !
କୋଡିଏ ଭିତରେ ଯାହା ରହୁଥିଲା
ବଢି ହୋଇଛି ଚଳିଶି
ପ୍ରକୃତ ତଥ୍ୟଠୁଁ ଏବେ କୋଷଦୂର
ଅନୁମାନ ନିତି ଅଶି
ଯାହାକୁ ପଚର ରାଇଜ ଭିତରେ
ସମସ୍ତେ କହିବେ ଏହା
ଚିହ୍ନା ପରିଚରେ ବହୁ ମରିଛନ୍ତି
ଖବର ଦାତା ମିଛୁଆ
ଗଣମାଧ୍ୟମର ଗୋଟେ ଗୋଟେ ଲୋକ
ଶ୍ମଶାନ ଆଗରେ ଛାଡ
ଚବିଶଘଂଟାରେ ଶବଗଣୁ ଜଣେ
ମିଶାଇ କର ପ୍ରଚର
ଜାଣି ପାରୁନାହଁ ନିଆଁ ସଙ୍ଗେ ଖେଳ
ଜନତାଙ୍କୁ ଭାବ ବୋକା
ବିଶ୍ୱର ନିୟନ୍ତା ହିସାବ ରଖୁଛି
ବୁଝିବ ଦେଖି ମଉକା
ମୁକୁଟ ପିନ୍ଧିବ ମୁଣ୍ଡରେ ବୋଲିକି
ସତ କହିବାକୁ ଡର
ଧିକ୍କସେ ସମ୍ମାନ ଧିକ୍ ପୁରସ୍କାର
ଧିକ ମିଛ କାରବାର


+ ଏଲ୍-୧୭/୧୫, ପଂଚଶଖା
ନଗର, ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯,
ମୋ: ୯୪୩୯୧୨୮୦୫୦


## ଭଲ ବନ୍ଧୁ

**ହରେରାମ ପଣ୍ଡା**

ବନ୍ଧୁତା ପରି ମଧୁର ସମ୍ପର୍କ
ଦୁନିଆଁରେ କିଛି ନାହିଁ ,
ଦେବତା ନିଅନ୍ତି ମରତେ ଜନମ
ତା ସ୍ୱାଦୁ ଚାଖିବା ପାଇଁ ।

ବନ୍ଧୁ ପରି ସିନା ବନ୍ଧୁଟେ ମିଳିଲେ
ସମ୍ପର୍କ ହୁଏ ମଧୁର ,
ମୁଖରେ ଅମୃତ ହଦେ ହଳାହଳ
ଯା'ପାଇଁ ସବୁ ଅସାର ।

ସୁଖ ସମ୍ପଦରେ ଉତ୍ସବ ବେଳାରେ
ଯେଉଁ ବନ୍ଧୁ ଠିଆହୁଏ ,
ଅଭାବ କଷଣ ବିପଦ କାଳରେ
ଦୁଃଖରେ ସେ ସାହା ହୁଏ ।

ବନ୍ଧୁତାର ମୋହ ଏଡ଼ାଇ ନପାରି
ଦେଖାଦିଏ ରାଜଦ୍ୱାରେ ,
ଆଖିରୁ ଲୋତକ ପୋଛିଦେଇ ବନ୍ଧୁ
ସାହାହୁଏ ଶ୍ମଶାନରେ ।

କୃଷ୍ଣ ସୁଦାମାଙ୍କ ବନ୍ଧୁତାକୁ ବାବୁ
ଆଖି ଖୋଲି ଥରେ ଦେଖ ,
ବନ୍ଧୁତା ଯେ ସଦା ଅକ୍ଷୟ ଅମୃତ
ତାଙ୍କଠାରୁ କିଛି ଶିଖ !


+କୁଆଁସ , ମେର୍ଦ୍ଧା କାଟିଆଛକ ,
ଯାଜପୁର
ଭ୍ରାମ୍ୟଭାଷ: ୯୪୩୮୦୬୫୧୯୫





## ପ୍ରେମ....

**ସୁଦର୍ଶନ ମହାପାତ୍ର**

ପ୍ରେମ ନୁହେଁ ଏକ ଅମାବାସ୍ୟା ରାତି
ଅନ୍ଧାରରେ ଥିବ ଭିଜି
ପ୍ରେମ ପରା ଏକ ପୂର୍ଣ୍ଣିମାର ଚାନ୍ଦ
ଉଇଁ ଥାଏ ତିଥି ଖୋଜି ।
ପ୍ରେମ ନୁହେଁ ଏକ କଜ୍ୱଳର ଗାର
ଲିଭିଯିବ ଲୁହ ଧାରେ
ପ୍ରେମ ପରା ଏକ ସପନ ନାୟିକା
ରହିଥାଏ ପଲକରେ ।
ପ୍ରେମ ନୁହେଁ ଏକ ନିଦାଘ ଦହନ
ବଇଶାଖୀ କାଳ ବାଆ
ପ୍ରେମ ପରା ଏକ ବିଭୋର ବସନ୍ତ
ମୃଦୁ ମଳୟର ଛୁଆଁ ।
ପ୍ରେମ ନୁହେଁ ଏକ ଫଟା ବାଦଲର
ଅବିବେକୀ ସ୍ୱାଭିମାନ
ପ୍ରେମ ପରା ଏକ ଶ୍ରାବଣର ଧାରା
ଭିଜା ଭିଜା ଅଭିମାନ ।
ପ୍ରେମ ନୁହେଁ ଏକ ପାପର ପରଶ
ଅନୁତାପେ ହୁଏ ଶେଷ
ପ୍ରେମ ପରା ଏକ ପୁଣ୍ୟ ହୃଦୟର
ପୂର୍ଣ୍ଣତାର ପରିତୋଷ ।
ପ୍ରେମ ନୁହେଁ ଏକ କଳଙ୍କ କାଳିମା
ଜୀବନର ଅବଶୋଷ ,
ପ୍ରେମ ପରା ଏକ ପବିତ୍ର ସମ୍ପର୍କ
ଛନ୍ଦମୟ ଅନୁପ୍ରାସ ।
ପ୍ରେମ ନୁହେଁ ଏକ ପ୍ରାପ୍ତିର ପୁଲକ
ଆକାଂକ୍ଷିତ ସମ୍ମୋହନ
ପ୍ରେମ ପରା ଏକ ତ୍ୟାଗର ସ୍ୱାକ୍ଷର
ତିତିକ୍ଷାର ଜୟଗାନ ।


+କୁଞ୍ଜବିହାରୀ ଲେନ, କଟକ

## ହାତ
### ଶରତ କୁମାର ଦାସ



ପୃଥିବୀ ଶୋଇଥିଲା ଖୁବ୍ ସନ୍ତର୍ପଣେ
ଅଜଗର ସାପ ପରି
ଖରାକୁ ପିଠି କରି ଗାଢ଼ ନିଦରେ
ମୁଁ କିନ୍ତୁ ଚାହିଁଥିଲି ଆକାଶକୁ
ଅପଲକ ନୟନରେ ।

ସୂର୍ଯ୍ୟ ହଜିଗଲେ କୁଆଡେ
ମେଘ ଆଢୁଆଳେ
ସଂଜ ନଇଁ ଆସୁଥିଲା
ଆକାଶର ତାଟି କବାଟ ଡେଇଁ ।

ପର୍ବତ ସେମିତି ସ୍ଥିରଥିଲା ସେଦିନ
ସାଗର ଚିତ୍କାର କରୁଥିଲା ଆଖି ମୁଦି
ବେଳାଭୂଇଁ ଲୁହ ଢାଳୁଥିଲା
ନିରୋଳାରେ ଏକା ଏକା ।

ଈଶ୍ୱରଙ୍କ ଅସ୍ତିତ୍ୱ ମୁଁ ଖୋଜୁଥିଲି
ବୁଲି ବୁଲି ଏଣେତେଣେ
ନିର୍ବାକ ଗଛ ଲତା, ନଦ ନଦୀ
ଏକମୁହାଁ ହୋଇ ଚାହିଁଥିଲେ ଆକାଶକୁ ।

ହାତଟିଏ ଲମ୍ବି ଆସିଲା ହଠାତ୍
ମୋ ମୁଣ୍ଡ ଉପରକୁ ନିରବରେ
ଠିକ୍ ଏତିକି ବଳେ,
ଲାଗୁଥିଲା ଖୁବ୍ ଚିହ୍ନା ଚିହ୍ନା
ଆପଣାର ଅତି ପରିଚିତ ।

ଆଖିରୁ ସାଉଁଟିନେଲା ଦି'ଟୋପା ଲୁହ
ମୁଁ ଉପରକୁ ଚାହିଁଲି ପୁଲକିତ ମୁଦ୍ରାରେ
ଦେଖିଲି ଶୂନ୍ୟରେ ହସୁଛନ୍ତି ଈଶ୍ୱର ।

ରାତିର ବହଳ ଅନ୍ଧାର ଧସେଇ ପଶୁଥିଲା
ଆଲୋକର ଛାତି ଚିରି
କବ୍‌ଜା କରୁଥିଲା ହସି ହସି ସତେ
ଯେତେ ସ୍ୱପ୍ନ ଆଉ ସମ୍ଭାବନା ।

ଈଶ୍ୱର ସେମିତି ଚାହିଁଥିଲେ
ଏକ ଲୟରେ
ମୋ ଆଖିରେ ଆଖି ମିଶେଇ ।

ମୁଁ ହସୁଥିଲି, ପୁଣି କାନ୍ଦୁଥିଲି
କେଉଁ ଅୟୁତ ଯୁଗର ଅସହାୟ ପଣରେ ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଚିତ୍ରକର...
### ସୌମ୍ୟରଂଜନ ଭୂୟାଁ




ସେଦିନ...
ଗୋଟେ ଚିତ୍ରକରକୁ ପ୍ରେମକରି
ଭୁଲ କରିଥିଲା ବୋଲି...
ପ୍ରକାଶ କଲା ପ୍ରିୟତମା ।
ସତରେ ତାଙ୍କୁ ପ୍ରେମ କରିବାଟା ବି
ଗୋଟେ ପାପ !
ହଁ, ହେବନି କେମିତି ??
ସେ ତ' ସବୁବେଳେ...
ଅନ୍ୟମନସ୍କତାର ଜୀବନ ବଞ୍ଚେ,
ଆଉ ପ୍ରେମ ଲାଗି ସମୟ କାହିଁ ଯେ ??

ସତରେ...
ମୁଁ ଆଜି ବି ଗୋଟେ ଚିତ୍ରକର,
କାହିଁକି ମୁଁ ପ୍ରେମୀକାଟେ ଖୋଜେ
ନିଜେ ବି ଜାଣେନା ପ୍ରିୟତମା...।

କାନଭାସ, ରଙ୍ଗ ଓ ତୁଳୀ ହିଁ ମୋର ସଂସାର ।
ଜୀବନର କାର୍ଡ଼ବୋର୍ଡ଼କୁ
ଝୁଲେଇ ଧରି ବୁଲେ କାନ୍ଧରେ ।
ସମୟକୁ ସାଉଁଟି ସାଉଁଟି ଖେଳେ ରଙ୍ଗ,
ମଗ୍ନ ରହେ ମିଳନର ଚିତ୍ର ସବୁ ଆଙ୍କିବାରେ ।
ସବୁ କଳ୍ପନାର ଚିତ୍ର ତୁମର...
ତୁମର... ଆଉ ଠିକ୍ ତୁମର...।
ଇତି
ତୁମର... ସେ ନିରବ ଚିତ୍ରକର ।

+ ପୂରଣ, ସାଲେପୁର, କଟକ
ମୋ: ୭୩୭୭୫୬୯୧୫୫

## କେମିତି ଅଛୁ
### ନିହାରିକା ରାୟ ବରାଳ



ତୁ କେମିତି ଅଛୁ ?
ସେଦିନ ତୋତେ ଛାଡ଼ି ଆସିବା ବେଳେ
ଲାଗୁଥିଲା ତୁ ମେଷ ଶାବକଟିଏ ଠାରୁ
ଆହୁରି ନୀରିହ, ଆହୁରି ନିଷ୍ପାପ
ନିହାତି ଏକ୍ଲା, ଅସହାୟ, ବିବଶ
ଅବଶିଷ୍ଟ ଆୟୁଷ୍କାଳର
ଗୋଟେ କ୍ଷତ ଜର୍ଜର ଅମାନତ ।

ତତେ ଛାଡ଼ି ଆସିବାକୁ
ନା ମୋର ଥିଲା ଇଚ୍ଛା ନା ଅଭୀପ୍ସା
ମୁଁ ତ ଚାହୁଁଥିଲି ପୂରାପୂରି ରହିଯିବାକୁ
ତୋ ପାଖରେ
ବାକିତକ ଜୀବନକୁ ଲେଖିଦବାକୁ
ତୋ ନାଆଁରେ
ବଳକା ଥିବା କିଛି ଭଲପାଇବାର ନିର୍ମାଲ୍ୟକୁ
ବାଣ୍ଟି ଦେବାକୁ, ତୋ ସ୍ନେହ କାଙ୍ଗାଳ ମନର
ଆନନ୍ଦ ବଜାରେ ।

ତୁ ତ ଅମୃତର ସାଗରଟିଏ
ତୋ କଥାରେ, ଚାହାଣୀରେ, ଠାଣିରେ
ଅଧାବୁଜା, ଅଧାଦେଖା ମୁହାଣଟିଏ
ତୋ ପାଇଁ ଚାନ୍ଦ ତୋଳିବାର
ଦୁର୍ବାର ଇଚ୍ଛାର ନିଶୁଣିରେ
ଏକାକାର ହେଉଥାଏ ମାଟିରୁ ଆକାଶ
ଓ ଆକାଶରୁ ମାଟି
ମୋ ନିଃଶ୍ୱାସର ଜବାବ୍‌ଦାରିରେ ।

ତୁ କେମିତି ଅଛୁ ?
ତୋ ପାଖରେ ତ ଆଂଜୁଳି ଭର୍ତ୍ତି ଯଶ
କୁଡ଼ କୁଡ଼ ସମ୍ମାନ ଓ ମାନପତ୍ର

କେବେ ନିଅଣ୍ଟ ନହେବା ପରି
ବଂଧୁ ମହଲ, ସଂପର୍କର ଡୋର
ହାଲୁକା ଗଂଗଶିଉଳିର ବାସ୍ନା ପରି
ତୁ ଗୋଟ ନାମଫଳକ ବିହୀନ ଘର
ତୋ ନିଦରେ, ସ୍ୱପ୍ନରେ, ଅବଚେତନରେ
ତୁ ଟାଣିଦେଇପାରୁ ସମୟର
ଅକ୍ଷାଂଶ ଓ ଦ୍ରାଘିମାରେ ଗାର ।

ଏତେ ସବୁ ସତ୍ତ୍ୱେ ବି
ତୁ ଖୁସି ନଥିବୁ, ସୁଖୀ ନଥିବୁ
ମତେ ଖୋଜୁଥିବୁ ତୋ ବିବଶତାର ଚଷମାରେ
ମତେ ଝୁରି ହେଉଥିବୁ ଜହ୍ନ ସାଥିରେ
ମତେ ଦରାଣ୍ଡୁଥିବୁ, ଅରାଣ୍ଡୁଥିବୁ
ତୋ ଭାବ ପ୍ରବଣତାର ତକ୍ତପୋଷରେ
କେବେ କେବେ କୋହଭରା କଣ୍ଠରେ
ବିରହର ସ୍ୱରଟିଏ ତୋଳୁଥିବୁ
ପବନର ନିରବିତ ଛୁଆଁରେ
ଅବା ତୋ ନିଃସଂଗତାର ମହୁମୁହାଣରେ ।

+ ଅନୁରାଗ
ବି/୧୦, ପ୍ରତିଭା ଏନ୍‌କ୍ଲେଭ
ବିଜେବି ନଗର
ଭୁବନେଶ୍ୱର

## ପୁରୁଷ
### ବିନୟ ଭୂଷଣ ପାଣିଗ୍ରାହୀ



ଉଦର ଅଛି, କ୍ଷୁଧା ନାହିଁ !
ହୃଦୟ ଅଛି, ନାହିଁ ଅନୁଭବ !
ଚକ୍ଷୁ ଅଛି, ନାହିଁ ହସଲୁହ !
ଦେହ ଅଛି, ବାଧା ନାହିଁ !
ଏକଥା ଶୁଣିଲେ
ମୋତେ ଛାଡି ବାକି ସର୍ବେ
ହସରେ ଉଡେଇ ଦେବ,
ବାଁ ହାତରେ ଆଡେଇ ଦେବେ
ନିରୋଳା ବକ୍‌ବାସ କହି ।

ଅନୁଭବିଛି ଅନ୍ତରଙ୍ଗ ଭାବେ,
ଏମିତି ଲକ୍ଷଣ ସବୁ
ପରିଦୃଷ୍ଟ ହୁଏ ଯା'ପାଖରେ
ମଣିଷଟେ ବୋଲି ତାକୁ
ଭାବୁ କି ନଭାବୁ କେହି
ପୁରୁଷଟେ ବୋଲି ସିଏ
ସନ୍ଦେହର ଅବକାଶ ନାହିଁ ।

ପାଣି ହେଉ କି ପବନ;
ତା'ଉପରେ କିଏବା କେମିତି
ପାଦରଖି ଆକାଶରୁ
ତୋଳି ପାରିବ
ଚାନ୍ଦକୁ,ତାରାକୁ !!

ସେଇଥିପାଇଁ ତ କେବଳ
ପଥର ଖଣ୍ଡିଏ ଲୋଡ଼ା
ଯା'ଉପରେ ଦୁଇପାଦ କଣ
ଲଦିଦେଲେ ଗୋଟାପଣ
ସାରା ବ୍ରହ୍ମାଣ୍ଡକୁ
ଚୁରଚୁର ହେଇଯିବ ପଛେ
ଚିଲ୍ଲେଇବ ନାହିଁ ଆଦୌ
'ଆଃ'ବୋଲି ଶବ୍ଦ କରିବନି,
ଲୁହ ଢାଳି ଖସରା କରିବନାହିଁ
ସ୍ୱବକ୍ଷଦେଶକୁ
ତା'ଛାତିତଳର କୋହ
ଦୋହଲାଇ ଦେବନାହିଁ
ଏତେ ଭରସାରେ
ତା'ଉପରେ ପାଦ ଥାପିଥିବା
ଅଟଳ ବିଶ୍ୱାସକୁ ।

କେମିତି ସେ କରନ୍ତା ସେମିତି
ପୁରୁଷ ଜନମ ପାଇ !!!

+ ହରସିଂହ ପୁର, ପୀରହାଟ ବଜାର
ଭଦ୍ରକ-୩୧
ମୋ: ୯୯୩୭୫୪୮୪୩୧ /
୯୪୩୮୬୭୦୧୨୦

## ନୀଳ ନିର୍ଜନତା
### ଜୟଶ୍ରୀ ପଟ୍ଟନାୟକ



ତୁମ ଭାବନାର ସୀମାରେଖା
ଛୁଇଁ ପାରିଛି ବୋଲି
ପାପୁଲିରେ ଜଡେଇ ଧରିଛି ତୁମ ଛବି
ଚିରକାଳ ଥାପିଥିବି ହୃଦୟର ଶୂନ୍ୟ ଅଳିନ୍ଦରେ ।
ତୁମ ସେ ଶାନ୍ତ କାନ୍ତ ଶାଶ୍ୱତ ରୂପ ।

ଯିଏ ଖେଳୁଥାଏ ବେଳେ ଲୁଚକାଳି ଖେଳ
ନିରୁତା ପଣରେ ପୁଣି ହଜିଯାଏ
ସାଗରର ବିସ୍ତୀର୍ଣ୍ଣତାରେ
ଖୋଜୁଥାଏ ଶବ୍ଦଙ୍କୁ ଆୟୁଧ କରି
କବିତାର ମୂଳାୟମ ଶେଯରେ ।

ତୁମ ଚାହାଣୀର ନିବିଡ ଆଶ୍ଳେଷରେ
ବାନ୍ଧିଥାଏ ମୋ ନିଃଶ୍ୱାସର ଅନ୍ତରଂଗ ଭାବନା
ଆତ୍ମସତ୍ତା ହରାଉଥାଏ
ନିଶବ୍ଦ ହୋଇପଡେ ଚେତନା
ନିର୍ବାକ୍ ହୁଅନ୍ତି ଓଠର ଶବ୍ଦ ମାନେ
ମୋ ଛାଇ ରୂପାନ୍ତରିତ ହୁଏ ବେଳୁ ବେଳ ।

ବଂଚିଥାଏ ଗଙ୍ଗଶିଉଳି ପରି ମାଟି ଅଗଣାରେ
ସବୁ ପାହାନ୍ତି ସ୍ୱପ୍ନରେ ଜୀବନ ନ ଥିଲା ପରି
କିଂଶୁକ ଫୁଲ ଦେବତାର ମସ୍ତକରେ
ନ ଲାଗି ମଉଳିଲା ପରି

ବେଳୁ ବେଳ ହଜୁଥାଏ ପାଦ ତଳ ସ୍ଥିତି
ସାଉଁଟିବାକୁ ଅଭୁଲା ମୁହୂର୍ତ୍ତ ମାନ
ହାତମୁଠାରେ ଆଉ ଗୋଟିଏ ଜନ୍ମପାଇଁ ।

କାଳେ ହଜିଯିବେ ସେମାନେ କେଉଁ
ଦୋଛକି ରାସ୍ତାରେ
ଯାହାକୁ ତମାମ ରାତିର ନୀଳ ନିର୍ଜନତା ବି
ନିଅଂଟ ପଡଯିବ ବୁଝେଇବାକୁ
ପୂର୍ଣ୍ଣର ଶବ୍ଦମାନଙ୍କରେ ।

ଅସରା ଅସରା ବର୍ଷାରେ ମୁଁ
ଭିଜୁଥାଏ ପାଲଟି ଶ୍ରାବଣୀ
ହେଲେ ତିନ୍ତୁ ନଥାଏ ତିଳେ ସେ ପ୍ରୀତିମହଲ
ଯାହା ବନ୍ଧାଥାଏ ପବିତ୍ରତାର ଶିକୁଳିରେ
ଚିରକାଳ ମୋ ଅଶ୍ରୁରେ କୃତାର୍ଥ କରିବାକୁ
ସ୍ୱପ୍ନସବୁ କେଉଁ ଏକ ଜନ୍ମରେ ।

+ ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ବଞ୍ଚିବାର କୌଶଳ
### ତପନ କୁମାର ସାହୁ



ଈଶ୍ୱର ଖୁବ୍ ପାଖାପାଖି ଥିଲେ
ବୋଧେ ଛାଇ ହୋଇ, ବନ୍ଧୁ ହୋଇ
ମୁଁ ଯେବେ ହସୁଥିଲି ସେ ବି ହସୁଥିଲେ
ମୋ ଓଠରେ ହସ ହୋଇ
ମୁଁ ଯେବେ କାନ୍ଦୁଥିଲି ସେ ବି କାନ୍ଦୁଥିଲେ
ମୋ ଆଖିରେ ଲୁହ ହୋଇ ।

ବଞ୍ଚିବାର କୌଶଳ
ସେ ହିଁ ଶିଖେଇଲେ ମୋତେ
କହୁଥିଲେ ଜୀବନଟେ ନଈ ପରି
ହସ ଓ ଲୁହ ଦୁଇଟି କୂଳ ପରି
ହଁ ନାହିଁର ଛକି ଖେଳ
ଲୁହ ପିଇ ହସିବାକୁ ହୁଏ
କେହି ହାରେନା କେହି ଜିତେନା
ମାୟା ମୋହ ଓ କାମନା
ଘେରି ରହେ ଚତୁଃପାର୍ଶ୍ୱେ
ଖୁସିରେ ବଞ୍ଚିବାକୁ ଦିଏନା ।

ଆଜି ଆକାଶ ଖୁବ୍ ପାଖରେ
ମୋ କାନ୍ଧରେ ହାତ ରଖି ପଚାରେ
ବଞ୍ଚିବାର କୌଶଳ
ମୁଁ କହେ କୌଶଳ ତ ତୁମଠୁ ଶିଖିଛି
ବୈଶାଖରେ ତାତି ସହି

ଆଷାଢ଼ରେ ଭିଜିଭିଜି
ମାଘରେ ହେମାଳ ହୋଇ ।

ତୁମେ ତ ଶିଖାଅ ବଞ୍ଚିବାର କୌଶଳ
ଦିନ ସାଥେ ଆଲୋକିତ ହୋଇ
ରାତି ସାଥେ ଅନ୍ଧାର ହୋଇ
ଦୁଃଖରେ କାନ୍ଦି ଦେଇ
ଖୁସିରେ ହସି ଦେଇ
ବଞ୍ଚିବାକୁ ହବ ସମୟ ସାଥେ
ସମୟଟେ ହୋଇ
ଈଶ୍ୱର ଖୁବ୍ ହସୁଥିଲେ ଆକାଶଟେ ହୋଇ
ଗୁରୁଟେ ହୋଇ
ଏବେ ତାଙ୍କ ହାତ କାନ୍ଧରୁ
ଧୀରେ ଧୀରେ ମୋ ମୁଣ୍ଡ ଉପରେ
ବୋଧେ ଛାଇ ହୋଇ ବନ୍ଧୁ ହୋଇ
ଆଶୀର୍ବାଦ ହୋଇ.....

+ ବେଲଗାଁ, କଳାହାଣ୍ଡି
ମୋ.୯୦୧୯୩୧୧୮୬୮

## ଶୂନ୍ୟ ପୁରୁଷ
### ଡକ୍ଟର ଲକ୍ଷ୍ମଣ ସାହୁ



ଖଡିଛୁଇଁ ମାଟି ସିଲଟ୍‌ରେ ଶୂନ୍ 'ଠ'ଲେଖିଲେ
ସେ ଶୂନ୍ୟ ଦେହୀ, ଶୂନ୍ୟ ବ୍ରହ୍ମ
ପରମ ପୁରୁଷ ପାଲଟେ
ଲିଭାଇ କପାଳେ ବୋଲିଲେ
ଭାଗ୍ୟ ନିର୍ଦ୍ଧାରଣ କରୁଥିବା
ଏକ ଅଦୃଶ୍ୟ ନିୟନ୍ତା ମୋ ମନେହୁଏ ।

'ଠ' ଘୋଷି ମନେ ରଖିବାକୁ ପଡ଼ିନଥିଲା,
କେଉଁ ଏକ ଅଜଣା ଉତ୍ସାହରେ
ମାଡି ହୋଇଥିଲା
ଗୋଟେ ଆତ୍ମିୟତା ଚେତନାର ସ୍ୱର୍ଗୀୟ ଭାବନା
ଆଖି ସହ ମିଶିଥିବା ଚକା ଚକା ଡୋଳା
ପବିତ୍ରତାର ନିର୍ମଳ ଭାବମୂର୍ତ୍ତି ଝଲସୁଥିବା
ପୂର୍ଣ୍ଣଚନ୍ଦ୍ର ସଫେଦ ରଙ୍ଗହୀନ କାଗଜ ଭଳି
ବିଶ୍ୱାସର ଗଭୀର ସମୁଦ୍ର, ଆକାଶର ପରିବ୍ୟାପ୍ତ
ଅଫରନ୍ତ ଆନନ୍ଦ ମୋ ଦେହର ଶିହରଣ
ଅଲୌକିକ ସର୍ତ୍ତାକୁ ଗୋଟିଏ ଠୁଳିଭୂତ
ଶକ୍ତି ଦୁର୍ବାର ଭାବ ଜଗତରେ ହଜିଯାଇଥିବା
ମନ ମୋର, ନିର୍ବିକାର ଚିତ୍ତରେ
ତନ୍ମୟ ଲଭୁଥିଲା ନିର୍ଲିପ୍ତ ନୟନରେ ।

ହେତୁବାଦୀ, ନାସ୍ତିକ ହୃଦୟରେ ହେତୁ ଉଦୟର
ଭାଗବତ ବାଣୀ କାଷ୍ଠ, ପାଷାଣ,
ତୃଣ, ତରୁ ଯେତେ
କୀଟ, ପତଙ୍ଗ, ଜୀବ, ହିଂସ୍ର ସବୁରି ଭିତରେ
ବନ୍ଧାପଡି ଆତ୍ମହରା ହୋଇ ପଡେ ହସ୍ତ ପଦ
ପଲକହୀନ ମୋ ଈଶ୍ୱର ନିର୍ଘାତ ଭାବରେ
ହସୁଛନ୍ତି ରତ୍ନସିଂହାସନେ ଅଭୟ ମୁଦ୍ରାରେ ।


ଭସ୍ମାସୁର, ରାବଣ, କଂସ ଓ 'ମୁଁ'ତ୍ୱର
ଅନ୍ତ କେବେ ଘଟିନାହିଁ, ଅବତାରରୁ ଅବତାର
କେତେବାର ନେଉଥିବେ, ହେ ଈଶ୍ୱର
ନୂତନ ସର୍ଜନାକର୍ମରେ ଲିପ୍ତ ରହୁଥିବା
ନାସ୍ତିକର ଅବିଶ୍ୱାସ ଜ୍ୱାଳାରେ ଅମୃତର
ଝରଣା ଶୁଷ୍କ ପାଲଟି ଯାଉଥିବ ବା ଏମିତି
ସତେ ତମ ନିପାରିଲା ପଣରେ ।

ଯେତେବାର ବଡ଼ଦାଣ୍ଡ ଧୂଳି
ବୋଲି ହୁଏ ଆତ୍ମ ତୃପ୍ତି ଲାଭ କରେ
ପତିତପାବନ ବାନା ଦେଖି ଆଖି ଲାଖିଯାଏ
ତମ ଚକାଡୋଳାରେ ଆଖି ମିଶିଗଲେ
ଅମାନିଆ ଅଶ୍ରୁ ମୋର ଝରିପଡେ
ମଣିଷ ଭିତରେ ବନ୍ଧା ଥିବା ମଣିଷ କେବଳ
ମଣିଷର କଥା କହେ, ମୁଁ କିନ୍ତୁ ଖୋଜୁଥାଏ
ସବୁ ଭିତରେ ଯେ ମୂଳ ବିନ୍ଦୁଟିଏ ମୋର
ଦୟା, କ୍ଷମା, ଶ୍ରଦ୍ଧା, ପ୍ରୀତି, ପ୍ରେମ
ହେ ଈଶ୍ୱର ଏ ମଣିଷକୁ କ୍ଷମା କର
ଯେ କୁଶବିଦ୍ଧ କରେ ବାରଂବାର ତମକୁ
ଭୂମିରୁ ଭୂମା'କୁ, ଉପହାସ କରୁଥିବା
ଦାରୁବ୍ରହ୍ମଙ୍କୁ, ତିନିପାଦ ମାଗିଥିବା
ବାମନ ହରିଙ୍କୁ ।

ଅନୁଭବ କରେ ତମ ପ୍ରସ୍ତର ଶିରାରେ
କାଷ୍ଠେ ଗଢା ମୂର୍ତ୍ତି ତମ ତ୍ରିଭଙ୍ଗୀ ଠାଣିରେ
ଅବା ଅଷ୍ଟଧାତୁ ଗଢଣର ଚୋରା ଚାହାଣିରେ
ଭରି ରହିଛି ଏତେ ପ୍ରେମ,
ମାଦକତା, କୋମଳତା
କେମିତି ଅସ୍ୱୀକାର କରିବି ତୁମକୁ,
ତମେ କେବଳ ମୋ ହୃଦୟର ଅନୁଭବର
କେବଳ ତମେ ମୋ ଜୀବନ ଠାକୁର
ମୋ ମସ୍ତକରେ ତମ ଅଦୃଶ୍ୟର ହସ୍ତ
ଅଭୟ ଦେଉଥିବ ନିତି ମୋ ଅନ୍ତହୀନ
ଭବିଷ୍ୟତର, ଅନାଗତ କାଳିମାର
ଶେଷ ବିଦାୟର, ତବ ପାଦପଦ୍ମ ଚିହ୍ନ
ପଡିଥିବ ମୋ ଭଗ୍ନ କୁଟୀର ମାଟି କାନ୍ଥେ
ଛଅଖଣ୍ଡ କାଠିରେ ବୋହୁଥିବେ ମୋତେ
ଶଂଖ ଧ୍ୱନି ଶୁଣିଥିବି, ଆରତି ବେଳାରେ
ଶୂନ୍ୟରେ ମିଳାଇ ଦେବ, ଶୂନ୍ୟ ଦେହୀ
ପରମ ଈଶ୍ୱର, ଦୀପ ତବ ଲାଗୁଥିବ
ଯୁଇ ମୋର ଜଳୁଥିବ, ସ୍ୱର୍ଗଦ୍ୱାରେ
ପାପ ମୁକ୍ତ କରୁଥିବ ପତିତପାବନ
ହସୁଥିବ ସ୍ମିତ ହସ ରଙ୍ଗଅଧରେ
ସାର୍ଥକ ଲଭୁଥିବି ଏ ଜନ୍ମର
ଶେଷ ହୀନ ଯୁଗ ଯୁଗାନ୍ତରେ ।

+ ତାରା ନିଳୟ, ପ୍ଲଟ ନଂ - ୮୫୪/ ଏ,
ଚାଚରା ଶବରସାହି, ମୁକୁନ୍ଦ ପ୍ରସାଦ,
ଖୋର୍ଦ୍ଧା-୭୫୩୦୦୫୫
ମୋ- ୯୦୪୦ ୧୫୧୪ ୭୫

## ମିଛ...
### ପ୍ରଶାନ୍ତ କୁମାର ନାଥ



ଶହେ ସତ ଏଠି ଲୁଚି ଯାଉଅଛି
ମିଛର ଖୋଳପା ତଳେ
ହେଲେ ବୁଝନ୍ତିନି ସତ୍ୟର ବିଜୟ
ରହିଅଛି କାଳେ କାଳେ ।

ମିଛ ଖୁସିଥାଏ କିଛି କ୍ଷଣ ପାଇଁ
ସତ ଖୁସି ଚିରଦିନ
ମିଛର ଖୁସିରେ ଦ୍ୱନ୍ଦମୟ ହୋଇ
ରହିଥାଏ ଏହି ମନ ।

ମିଛ ସିନା ଢାଙ୍କେ ନିଜର ଦୋଷକୁ
ମନେ ଭରିଦିଏ ଭୟ
ସେହି ଦୋଷ ଦିନେ ଧରା ପଡିଯାଏ
ମିଛ ହୁଏ ପରାଜୟ ।

ହୁଏତ ସତ୍ୟଟା କଷ୍ଟ ଦେଇଥାଏ
ମିଳିଥାଏ ଆତ୍ମତୃପ୍ତି
ହେଲେତ ମିଛରେ ଶାନ୍ତି ମିଳେ ନାହିଁ
କଲେ ପଛେ ଯାହା ପ୍ରାପ୍ତି ।

ହାରେନାହିଁ ସିଏ ଜୀବନରେ ଯିଏ
ମିଥ୍ୟା ଆଶ୍ରୟ ନେଇନି
ମଥାଟେକି ସଦା ବାଟ ଚାଲୁଥାଏ
ଜମା ଯେ ମିଛ କହିନି ।

ଅଳପ ଦିନରେ ମିଛର ଆୟୁସ
ହୋଇ ଯାଇଥାଏ ପୂର୍ଣ୍ଣ
ହେଲେ ଚିରଦିନ ସତ୍ୟଟା ଅମର
ରହିଥାଏ ସେ ଅକ୍ଷୁର୍ଣ୍ଣ ।

+ ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର-୭୫୫୦୧୩
ମୋ-୦୮୮୯୨୩୦୧୧୪୩

## ଅଭିମାନ..
### ବିଶ୍ୱରଞ୍ଜନ ଦାଶ



ଆକାଶରେ ଲାଖିରହି
ପବନରେ ଦୋହଲୁଛି
ଭୂତ କି ଫୁତ ନୁହଁ
ବାଇଚଢ଼େଇର ବସାଟେ ମୁଁ ଆଜି ।

ସ୍ୱପ୍ନ ଛୁଇଁବାର ଇଚ୍ଛା ନେଇ
ଫିଙ୍ଗିଦିଏ ଆଜି ବାସ୍ତବତା
ପୁଙ୍ଗୁଳା ତନୁର ଦରଦି ସକାଳେ
ଅଣ୍ଡାଳୁଥାଏ ଇତିହାସ
ମାୟାବୀ ସହରର ଅନ୍ଧାରରେ
ନିଜକୁ ଜିମା ଦେଇ
ହେଉଛି ନିଜ ଠାରେ ନିଜେ ଲୋକହସା ।

ମୁଣ୍ଡପୋତା କେଳା
ମୁଖାପିନ୍ଧା ମଣିଷ
ଠିକଣା ଯୋଗାଡ଼ରେ
କେତେ କଣ ନ ଭୋଗିଛି ଆଖି
ଭାଙ୍ଗିବା-ଗଢିବା ପୁଣି ଭାଙ୍ଗିବାରେ
ଶୈଶବ ଝୁଣ୍ଟେଇଥିବା ସମୟ
ବୃଦ୍ଧ ସାଉଁଟୁଛି ।

ଶୁନ୍ୟେଇ ଯିବାର ଅବଶୋଷେ
ମଉଳିଯାଏ ମୋ ଅନ୍ତଃର୍ଦେହ
ଭରାନଈରେ
ଭସାଇ ଦେଇ ମୋ ଅଭିମାନ
ବୋଝ ଲାଗେ ବୋଲି
ଓଠରୁ ଉତାରିଦେଇ
ବାଡ଼ିପଟେ ଟାଙ୍ଗି ଦେଇଛି ପରିଚୟ ।

ଶୋଷିଲା ଶାମୁକା ଆଁ'ରେ
ସମର୍ପି ଦେଇଛି ହାତ
ଗୋଡ଼ କିନ୍ତୁ
ପଦ୍ମାସନରେ ଭୁଇଁ ଛାଡୁନି
ଶହେଥର ମରି ବି
ମୃତ୍ୟୁକୁ ହାତଛଡା କରିଥିବା ମୁଣ୍ଡକୁ ଟେକି
ଅନେଇ ରହିଛି
ଶୋଭାଯାତ୍ରା ଶବଯାତ୍ରା ବିନା
ଦରମଲା ଦେହ ସହିବ
ଅଭିମାନର ପୋଡା-ପଚାଗନ୍ଧ ।

+ ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ : ୮୭୬୩୦୦୪୮୭୩

## ମୌସୁମୀ..
### ସସ୍ମିତ ଦାଶ



ମୌସୁମୀ ଆରମ୍ଭରେ ପୁଲକିତ
ହୁଏ ଚାଷୀ ଭାଇ,
ପ୍ରକୃତିରେ ସବୁଜ ଢାଙ୍କୁଣି ଘୋଡ଼ାଇ
ହୁଏ ସୁନ୍ଦର ହୋଇ ।

ଆସିଲେ ବର୍ଷା ଚାଷୀମାନେ ବିଲେ
ଯାଇ କରିବେ ହଳ,
ବର୍ଷାରେ ପୋଖରୀ ଗାଡିଆ ପୁରାଣ
ହେବ ମାଛ କରିବେ ଖେଳ ।

ବୃକ୍ଷମାନେ ଜଳ ପାଇ ତାଙ୍କ ମନ
ଆନନ୍ଦ ହୁଅଇ,
କଳା ବଉଦ ଢାଙ୍କି ଥିବା ଦେଖି ମୟୂର
କି ସୁନ୍ଦର ନଚାଇ ।

ବରଷାରେ ତ କଙ୍କି ଝରି ପୋକ କେତେ
ଆକାଶେ ଉଡି ବୁଲନ୍ତି,
ବର୍ଷା ସମୟରେ କୁନି ପିଲାମାନେ ଆନନ୍ଦରେ
ଯାଇ ଡ଼ଙ୍ଗା ଭାସନ୍ତି ।

ବରଷା ବରସିଲେ ପୋଖରୀ ହୁଡ଼ାରେ
ବେଙ୍ଗର କେଁ କେଁ ରଡ଼ି,
ମୌସୁମୀ ଆଗମନରେ ଖରା ତାତି
ଚାଲିଯିବ ପରିବେଶକୁ ଛାଡ଼ି ।

ମେଘ ଦୁଲୁକାଇ ଦିଏ ଘଡଘଡି ଶବଦେ
ଧୁକ୍ ଧୁକ୍ କରି ଛାତି,
ବିନା ବରଷାରେ ସୁନାର ଫସଲ କେବେ
ସମ୍ଭବ ନୁହେଁ ଟି ।

ଆସିଲେ ସିଏ ସଜେଇ ହୁଏ ପ୍ରକୃତି
ଆହାଃ କି ସୁନ୍ଦର ଦୃଶ୍ୟ,
ଅନାଇ ବସିଥାଉ କେବେ ଆସିବ ତୁମେ
ଆସିଗଲେ ହେଉ ସନ୍ତୋଷ ।

+ ପଲ୍ଲୀକଣ୍ଠା,ଏରସମା, ଜଗତସିଂହପୁର

# ଟୋକିଓ ଅଲିମ୍ପିକରେ କିଟ୍‌ରୁ ୩ ଖେଳାଳି

ଭୁବନେଶ୍ୱର,୫/୭ (ନି.ପ୍ର): ଚଳିତବର୍ଷ ଟୋକିଓ ଅଲିମ୍ପିକ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଓ ଜଣେ ଡାକ୍ତରଙ୍କୁ ମିଶାଇ ମୋଟ ୪ଜଣ ପ୍ରତିନିଧି ଅଂଶଗ୍ରହଣର ସୁଯୋଗ ପାଇଛନ୍ତି । ସମଗ୍ର ଭାରତରେ କିଟ୍ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଏହି ସୌଭାଗ୍ୟର ଅଧିକାରୀ ହୋଇପାରିଛି । ଗୋଟିଏ ବିଶ୍ୱବିଦ୍ୟାଳୟରୁ ୩ଜଣ ଖେଳାଳି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ରାଜ୍ୟ ତଥା ଦେଶ ପାଇଁ ଗୌରବର ବିଷୟ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇଛନ୍ତି । ରବିବାର ଭୁବନେଶ୍ୱରରେ ଭର୍ଚୁଆଲରେ ଆୟୋଜିତ ଜାତୀୟସ୍ତରର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ସର୍ବଦା ଶିକ୍ଷା ସହ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଆସୁଥିବା ବେଳେ କ୍ରୀଡ଼ା କ୍ଷେତ୍ର ପ୍ରତି କିଟ୍ ଓ କିସ୍ ରୁ ଯଥେଷ୍ଟ ଅବଦାନ ରହିଛି । କିସ୍ ମାଧ୍ୟମରେ ହଜାର ହଜାର କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦିଆଯାଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ଜରିଆରେ ମଧ୍ୟ ବହୁ ଛାତ୍ରଛାତ୍ରୀ ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ଖେଳାଳି ଭାବେ ସୁଯୋଗ ପାଇଛନ୍ତି । ନିକଟରେ ଟୋକିଓରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଭାରତ ତଥା ଓଡ଼ିଶାର ଗର୍ବ ଓ ଗୌରବ କିଟ୍ ଛାତ୍ରୀ ଦୂତୀ ଚାନ୍ଦ ଦ୍ୱିତୀୟ ଥର ପାଇଁ ଦୁଇଟି ଇଭେଂଟରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଏକମାତ୍ର ଭାରତୀୟ ଭାବେ ଦୂତୀ ଚାନ୍ଦ ଦ୍ୱିତୀୟ ଥର ଅଲିମ୍ପିକ୍ସରେ ୧୦୦ ଓ ୨୦୦ ମିଟର ଦୌଡ଼ ଭଳି ଦୁଇଟି ଇଭେଂଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି । ଦୂତୀଙ୍କ ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟର ଆଉ ଦୁଇ ଛାତ୍ରଛାତ୍ରୀ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି । ସେମାନେ ହେଲେ ଅସି ଚାଳିକା ସି ଏ ଭବାନୀ ଦେବୀ ଏବଂ ଜାଭେଲିନ୍ ଥ୍ରୋ ଖେଳାଳି ଶିବପାଲ୍ ସିଂହ । ସି ଏ ଭବାନୀ ଦେବୀ ଏବେ କିଟରେ ପିଏଚଡି କରୁଛନ୍ତି । ଭବାନୀ ଦେବୀ ଏକମାତ୍ର ଓ ପ୍ରଥମ ଭାରତୀୟ ଅସି ଚାଳିକା ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଛନ୍ତି । ଗତ ମାର୍ଚ୍ଚ ମାସରେ ହଙ୍ଗେରୀରେ ଅନୁଷ୍ଠିତ ବିଶ୍ୱକପରେ ଉତ୍ତମ ପ୍ରଦର୍ଶନ ସହ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ୍ କରିଛନ୍ତି । ତାଙ୍କର ବିଶ୍ୱ ର୍ୟାଙ୍କ ୪୨ ରହିଥିବା ବେଳେ ୨୦୧୮ରେ ଅଷ୍ଟ୍ରିଆରେ ଅନୁଷ୍ଠିତ ବରିଷ୍ଠ ରାଜ୍ୟଗୋଷ୍ଠୀ ଅସିଚାଳନା ଚାମ୍ପିଅନ୍ସିପରେ ସ୍ୱର୍ଣ୍ଣପଦକ ହାସଲ କରିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । କିଟ୍ ବିବିଏ ଛାତ୍ର ଶିବପାଲ୍ ସିଂହ ମାର୍ଚ୍ଚ ମାସରେ ଦକ୍ଷିଣ ଆଫ୍ରିକାର ଏସିଏନ୍ଡବ୍ଲ୍ୟୁ ମିଟ୍ରେପ ୮୫.୪୭ ମିଟର ଜାଭେଲିନ୍ ଥ୍ରୋ କରି ସ୍ୱର୍ଣ୍ଣ ପଦକ ସହ ଅଲିମ୍ପିକସପାଇଁ ଯୋଗ୍ୟତା ହାସଲ୍ କରିଛନ୍ତି । ଭାରତର ଅନ୍ୟତମ କ୍ରୀଡ଼ାବିତ୍ ନିରଜ ଚୋପ୍ରାଙ୍କ ସହ ଶିବପାଲ୍ ଜାଭେଲିନ୍ ଥ୍ରୋରେ ଭାରତର ପ୍ରତିନିଧିତ୍ୱ କରିବେ । ସେହିପରି ଭାରତୀୟ ପୁରୁଷ ହକି ଦଳରେ ଡାକ୍ତର ଭାବେ କିମ୍ସର ଡାକ୍ତର ସୁଦୀପ ଶତପଥୀ ମନୋନୀତ ହୋଇ ଜାପାନ ଗସ୍ତ କରୁଛନ୍ତି । ଡା. ଶତପଥୀ ପୂର୍ବରୁ ୨୦୧୬ରେ ରିଓ ଅଲିମ୍ପିକ୍ସରେ ସ୍ପୋର୍ଟସ ମେଡିସିନ୍ ଡାକ୍ତର ଭାବେ ଯୋଗ ଦେଇଥିବା ବେଳେ କ୍ଲିନିକାଲ୍ ଫିଜିଓଲୋଜିଷ୍ଟ ତଥା ସ୍ପୋର୍ଟସ ଆଣ୍ଡ ଏକ୍ସରସାଇଜ୍ ଫିଜିଓଲୋଜି ବିଶେଷଜ୍ଞ ଭାବେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି । ଶ୍ରୀ ସାମନ୍ତଙ୍କ ପୌରୋହିତ୍ୟରେ ରବିବାର ଏହି ଖେଳାଳିଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଏବଂ ସମ୍ମାନୀୟ ଅତିଥି ଭାବେ କ୍ରୀଡ଼ା ଓ ଯୁବବ୍ୟାପାର ତଥା ପର୍ଯ୍ୟଟନ ବିଭାଗ ମୁଖ୍ୟ ସଚିବ ବିଶାଳ କୁମାର ଦେବ ପ୍ରମୁଖ ଯୋଗଦେଇଥିଲେ । କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିବା ବେଳେ ଶ୍ରୀ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଥିଲେ, ୨୦୧୩ରୁ ଦୂତୀର ସମସ୍ତ ସୁଖ ଦୁଃଖରେ କିଟ୍ ଓ ଶ୍ରୀ ସାମନ୍ତ ରହି ଆସିଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ରହିବ । ଅଲିମ୍ପିକ୍ସ ଫେରିବା ପରେ ଦୂତୀଙ୍କ ପାଇଁ କିଟ୍ ତରଫରୁ ଦୁଇଟି ବଡ଼ ଉପହାର ପ୍ରଦାନ କରାଯିବ ବୋଲି ଏହି ଅବସରରେ ଶ୍ରୀ ସାମନ୍ତ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ର ସମସ୍ତ କର୍ମଚାରୀ ଓ ଲକ୍ଷାଧିକ କ୍ରୀଡ଼ାପ୍ରେମୀ ଭର୍ଚୁଆଲରେ ଯୋଡ଼ି ହୋଇଥିଲେ ।

# କୋଟିଏ ଲୋକଙ୍କୁ ପ୍ରଥମ ଡୋଜ୍ ଟିକା : ଦୁଇ ଡୋଜ୍ ଟିକା ନେଲେଣି ୨୨ଲକ୍ଷ ୧୯ହଜାର ୮୫୩ ଜଣ



ଭୁବନେଶ୍ୱର,୫/୭ (ନି.ପ୍ର): ଜାନୁଆରି ୧୬ରୁ ଓଡ଼ିଶାରେ ଆରମ୍ଭ ହୋଇଥିବା କୋଭିଡ ଟିକାକରଣ ଆଜି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି । ଟିକାକରଣର ୭ମାସ ନ ପୂରୁଣୁ ୧କୋଟି ୨୨ଲକ୍ଷ ୩୬ହଜାର ୪୮୩ ଡୋଜ୍ ଟିକା ଦିଆଯାଇଛି । ଏଥିରେ ୧କୋଟି ୧୬ହଜାର ୬୩୦ଜଣଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଥିବା ବେଳେ ୨୨ଲକ୍ଷ ୧୯ହଜାର ୮୫୩ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି । ରବିବାର ସୁଦ୍ଧା ୧କୋଟି ୭ଲକ୍ଷ ୫୩ହଜାର ୨୧ଜଣ କୋଭିସିଲ୍ଡ ଟିକା ନେଇଥିବା ବେଳେ ୧୪ଲକ୍ଷ ୮୩ହଜାର ୯୨ଜଣ କୋଭାକ୍ସିନ୍ ଟିକା ନେଇଛନ୍ତି । ସେହିପରି ଆଜି ସୁଦ୍ଧା ୬୬ଲକ୍ଷ ୧୦ହଜାର ୬୯୪ଜଣ ପୁରୁଷ ଟିକା ନେଇଥିବା ବେଳେ ୫୬ଲକ୍ଷ ୨୩ହଜାର ୫୭୫ଜଣ ମହିଳା ଟିକା ନେଇଛନ୍ତି । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ ଆମେ ଆମର ସମସ୍ତ ଜନସଂଖ୍ୟାକୁ ଟିକାକରଣ ପାଇଁ ଅଗ୍ରସର ହେଉଥିବା ବେଳେ ଏଭଳି ସଫଳତା ପାଇଁ ରାଜ୍ୟବାସୀ ଓ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟକର୍ମୀ ଧନ୍ୟବାଦର ପାତ୍ର । ଅପରପକ୍ଷେ ରାଜ୍ୟ ସରକାର ପ୍ରତିଦିନ ୩ରୁ ସାଢ଼େ ୩ଲକ୍ଷ ଲୋକଙ୍କୁ ଟିକା ଦେବାକୁ ଯୋଜନା କରୁଥିଲେ ହେଁ ଠିକ୍ ସମୟରେ ଟିକା ମିଳୁ ନଥିବାରୁ ଟିକାକରଣ ବାଧାପ୍ରାପ୍ତ ହେଉଛି । ଆଜି ୩ଟି ଜିଲ୍ଲାରେ ୧୬୪ଟି ଅଧିବେଶନରେ ଟିକାକରଣ ହୋଇଛି । ଏଥିରେ ୨୯,୦୩୨ଡୋଜ୍ ଟିକା ଦିଆଯାଇଛି ।

# ବସ୍‌ରେ ମାସ୍କ ବାଧ୍ୟତାମୂଳକ



ଭୁବନେଶ୍ୱର ,୫/୭ (ନି.ପ୍ର): ରାଜ୍ୟ ସରକାର ଜୁଲାଇ ୧ରୁ ୨୦ଟି ଜିଲ୍ଲାରେ ବସ୍ ଚଳାଚଳ ପାଇଁ ଅନୁମତି ଦେଇଥିଲେ ହେଁ ଏନେଇ ଗାଇଡଲାଇନ୍ ଜାରି କରିନାହାନ୍ତି । ତେଣୁ ବସ୍ ମାଲିକମାନେ କିପରି ବସ୍ ଚଳାଚଳ କରିବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି । ଏପରିକି ବସ୍ ମାଲିକମାନେ ରାଜ୍ୟ ସରକାରଙ୍କଠାରୁ ଟିକସ ଛାଡ଼ ଏବଂ ଅନ୍ୟାନ୍ୟ ସହାୟତା ଆଶା କରୁଥିବା ବେଳେ କିଛି ନିଷ୍ପତ୍ତି ହୋଇ ନଥିବାରୁ ଏ ପର୍ଯ୍ୟନ୍ତ ୨୦ଟି ଜିଲ୍ଲାରେ ବସ୍ ଚଳାଚଳ ସ୍ୱାଭାବିକ ହୋଇପାରିନି । ଆଜି ଏନେଇ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ଜିଲ୍ଲା ଭିତରେ ବସ୍ ଚଳାଚଳ ପାଇଁ ଗାଇଡଲାଇନ୍ ଆସିବ । ଆରଟିଓ ଓ ବସ୍ ସଂଘଗୁଡ଼ିକୁ ଗାଇଡଲାଇନ୍ ଜଣାଇ ଦିଆଯିବ । କିନ୍ତୁ ଏବେ ଯେଉଁମାନେ ବସ୍ ଚଳାଚଳ କରୁଛନ୍ତି, ସେମାନେ ବସ୍ ସିଟ୍ ଅନୁସାରେ ଲୋକ ନେବେ । କାହାକୁ ଛିଡ଼ା କରି ନେଇପାରିବେନି । ବସ୍‌ରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ । ଯିଏ ମାସ୍କ ପିନ୍ଧି ନଥିବେ, ତାଙ୍କୁ ବସ୍‌ରେ ନ ଉଠାଇବାକୁ କୁହାଯାଇଛି । ଏହାସହ ପ୍ରତିଦିନ ବସ୍‌ଗୁଡ଼ିକୁ ବିଶୋଧନ କରିବାକୁ କୁହାଯାଇଛି । ଏହାକୁ କଡ଼ାକଡ଼ି ମାନିବାକୁ ବସ୍ ମାଲିକ ସଂଘକୁ କୁହାଯାଇଛି । ଏନେଇ ଆରଟିଓମାନେ ଯାଞ୍ଚ କରିବେ । ସେହିପରି ବସ୍ ମାଲିକମାନଙ୍କ ଦାବି ନେଇ ଖୁବ୍‌ଶୀଘ୍ର ଆଲୋଚନା କରାଯିବ । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ସୋନପୁର, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ନବରଙ୍ଗପୁର, ମାଲକାନାଗିରି, ରାୟଗଡ଼ା ଜିଲ୍ଲାରେ ବସ୍ ଚଳାଚଳ ପାଇଁ ଅନୁମତି ଦେଇଛନ୍ତି । ହେଲେ ଭୁବନେଶ୍ୱର ଓ କଟକକୁ ବସ୍ ଚଳାଚଳ ପାଇଁ ଅନୁମତି ନଥିବାରୁ ବହୁ ବସ୍ ଏବେ ବି ଗଡ଼ିବା ସମ୍ଭବ ନୁହେଁ ।

# କେବେ ଉଠିବ ଲୋକସେବା ଭବନ କଟକଣା ?

ଭୁବନେଶ୍ୱର,୫/୭ (ନି.ପ୍ର): ଦୁଇ ଡୋଜ୍ ଟିକା ନେଇଥିବା କର୍ମଚାରୀ ଅଫିସ୍ ଆସିବା ବାଧ୍ୟତାମୂଳକ । ଜୁଲାଇ ୧ ତାରିଖ ଠାରୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ସରକାର । ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ ଟିକା ନେଲେ କର୍ମଚାରୀ ନିରାପଦ । ଏହି ପରିପ୍ରେକ୍ଷୀରେ ଦୁଇ ଡୋଜ୍ ଟିକା ନେଇ ସାଧାରଣ ଲୋକ ନିଜ କାମରେ ଲୋକସେବା ଭବନ ଯିବାରେ ଅସୁବିଧା ନାହିଁ । କିନ୍ତୁ ଏ ଦିଗରେ ସରକାରଙ୍କ ନିରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ପାଖାପାଖି ୧୫ ମାସ ହେଲାଣି ଲୋକସେବା ଭବନରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଛି । ପାସ୍ ମିଳୁଥିବା ଅଭ୍ୟର୍ଥନା ପ୍ରକୋଷ୍ଠକୁ ବନ୍ଦ କରିଦିଆଯାଇଛି । ଖବର ସଂଗ୍ରହ ପାଇଁ ବାର୍ଷିକ ପାସ୍ ନେଇ ଲୋକସେବା ଭବନ ଯାଉଥିବା ସାମ୍ବାଦିକଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଲାଗୁ ହୋଇଛି । କେବଳ ଲୋକସେବା ଭବନ ନୁହେଁ, ଖାରବେଳ ଭବନ ଓ ରାଜୀବ ଭବନ ପାଇଁ ମଧ୍ୟ ସମାନ ନିୟମ ଲାଗୁ କରାଯାଇଛି । କରୋନା ସଂକ୍ରମଣରୁ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏପରି କଟକଣା ଜାରି କରିଥିଲେ । କଟକଣାର ଅବଧି ଲମ୍ବି ଚାଲିଛି । କରେନାର ପ୍ରଥମ ଲହର ପରେ ଡିସେମ୍ବରରୁ ମାର୍ଚ୍ଚ ଯାଏ ରାଜ୍ୟରେ ଜନଜୀବନ ସ୍ୱାଭାବିକ ହୋଇଥିଲା । ସରକାର ସବୁ କଟକଣାକୁ ଆପାତତଃ କୋହଳ କରିଦେଇଥିଲେ । ରାଜଧାନୀରେ ଲୋକସେବା ଭବନ ବାହାରେ ଭୁବନେଶ୍ୱରରେ ସବୁ ସରକାରୀ ଅଫିସକୁ ଲୋକଙ୍କ ଆତଯାତ ଚାଲିଥିଲା । ନିଜ କାମ ପାଇଁ ସିଧାସଳଖ ଅଧିକାରୀ, କର୍ମଚାରୀମାନଙ୍କୁ ଭେଟିବାରେ କିଛି ବାଧା ନ ଥିଲା । ମନ୍ଦିର, ମସଜିଦ୍ ଆଦି ଧର୍ମାନୁଷ୍ଠାନ ଖୋଲିଥିଲା । ଧାର୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାଜନୈତିକ ସଭାସମିତିକୁ ୫୦୦ ଯାଏ ଲୋକଙ୍କୁ ଏକାଠି ହେବାକୁ ଅନୁମତି ମିଳିଥିଲା । କିନ୍ତୁ ଲୋକସେବା ଭବନର ଫାଟକ କାହା ପାଇଁ ଖୋଲି ନ ଥିଲା । ଲୋକସେବା ଭବନକୁ ଏପରି ଅଭେଦ୍ୟ ଦୁର୍ଗ କରି ରଖିବାର ଆସ୍ୱର୍ଦ୍ଧାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା । କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ତାହାର ସାମାନ୍ୟ ପ୍ରଭାବ ପଡ଼ି ନ ଥିଲା । କେଉଁ ଯୁକ୍ତି ବଳରେ ସେମାନେ ଦୀର୍ଘ ଦିନ ଧରି ଲୋକସେବା ଭବନକୁ ସାଧାରଣ ଲୋକ ଓ ଗଣମାଧ୍ୟମ ଠାରୁ ଦୂରରେ ରଖିଲେ, ତାହା ବୁଝାପଡ଼ିଲାନି । ଲୋକଙ୍କ ପାଇଁ ଯେ 'ଲୋକସେବା ଭବନ', ତାହା ବୁଝିବାକୁ ମନ୍ତ୍ରୀ/ ସଚିବ ପ୍ରସ୍ତୁତ ନାହାନ୍ତି । ଗତ ଏପ୍ରିଲ୍ ମାସରେ ଦ୍ୱିତୀୟ ଲହର ଆରମ୍ଭ ହେବାରୁ ଲୋକସେବା ଭବନ ଖୋଲିବାକୁ କୌଣସି ମହଲରେ ଦାବି ହୋଇ ନ ଥିଲା । କାରଣ କାମ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସୁରକ୍ଷା ପ୍ରତି ସମସ୍ତେ ସଚେତନ ଅଛନ୍ତି । କିନ୍ତୁ ଏହି ବାହାନାକୁ ଦୀର୍ଘ ଦିନ ଧରି ଚଳାଇବା ଦ୍ୱାରା ସରକାରୀ କଳରେ କାମ କରୁଥିବା ଲୋକମାନେ ଅଯଥାରେ ସାଧାରଣ ଜନତାଙ୍କ ରୋଷର ଶିକାର ହେଉଛନ୍ତି । ବର୍ତ୍ତମାନ ରାଜଧାନୀରେ ଟିକାକରଣ ଜୋରଦାର ଚାଲିଥିବାରୁ ଲୋକସେବା ଭବନରେ ପ୍ରବେଶ ଉପରେ କଟକଣା କାହିଁକି କୋହଳ ନ ହେବ ବୋଲି ପ୍ରଶ୍ନ ଉଠୁଛି । ମୁଖ୍ୟ କଥା ହେଉଛି ସାଧାରଣ ସମୟରେ ମଧ୍ୟ ଲୋକସେବା ଭବନକୁ ଲୋକମାନଙ୍କର ଅବାଧ ପ୍ରବେଶ ନ ଥାଏ । କେବଳ ପାସଧାରୀମାନଙ୍କୁ ହିଁ ଅନୁମତି ମିଳେ । କାମ ପଡ଼ିଲେ ଲୋକମାନେ ପାସ୍ ସଂଗ୍ରହ କରି ଭିତରକୁ ଯାଆନ୍ତି । ସେତିକି ଗୁରୁତ୍ୱପୂର୍ଣ୍ଣ କାମ ନ ଥିଲେ କେହି ଯା'ନ୍ତି ନାହିଁ । ଆଉ ଯେହେତୁ ସରକାରଙ୍କ ସବୁ ପ୍ରଶାସନିକ ବିଭାଗ ସେଠାରେ ରହିଛି, ତେଣୁ ସାମ୍ବାଦିକମାନେ ଖବର ସଂଗ୍ରହ ପାଇଁ ଯା'ନ୍ତି । ଏହି ଧାରା ଆରମ୍ଭରୁ ଜାରି ରହିଛି । କିନ୍ତୁ ଏବେ ତାହା ବନ୍ଦ କରି ରଖିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ମତପ୍ରକାଶ ପାଉଛି । କୌଣସି ଗୁରୁତ୍ୱପୂର୍ଣ୍ଣ କାମ ପଡ଼ିଲେ ଲୋକମାନେ ଆଉ ଭିତରକୁ ଯାଇ ପାରୁ ନାହାନ୍ତି । ପ୍ରଶାସନର ଏଭଳି ଆଭିମୁଖ୍ୟ ଠିକ୍ ନୁହେଁ ବୋଲି ସଚେତନ ନାଗରିକମାନେ ମତ ଦେଉଛନ୍ତି । ଯଦି ଟିକାକରଣ ପରେ କର୍ମଚାରୀ ନିର୍ଦ୍ୱନ୍ଦ୍ୱରେ ଅଫିସ୍ ଆସିବାକୁ ସରକାର ନିର୍ଦ୍ଦେଶ ଦେଉଛନ୍ତି, ତେବେ ଦୁଇ ଡୋଜ୍ ଟିକା ନେଇଥିବା ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧି ଲୋକସେବା ଭବନରେ ପ୍ରବେଶ କରିବାରେ ଅସୁବିଧା କେଉଁଠି ? ଯଦି ସବୁ ସରକାରୀ କାର୍ଯ୍ୟାଳୟ ଲୋକଙ୍କ ପାଇଁ ଖୋଲିପାରୁଛି, ତେବେ ଲୋକସେବା ଭବନ ସେଥିରୁ ବ୍ୟତିକ୍ରମ କାହିଁକି ବୋଲି ପ୍ରଶ୍ନ ଉଠିଲାଣି ।

# ରାଜ୍ୟରେ ତିନି ଦିନ ହେଲା ୩ ହଜାର ତଳେ ରହୁଛି କରୋନା ସଂକ୍ରମଣ



ଭୁବନେଶ୍ୱର ,୫/୭ (ନି.ପ୍ର): ରାଜ୍ୟରେ ଲଗାତାର ତିନି ଦିନ ହେଲା ୩ ହଜାର ତଳେ ରହୁଛି ଦୈନିକ କରୋନା ସଂକ୍ରମଣ ସଂଖ୍ୟା । ଆଜି ଆସିଥିବା ରିପୋର୍ଟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟରେ ୨୮୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୫୯୭ ଜଣ କ୍ୱାରେଣ୍ଟାଇନ୍‌ରେ ଥିଲେ । ବାକି ୧୨୦୬ଟି ହେଉଛି ଲୋକାଲ୍ କେସ୍ । ସେହିପରି ରାଜ୍ୟରେ ଆଉ ୫୨ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୭୫ ଜଣ ଥିବା ବେଳେ କଟକରୁ ୪୪୧, ମୟୂରଭଞ୍ଜରୁ ୧୯୩, ବାଲେଶ୍ୱରରୁ ୧୫୫, ପୁରୀରୁ ୧୫୪ ଯାଜପୁରରୁ ୧୫୩, ଭଦ୍ରକରୁ ୧୩୧, କେନ୍ଦ୍ରାପଡ଼ାରୁ ୧୧୯, ଜଗତସିଂହପୁରରୁ ୧୧୭ ଓ ନୟାଗଡ଼ ଜିଲ୍ଲାରୁ ୧୧୫ ଜଣ ଚିହ୍ନଟ ହୋଇଛନ୍ତି ।

ଅନୁଗୋଳ ଜିଲ୍ଲାରେ ୯୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରେ ୧୭, ବଲାଙ୍ଗିରରେ ୩, ବୌଦ୍ଧରେ ୨୧, ଦେବଗଡ଼ରେ ୯, ଢେଙ୍କାନାଳରେ ୬୭, ଗଜପତିରେ ୧୦, ଗଞ୍ଜାମରେ ୨୦, ଝାରସୁଗୁଡ଼ାରେ ୭, କଳାହାଣ୍ଡିରେ ୧୫, କନ୍ଧମାଳରେ ୨୦, କେନ୍ଦୁଝରରେ ୬୪, କୋରାପୁଟରେ ୬୫, ମାଲକାନଗିରିରେ ୫୫, ନବରଙ୍ଗପୁରରେ ୧୫, ନୂଆପଡ଼ାରେ ୮, ରାୟଗଡ଼ାରେ ୫୪, ସମ୍ବଲପୁରରେ ୩୨, ସୋନପୁରରେ ୧୮ ଓ ସୁନ୍ଦରଗଡ଼ ଜିଲ୍ଲାରେ ୬୨ ଜଣ ଚିହ୍ନଟ ହୋଇଛନ୍ତି । ଷ୍ଟେଟ୍ ପୁଲ୍‌ରୁ ୯୧ ଜଣ ଚିହ୍ନଟ ହୋଇଛନ୍ତି ।

ସେହିପରି ୫୨ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯ ଜଣ ଥିବା ବେଳେ ବରଗଡ଼, ଗଞ୍ଜାମ, କଳାହାଣ୍ଡି, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୫ ଜଣ ଲେଖାଏଁ, କେନ୍ଦ୍ରାପଡ଼ାରୁ ୪, କଟକ, କନ୍ଧମାଳ ଓ ମୟୂରଭଞ୍ଜରୁ ୨ ଜଣ ଲେଖାଏଁ ଏବଂ ଢେଙ୍କାନାଳ, ଭଦ୍ରକ, ବୌଦ୍ଧ, ଝାରସୁଗୁଡ଼ା, କେନ୍ଦୁଝର, ନୟାଗଡ଼, ନୂଆପଡ଼ା ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଲେଖାଏଁ ଅଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୬୯୧କୁ ବୃଦ୍ଧି ପାଇଥିବା ବେଳେ ବରଗଡ଼ରେ ୧୫୭, ଗଞ୍ଜାମରେ ୩୫୩, କଳାହାଣ୍ଡିରେ ୧୭୯, ପୁରୀରେ ୨୪୭, ସୁନ୍ଦରଗଡ଼ରେ ୩୭୨, କେନ୍ଦ୍ରାପଡ଼ାରେ ୮୯, କଟକରେ ୨୯୭, କନ୍ଧମାଳରେ ୫୧, ମୟୂରଭଞ୍ଜରେ ୧୩୩, ଭଦ୍ରକରେ ୫୧, ବୌଦ୍ଧରେ ୮୪, ଢେଙ୍କାନାଳରେ ୭୫, ଝାରସୁଗୁଡ଼ାରେ ୧୨୯, କନ୍ଧମାଳରେ ୫୧, କେନ୍ଦୁଝରରେ ୭୫, ମୟୂରଭଞ୍ଜରେ ୧୩୩, ନୟାଗଡ଼ରେ ୧୦୮, ନୂଆପଡ଼ାରେ ୭୦ ଓ ସମ୍ବଲପୁର ଜିଲ୍ଲାରେ ୧୩୧କୁ ବୃଦ୍ଧି ପାଇଛି ।

୨୮୦୩ଟି ନୂଆ କେସ୍ ସହିତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୨୪ ହଜାର ୬୯୯ରେ ପହଞ୍ଚି ଯାଇଛି । ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୯୦ ହଜାର ୭୭୮ ଜଣ ସୁସ୍ଥ ହୋଇସାରିଛନ୍ତି । ୨୯ ହଜାର ୬୨୦ ଜଣ ଚିକିତ୍ସାଧୀନ ଥିବା ବେଳେ ମୃତ୍ୟୁ ସଂଖ୍ୟା ୪୨୪୮କୁ ବୃଦ୍ଧି ପାଇଛି ।

ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ରେ ରାଜ୍ୟରୁ ୨୮୦୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜୁଲାଇ ୩ରେ ୨୮୭୦ ଓ ଜୁଲାଇ ୨ରେ ୨୯୧୭ ଜଣ ଚିହ୍ନଟ ହୋଇଥିଲେ । ତା'ପୂର୍ବରୁ ଜୁଲାଇ ୧ରେ ୩୨୨୨, ଜୁନ୍ ୩୦ରେ ୩୦୮୭ ଓ ଜୁନ୍ ୨୯ରେ ୩୩୭୧ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ରାଜ୍ୟରେ ଦୈନିକ କରୋନା ମୃତ୍ୟୁ ସଂଖ୍ୟା ୪୦ରୁ ତଳକୁ ଖସୁନି

ଭୁବନେଶ୍ୱର,୫/୭ (ନି.ପ୍ର): ରାଜ୍ୟରେ ଦୈନିକ କରୋନା ମୃତ୍ୟୁ ସଂଖ୍ୟା ଏବେ ୪୦ରୁ ତଳକୁ ଖସୁନି । ବର୍ତ୍ତମାନ ସୁଦ୍ଧା ୪୧୯୬ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ବେଳେ କେବଳ ଗତ ୧୫ ଦିନରେ ୬୪୬ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି । ସବୁଠୁ ଚିନ୍ତାର ବିଷୟ ହେଲା ଯେ ଦେଶର ମୋଟ୍ କରୋନା ମୃତ୍ୟୁର ୧.୦୪% ମୃତ୍ୟୁ ଓଡ଼ିଶାରେ ହୋଇଛି । ପୂର୍ବରୁ କେବେ ଏହା ୧% ଉପରକୁ ଯାଇ ନଥିବା ବେଳେ ଏବେ ଏହା ଏବେ ୧% ଟପିଛି । ଜୁନ୍ ୨୦ରୁ ଆଜି ସୁଦ୍ଧା ୧୫ଦିନରେ ମାତ୍ର ଦୁଇଥର ମୃତ୍ୟୁ ସଂଖ୍ୟା ୪୦ରୁ ତଳକୁ ଖସିଛି । ଜୁନ୍ ୨୨ରେ ୩୮ଜଣ ଏବଂ ଜୁନ୍ ୨୭ରେ ୩୯ଜଣଙ୍କର ମୃତ୍ୟୁ ହୋଇଥିଲା । ଜୁନ୍ ୩୦ରେ ସର୍ବାଧିକ ୪୮ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିଲା । ଆଜି ରାଜ୍ୟରେ ୨୮୭୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯ଲକ୍ଷ ୨୧ହଜାର ୮୯୬ରେ ପହଞ୍ଚିଛି । ଏହା ଦେଶର ମୋଟ୍ ଆକ୍ରାନ୍ତଙ୍କର ୩.୦୨% । ଏବେ ୨୬୮୬୯ଜଣ ସକ୍ରିୟ ଆକ୍ରାନ୍ତ ଥିବା ବେଳେ ଏହା ଦେଶର ମୋଟ୍ ସକ୍ରିୟ ଆକ୍ରାନ୍ତଙ୍କର ୫.୬% । ଆଜି ରାଜ୍ୟରେ ୪୨ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ କହିଛି । ଆଶ୍ୱସ୍ତିର ବିଷୟ ହେଲା, ରାଜ୍ୟ ?ର ଟେଷ୍ଟ ପଜିଟିଭିଟି ରେଟ୍ ୪.୦୪%କୁ ଖସିଛି । ରାଜ୍ୟରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଥିବାରୁ ଏବଂ ଏବେ ବି ବହୁ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଏହାର କାରଣ ଜାଣିବା ଏବଂ ନିରାକରଣ ପାଇଁ କେନ୍ଦ୍ରୀୟ ଟିମ୍ ସୋମବାର ଓଡ଼ିଶା ଆସିବ । ସୂଚନା ଅନୁଯାୟୀ, ଏପ୍ରିଲରେ ରାଜ୍ୟରେ ୧ ଲକ୍ଷ ୧୩ ହଜାର ୫୯୧ ସଂକ୍ରମିତ ହୋଇଥିବା ବେଳେ ୧୧୮ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଥିଲା । ସେହିପରି ମେ' ମାସରେ ୩ ଲକ୍ଷ ୨୦ ହଜାର ୮୦୩ ଲୋକ ସଂକ୍ରମିତ ହୋଇଥିବା ବେଳେ ୭୧୧ଜଣ ପ୍ରାଣ ହରାଇଥିଲେ । ଗତ ଜୁନ୍ ମାସରେ ୧ ଲକ୍ଷ ୪୪ ହଜାର ୭୬୬ ସଂକ୍ରମିତ ହୋଇଥିବା ବେଳେ ୧୨୬୪ ଜଣ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ ବିଶେଷଜ୍ଞ ଟିମ୍ ଅନୁସାରେ, ଦ୍ୱିତୀୟ ଲହରର ଅଧା ହୋଇପାରେ ତୃତୀୟ ଲହର । ଦ୍ୱିତୀୟ ଲହରରେ ଦିନକୁ ଯେତେ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ତୃତୀୟ ଲହରରେ ତା'ର ଅଧା ଆକ୍ରାନ୍ତ ଚିହ୍ନଟ ହୋଇପାରନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ତୃତୀୟ ଲହର ଆସିବାର ଆଶଙ୍କା ଅଛି । ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି ଯେ ରାଜ୍ୟ ସରକାର ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି । ସମସ୍ତ ଜିଲ୍ଲା ପ୍ରଶାସନ ଓ ହସ୍ପିଟାଲକୁ ଏନେଇ ସଜାଗ ରହିବାକୁ କୁହାଯାଇଛି । ଡାକ୍ତର, ନର୍ସଙ୍କୁ ଟ୍ରେନିଂ ଦିଆଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସୋଲେସନ୍ ବେଡ୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଏସ୍‌ସିବିରେ ପିଲାଙ୍କ ପାଇଁ ୧୦ଟି, ବାଲେଶ୍ୱରରେ ୧୦ଟି ବେଡ୍ ବ୍ୟବସ୍ଥା ହେଉଥିବା ମନ୍ତ୍ରୀ କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ସମସ୍ତଙ୍କୁ ଟିକା ନଦେବା ପର୍ଯ୍ୟନ୍ତ କଟକଣା କୋହଳ କରିବା ଠିକ୍ ହେବନି । ଯଦି ଦ୍ରୁତ ଟିକାକରଣ ହେବ, ତେବେ ତୃତୀୟ ଲହର ସଂକ୍ରମଣ କମ୍ ରହିବ । ଏହାକୁ ନଜରରେ ରଖି ରାଜ୍ୟ ସରକାର ଟିକାକରଣକୁ ବଢ଼ାଇବା ଦରକାର । ବର୍ତ୍ତମାନ ସୁଦ୍ଧା ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଯେଉଁମାନଙ୍କୁ ପୂର୍ବରୁ କରୋନା ହୋଇଥିଲା, ସେମାନଙ୍କ କ୍ଷେତ୍ରରେ ଟିକା ଅଧିକ ଫଳପ୍ରଦ ହେଉଛି । କିନ୍ତୁ ଅଧିକ ଟିକାକରଣ ଦ୍ୱାରା ହିଁ ତୃତୀୟ ଲହରକୁ ମୁକାବିଲା କରି ହେବ ।

# କରୋନା କାଳରେ କର୍କଟ ରୋଗୀ କଲବଲ

ଭୁବନେଶ୍ୱର ,୫/୭ (ନି.ପ୍ର): ମହାମାରୀ କରୋନା ଏବେ ଲୋକଙ୍କୁ କଲବଲ କରୁଛି । କରୋନା ଚିକିତ୍ସା ପାଇଁ ଲୋକ ଯେତିକି ହଇରାଣ ହେଉଛନ୍ତି, ତାହାଠାରୁ ଅଧିକ ସମସ୍ୟା ସୃଷ୍ଟି ହେଉଛି ଅନ୍ୟ ରୋଗର ଚିକିତ୍ସା ପାଇଁ । ବିଶେଷ କରି ବାହାର ଜିଲ୍ଲାରୁ ଭୁବନେଶ୍ୱର ଓ କଟକକୁ ଆସୁଥିବା କର୍କଟ ରୋଗୀ ଏବେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଚିକିତ୍ସା ସେବା ପାଇବା ରୋଗୀ ପାଇଁ ଯେତିକି କଷ୍ଟଦାୟକ ହେଉ ନାହିଁ, ହସ୍ପିଟାଲରେ ପହଞ୍ଚିବା ଓ ସେଠାରେ ରହି ଚିକିତ୍ସିତ ହେବା ସମସ୍ୟା ଅଧିକ ଯନ୍ତ୍ରଣାଦା ?ୟକ ହୋଇପଡୁଛି । ହସ୍ପିଟାଲରେ ଶଯ୍ୟା ଅଭାବ ହେଉଥିବା ବେଳେ ବାହାରେ ଘରଭଡ଼ା ପାଇବାରେ ବହୁ ସମସ୍ୟା ଦେଖାଯାଉଛି । ସେହିଭଳି ବର୍ଦ୍ଧିତ ଆମ୍ବୁଲାନ୍‌ସ ଭଡ଼ା ସବୁକିଛିକୁ ବଳେଇ ପଡୁଛି । ଫଳରେ ବହୁ ରୋଗୀ ଖର୍ଚ୍ଚାନ୍ତ ହେବା ଭୟରେ ରାଜଧାନୀକୁ ଆସିନପାରି ମୃତ୍ୟୁ ମୁଖରେ ପଡୁଛନ୍ତି କିମ୍ବା ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ଦିନ କାଟୁଛନ୍ତି । ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ପ୍ରତିବର୍ଷ ହାରାହାରି ପ୍ରାୟ ୫୦ ହଜାର ନୂଆ କର୍କଟ ରୋଗୀ ବାହାରନ୍ତି । ସେଥିରୁ ସର୍ବାଧିକ ରୋଗୀ କଟକ ଆଚାର୍ଯ୍ୟ ହରିହର କର୍କଟ ପ୍ରଯନ୍ ପ୍ରତିଷ୍ଠାନକୁ ଯାଇଥାଆନ୍ତି । କିଛି ବର୍ଷ ହେଲା ଭୁବନେଶ୍ୱର ଏମ୍ ?ସ ଉପରେ ଅଧିକ ରୋଗୀ ନିର୍ଭର କରୁଛନ୍ତି । ଏମ୍‌ସ ତଥ୍ୟ ଅନୁଯାୟୀ, ଗତ ୨ ବର୍ଷ ମଧ୍ୟରେ ଉଭୟ ପୁରୁଣା ଏବଂ ନୂଆ ରୋଗୀଙ୍କୁ ମିଶାଇ ଏଠାରେ ପ୍ରାୟ ୭୫ ହଜାର କର୍କଟ ରୋଗୀଙ୍କୁ ଚିକିତ୍ସା କରାଯାଇଛି । ଏମ୍‌ସକୁ ବାଦ୍ ଦେଲେ ବହୁ ରୋଗୀ ସମ୍ ?, କିମ୍ ?ସ, ହାଇଟେକ୍, ଏଲ୍‌ଭି ପ୍ରସାଦ, ଏଚ୍‌ସିଜି ପଣ୍ଡା କ୍ୟାନ୍ ?ସର ହସ୍ପିଟାଲ, ଆପୋଲୋ, ଆମ୍ରି, ସ୍ୱର୍ଣ୍ଣ ଭଳି ଘରୋଇ ହସ୍ପିଟାଲରେ ମଧ୍ୟ ଚିକିତ୍ସିତ ହେଉଛନ୍ତି । ବରଗଡ଼, କଳାହାଣ୍ଡି, ବ୍ରହ୍ମପୁର, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ସମେତ ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟାରେ କୃଷକ, ଶ୍ରମଜୀବୀ ଶ୍ରେଣୀର ଗରିବ କର୍କଟ ରୋଗୀ ସ୍ୱଳ୍ପ ଚିକିତ୍ସା ଖର୍ଚ୍ଚ ପାଇଁ ଏମ୍‌ସ ଉପରେ ଅଧିକ ନିର୍ଭରଶୀଳ ।

# ବରିଷ୍ଠ ଖବରକାଗଜ ବିତରକ ଗୌରାଙ୍ଗ ସାମଲଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର,୫/୭ (ନି.ପ୍ର): ଭୁବନେଶ୍ୱରର ବରିଷ୍ଠ ଖବର କାଗଜ ବିତରକ ଗୌରାଙ୍ଗ ସାମଲଙ୍କ ବିୟୋଗରେ ଅଲ ନିଉଜପେପର ସପ୍ଲାୟର୍ସ ସୋସିଆଲ ୱେଲଫେୟାର ଆସୋସିଏସନ ଏବଂ ପ୍ରିୟଦର୍ଶିନୀ ମାର୍କେଟ ବ୍ୟବସାୟୀ ସଂଘର ମିଳିତ ସହଯୋଗରେ ମାର୍କେଟ ପରିସରରେ ଏକ ଶୋକ ଶଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ବ୍ୟବସାୟୀ ସଂଘର ସଭାପତି ଶରତ ଚନ୍ଦ୍ର ରାଉତ, ଖବରକାଗଜ ବିତରକ ସଂଘର ସଭାପତି ଅଭୟ ଯୋଗାଣିଆ, ବରିଷ୍ଠ ବ୍ୟବସାୟୀ ଭାସ୍କର ଚନ୍ଦ୍ର ବେହେରା, ବରିଷ୍ଠ ପୋଲିସ କର୍ମଚାରୀ ଶତର ଚନ୍ଦ୍ର ତ୍ରୀପାଠୀ, ପ୍ରମେୟର ଡିଜିଏମ ରମାକାନ୍ତ ବାରିକ, ସମାଜର ବରିଷ୍ଠ ପ୍ରସାର ପରିଚାଳକ ଯଦୁମଣି ମହାନ୍ତି, ସକାଳ ପ୍ରସାରର ପରିଚାଳକ ବିଜୟ କୁମାର ସାସ୍ମଲ, ସମ୍ବାଦ ପ୍ରସାର ବିଭାଗର କୈଳାସ ଚନ୍ଦ୍ର ସାହୁ, ସାମ୍ବାଦିକ ତଥା ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ଗୌରାଙ୍ଗ ସାମଲ ଜଣେ ବନ୍ଧୁ ବତ୍ସଳ, ସ୍ନେହୀ ପରୋପକାରୀ ଏବଂ ଭୁବନେଶ୍ୱର ଖବରକାଗଜ ବିତରକ ଭାଇମାନଙ୍କର ସୁଖଦୁଃଖର ସାଥି ଥିଲେ । ସେ ଦିବ୍ୟାଙ୍ଗ ହୋଇମଧ୍ୟ ଖବରକାଗଜ ବିତରଣ ଅତି ନିଷ୍ଠାର ସହ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କରିଆସୁଥିଲେ । ସେ ଅଲ ନିୟୁଜପେପର ସପ୍ଲାୟର୍ସ ସୋସିଆଲ ୱେଲଫେୟାର ଆସୋସିଏସନର ଉପଦେଷ୍ଟା ଭାବେ ବିତରକ ଭାଇ ମାନଙ୍କର ଉନ୍ନତି ପାଇଁ ଉପାଦେୟ ପରାମର୍ଶ ଦେଇ କାର୍ଯ୍ୟ କରି ଆସୁଥିଲେ । ଆମେ ସେହପରି ଜଣେ ବିତରକ ଭାଇଙ୍କୁ ହରାଇ ଅତ୍ୟନ୍ତ ମର୍ମାହତ ଓ ଦୁଃଖିତ ବୋଲି ଉପସ୍ଥିତ ଥିବା ନେତୃବୃନ୍ଦ ବକ୍ତବ୍ୟରେ କହିଥିଲେ । ଶୋକସଭାର ପ୍ରାରମ୍ଭରେ ସ୍ୱର୍ଗତ ଗୌରାଙ୍ଗ ସାମଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଏବଂ ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା ।

## ରାଜଧାନୀରେ ୨୪ ଘଂଟାରେ ୨୯୧ ପଜିଟିଭ୍

ଭୁବନେଶ୍ୱର,୦୫/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଦିନ ଆଉ ୨୯୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୮୬ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ୨୦୫ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୫୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୮ ଜଣ , ରସୁଲଗଡ ଓ ଚନ୍ଦ୍ରଶେଖରପୁର ରୁ ୧୨ ଜଣ ଲେଖାଏଁ , ଓଲ୍ଡଟାଉନରୁ ୯ ଜଣ , ଡୁମଡୁମା ଓ ସହୀଦନଗରରୁ ୮ ଜଣ ଲେଖାଏଁ , ଲକ୍ଷ୍ମୀସାଗର ଓ କଳିଙ୍ଗନଗରରୁ ୭ ଜଣ ଲେଖାଏଁ, ବରମୁଣ୍ଡାରୁ ୬ ଜଣ, ମଂଚେଶ୍ୱର, ଶାସ୍ତ୍ରୀନଗର, ପାତ୍ରପଡା ଓ ଶୈଳଶ୍ରୀବିହାରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୧୬୪୧ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୮୯୯୧୮ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୧୪୭ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୪୭୫ ରହିଛି।

# ବ୍ଲକ ସମ୍ମୁଖରେ ଗାଈ ଗୋରୁଙ୍କୁ ଧରି ଅହରାତ୍ର ଅନଶନ ଧର୍ମଘଟ



ଜଳେଶ୍ୱର, ୫/୭(ନି.ପ୍ର) : ସରକାର ଗରିବ ଚାଷୀଙ୍କ ଲାଗି ବିଭିନ୍ନ ଯୋଜନା କରୁଛନ୍ତି । କିଛି କର୍ମଚାରୀଙ୍କ ଖାମ୍‌ଖିଆଲ ମନୋଭାବ ଯୋଗୁଁ ସେମାନଙ୍କର କୌଣସି ଉନ୍ନତି ହେଉନାହିଁ । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନାମ୍ପୋ, ସମ୍ପଡିଆ, ଖାଲିନା ଗ୍ରାମପଂଚାୟତର ବହୁ ଗୋ-ଚାଷୀ ରହିଛନ୍ତି । ସରକାରଙ୍କ ନିୟମ ଅନୁସାରେ ୬ଟି ଅଧିକ ଗୋରୁ ଥିବା ଚାଷୀଙ୍କୁ ଗୁହାଳ ଘର ମିଳିବା କଥା । ଏଥିଲାଗି ଏକ ବର୍ଷ ପୂର୍ବରୁ ନିର୍ଦ୍ଦିଷ୍ଟ ଫୋରମ୍‌ରେ ଆବେଦନ କରିଥିଲେ ମଧ୍ୟ କିଛି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟଯୋଗୁଁ ସେମାନଙ୍କୁ ଗୁହାଳ ଘର ନ ମିଳିଥିବାରୁ ଆଜି ସୋମବାର ବହୁ ଚାଷୀ ନିଜ ନିଜର ଗୋରୁ ଗାଈଙ୍କୁ ଧରି ଜଳେଶ୍ୱର ବ୍ଲକ ଅଫିସ୍ ସମ୍ମୁଖରେ ଅହରାତ୍ର ଅନଶନ ଧର୍ମଘଟରେ ବସିଛନ୍ତି । ପୂର୍ବରୁ ଏ ସମ୍ପର୍କରେ ଜିଲାପାଳ, ବିଡିଓ, ଆଇଆଇସିଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଜି ଅନସନରେ ବସିବାକୁ ବାଧ୍ୟ ହେଲେ ବୋଲି ନାମ୍ପୋ ପଂଚାୟତର ଜଗନ୍ନାଥ ପ୍ରଧାନ, ସମ୍ପଡିଆ ପଂଚାୟତର ହରିଶ୍ଚନ୍ଦ୍ର ହୁଇ, ମନୋରଂଜନ ଜେନା, ଜ୍ଞାନରଂଜନ ଜେନା, ସୁଧୀର କୁମାର ଭୂୟାଁ, ଖାଲିନା ପଂଚାୟତର ବିଜୟ କୁମାର ପାତ୍ର, ଘନଶ୍ୟାମ ରଣା, ଅଶୋକ ସେଠୀ, ମନ୍ମଥ କୁମାର ଦେ ପ୍ରମୁଖ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରପରିଷଦ ସଦସ୍ୟ ସମୀର ପାତ୍ର, ଅରୁଣ ବେଜ, ଜୁନ୍ ସଭାପତି ପ୍ରତାପ ସେନାପତି, ତପନ କୁମାର ବିଶ୍ୱାଳ, ପ୍ରଣବ ପଣ୍ଡା, ମନୋଜ ସାସମଲ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ସୁମତୀ ଦେ, କମଳାକାନ୍ତ ଦେ, ଜ୍ୟୋତିବ୍ରହ୍ମ ଦେ ପ୍ରମୁଖ ଉପସ୍ଥିତ ଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଧର୍ମଘଟ ଚାଲିଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ବିଡିଓ ଦିପ୍ତିରଂଜନ ସେଠୀଙ୍କୁ ପଚାରିବାରୁ ସେ କହିଲେ ହିତାଧିକାରୀଙ୍କ ସମସ୍ତ ତଥ୍ୟ ଜିଲା କାର୍ଯ୍ୟାଳୟକୁ ପଠାଯାଇଛି । ଏ ସମ୍ପର୍କରେ ତାଙ୍କର କିଛି କରିବାର ନାହିଁ ବୋଲି କହିଥିଲେ ।

# ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଦ୍ୱାରା ଖୋଲାଖୋଲି କଟକଣା ଉଲଘଂନକୁ ନେଇ ବିଜେପିର ଦାବିପତ୍ର ପ୍ରଦାନ



ଭଦ୍ରକ,୦୫/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଧାୟକ ବ୍ୟୋମକେଶ ରାୟଙ୍କ ବିବାହ ଭିଡ଼ିଓ ଭାଇରାଲ ପରେ ରାଜ୍ୟ ବିଡେଜି ମୁଖ୍ୟ କୌଣସି ପଦକ୍ଷେପ ନ ନେବାକୁ ନେଇ ବିଜେପି ପ୍ରତିବାଦ କରିବା ସହ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛି। ଚାନ୍ଦବାଲି ବିଧାୟକ ଜଣେ ସରକାରୀ ଆଇନ ଓ ନିୟମାବଳୀ ଉପରେ ଜ୍ଞାନ ଥିବା ମଣିଷ ଭାବି ବାରମ୍ବାର ସରକାର ଓ ପ୍ରଶାସନକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି । ଚଳିତ ମାସ ୨ ତାରିଖ ଦିନ ଶ୍ରୀଯୁକ୍ତ ରାୟ ବିବାହ କଲେ । ପୁରୀ ଜିଲ୍ଲା ଚିଲିକା ଅଞ୍ଚଳର ଏକ ତାରକା ହୋଟେଲରେ ବିଧାୟକଙ୍କ ଦ୍ୱାରା ବିବାହ ଉତ୍ସବ ମହାଆଡମ୍ବରପୂର୍ଣ୍ଣ ଭାବେ ଆୟୋଜିତ କରାଯାଇଥିଲା । ଉକ୍ତ ବିବାହ ଉତ୍ସବରେ ବିଧାୟକ ନିଜର ଶହ ଶହ ସମର୍ଥକଙ୍କ ସହିତ ମିଶି ମୁହଁରେ ମାସ୍କ ନଦେଇ, ସାମାଜିକ ଦୂରତା ନରଖି ଆଧୁନିକ ସଙ୍ଗୀତ ବଜାଇ ନାଚୁଥିବାର ଭିଡିଓ ଜନସାଧାରଣଙ୍କୁ ଚକିତ କରିଛି । କରୋନାର ଭୟାବହତାକୁ ନେଇ ପ୍ରଶାସନ ଜାରି କରୁଥିବା ବିଭିନ୍ନ କଟକଣାକୁ ସାଧାରଣ ଲୋକେ ପାଳନ କରୁଥିବା ସ୍ଥଳେ ବିଧାୟକ ନିଜ ବିବାହ କାର୍ଯ୍ୟକ୍ରମରେ ଏହାର ଖୋଲାଖୋଲି ଉଲଘଂନ କରୁଛନ୍ତି । ଜଣେ ଜନ ପ୍ରତିନିଧି ଭାବେ ନିଜର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟକୁ ଭୁଲି ମଉଜ କରିବାରେ ବ୍ୟସ୍ତ ରହିବା କେତେଦୂର ସମୀଚିନ ବୋଲି ବିଜେପି ପ୍ରଶ୍ନ ଉଠାଇଛି । କରୋନା ନିୟମ ନ ମାନିବା କାରଣରୁ ସରକାର, ପ୍ରଶାସନ, ଅନେକ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧିଙ୍କୁ ନିଲମ୍ବନ କରିବା ସହ ଜୋରିମାନା ଆଦାୟ କରିବାର ନଜିର ଅଛି । ଶ୍ରୀଯୁକ୍ତ ରାୟଙ୍କ କ୍ଷେତ୍ରରେ ଏତେ ବିଳମ୍ବ କହିଁକି ବୋଲି ପ୍ରଶ୍ନ କରାଯାଇଛି । କାହା ଚାପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ବିଧାୟକ ସରକାରୀ ଦଳର ବିଭିନ୍ନ ସାଙ୍ଗଠନିକ ଉଚ୍ଚ ଦାୟିତ୍ୱରେ ରହିବା ଯୋଗୁଁ ତାଙ୍କ କ୍ଷେତ୍ରରେ ଆଇନ କାର୍ଯ୍ୟକାରୀ ହେଉନାହିଁ । ଯାହାକୁ ନେଇ ସମଗ୍ର ରାଜ୍ୟରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ତୁରନ୍ତ କେନ୍ଦ୍ର ସରାକର ଏହା ଉପରେ ହସ୍ତକ୍ଷେପ କରନ୍ତୁ ଦାବି କରି ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ମାଧମରେ ପ୍ରଦାନ କରିଛନ୍ତି ।

# ଯିଶୁଖ୍ରୀଷ୍ଟ ସଟଡାଉନ ହେଲ୍ପଲାଇନ ୟୁନିଟ ତରଫରୁ ଅସହାୟମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ପ୍ରଦାନ



ବାରିପଦା,୦୫/୦୭ (ନି.ପ୍ର): କରୋନା ସଂକ୍ରମଣକୁ ରୋକିବା ପାଇଁ ଜୁଲାଇ ମାସର ପ୍ରତି ଶନିବାର ଓ ରବିବାର ସଟଡାଉନ ରହୁଥିବାରୁ ରାସ୍ତା କଡ଼ରେ ଅବହେଳିତ ହୋଇ ରହିଥିବା ବହୁ ମାନସିକ ବିକୃତ ବ୍ୟକ୍ତି ଖାଇବାକୁ ନପାଇ ଭୋକ ଓପାସରେ ରହୁଥିବାର ଲକ୍ଷ୍ୟ କରି ବାରିପଦାର ଯିଶୁଖ୍ରୀଷ୍ଟ ସଟଡାଉନ ହେଲ୍ପଲାଇନ ୟୁନିଟ ତରଫରୁ ଏହାର ସଦସ୍ୟ ମାନେ ପ୍ରତି ଶନିବାର ଓ ରବିବାର ବାରିପଦା ସମେତ ବିଭିନ୍ନ ସହରରେ ବୁଲିବୁଲି ରାସ୍ତା କଡ଼ ଫୁଟପାଥରେ କାଳ କାଟୁଥିବା ଅସହାୟ ତଥା ମସ୍ତିଷ୍କ ବିକୃତ ବ୍ୟକ୍ତି ମାନଙ୍କୁ ବୁଲିବୁଲି ଖାଦ୍ୟ ଖୁଆଉଥିବାର ଦେଖିବାକୁ ମିଳିଛି । ଆଜି ଅନୁଷ୍ଠାନର ସ୍ୱେଚ୍ଛାସେବୀ ରାଜୀବ ପାତ୍ର, ମନୋଜ ନାଥ, ରୂପକ ମହାପାତ୍ର, ସରୋଜ କୁମାର ଧିର, ପ୍ରମୁଖ ଦିନ ତମାମ ଭୁବନେଶ୍ୱର ସହରରେ ବୁଲି ଅସହାୟ ଲୋକଙ୍କୁ ଫଳ, ଶୁଖିଲା ଖାଦ୍ୟ ଓ ପାଣି ବୋତଲ ଇତ୍ୟାଦି ବଂଟନ କରିଥିବାର ଜଣା ଯାଇଛି । ତେବେ ବାରିପଦାରୁ ସ୍ୱେଚ୍ଛାସେବୀ ମାନେ ସୁଦୂର ଭୁବନେଶ୍ୱର ଯାଇ ଅସହାୟଙ୍କୁ ଖାଦ୍ୟ ପ୍ରଦାନ କରୁଥିବାରୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି ।

## ଆଗାମୀ ଦିନରେ ଭଦ୍ରକ ଜିଲ୍ଲା ଭାଜପା ତରଫରୁ ବ୍ଲକ ଘେରଉ

ଭଦ୍ରକ,୦୫/୦୭ (ନି.ପ୍ର): ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ସାଧାରଣ ଗରିବ ଖଟିଖିଆ ଜନତାଙ୍କ ପାଇଁ ବ୍ଲକ ଘେରଉ କରିବାକୁ ଭଦ୍ରକ ଜିଲ୍ଲା ବିଜେପି ସଭାପତି ରାଜ୍ୟର ଶ୍ରୀଯୁକ୍ତ ହେମନ୍ତ ପାଢ଼ି ନିଷ୍ପତି ନେଇଛନ୍ତି । ତାଙ୍କ ନେତୃତ୍ୱରେ ଆସନ୍ତା ତା ୦୭/୦୭/୨୧ ରିଖ ଭଦ୍ରକ ବ୍ଲକ, ତା ୦୮/୦୭/୨୧ ରିଖ ଭଣ୍ଡାରୀପୋଖରୀ ବ୍ଲକ, ତା ୦୯/୦୭/୨୧ରିଖ ବନ୍ତ ବ୍ଲକ, ବାସୁଦେବପୁର ବ୍ଲକ ତା ୦୮/୦୭/୨୧ରିଖ, ତିହିଡ଼ି ବ୍ଲକ ତା ୦୭/୦୭/୨୧ରିଖ ଚାନ୍ଦବାଲି ଓ ଧାମନଗର ବ୍ଲକ ଘେରଉ କରାଯିବ । ଆମ୍ଭର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ୨୦୨୨ ସୁଧା ସମସ୍ତ କଚା ଘରକୁ ପକ୍‌କା ଘର କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରି ଓଡ଼ିଶାକୁ ଦିଆଯାଇଥିଲା । କିନ୍ତୁ ଦୁଃଖ ପରିତାପର ବିର ଶାସକ ବିଜୁ ଜନତା ଦଳ ତାକୁ ବିଜୁ ପକ୍‌କା ଘରରେ ନାମିତ କରି ନିଜ ଦଳୀୟ ଲୋକଙ୍କ ନାମରେ ହଡ଼ପ୍ କରିବା ସଂଗେ ସଂଗେ ଘର ତିଆରି ନ କରି ଟଙ୍କା ଉଠାଇ ନେଉଛନ୍ତି । ଯାହା ଦ୍ୱାରା ପ୍ରକୃତ ଭରିବ ଲୋକଟିଏ ତାଙ୍କ ଘର ପାଇ ପାରୁ ନାହିଁ । ତେଣୁ ଭାରତୀୟ ଜନତା ପାର୍ଟି ତାକୁ ସାର୍ବଜନୀନ କରିବା ପାଇଁ ୨୦୨୨ ସୁଦ୍ଧା ସମସ୍ତ ଘରକୁ ପକ୍‌କା କରିବା ପାଇଁ ବ୍ଲକ ଘେରଉ କରିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦରଦାମ୍ ବୃଦ୍ଧି ପ୍ରତିବାଦରେ ଆସନ୍ତା ....

ପ୍ରତିବାଦ କରିବେ । ଜୁଲାଇ ୯ ତାରିଖରେ ଜିଲ୍ଲା ସଦର ମହକୁମାରେ ସାଇକେଲ ଯାତ୍ରା କରି ଏହାର ପ୍ରତିବାଦ ହେବ । ଜୁଲାଇ ୧୪ ତାରିଖରେ ରାଜ୍ୟସ୍ତରୀୟ ପ୍ରତିବାଦ, ଆନ୍ଦୋଳନ ମଧ ଆୟୋଜିତ ହେବ ଯେଉଁଥିରେ ରାଜ୍ୟ ନେତୃମଣ୍ଡଳୀ ଯୋଗ ଦେବେ । ଜୁଲାଇ ୧୫ ତାରିଖ ଦିନ ମହଙ୍ଗା ମାଡର ପ୍ରତିବାଦ ସ୍ୱରୂପ କୌଣସି ବି ପେଟ୍ରୋଲ ଟାଙ୍କିରୁ ପେଟ୍ରୋଲ ଓ ଡିଜେଲ ନପକାଇବା ଓ ସେହିଦିନ ରନ୍ଧନ ଗ୍ୟାସ ନକିଣିବା ପାଇଁ ଓଡିଶା ବାସୀଙ୍କୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି । ଜୁଲାଇ ୧୭ ତାରିଖ ଦିନ ସମସ୍ତ ପେଟ୍ରାଲ ପମ୍ପ ସାମ୍ନାରେ ଦସ୍ତଖତ ଅଭିଯାନ ଆୟୋଜିତ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏତବ୍ୟତୀତ ଏଆଇସିସିର ନିର୍ଦ୍ଦେଶକ୍ରମେ ମାସ ବ୍ୟାପି ରାଜ୍ୟରେ ପ୍ରତ୍ୟେକ ବ୍ଲକ ଓ ପଂଚାତୟ ଠାରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ମାନେ ଘରକୁ ଘର ବୁଲି ଜନସାଧାରଣଙ୍କୁ ସଚେତନ କରାଇବା ସହିତ କଂଗ୍ରେସର ଆଭିମୁଖ୍ୟ ଲୋକଙ୍କ ପାଖରେ ପଂହଚାଇ ଜନଜାଗରଣ ସୃଷ୍ଟି କରିବେ । ଏହି ସମୟରେ କଂଗ୍ରେସ ନେତୃବୃନ୍ଦ କରୋନା ମହାମାରୀରେ ସଂକ୍ରମିତ ହୋଇଥିବା ଏବଂ ପ୍ରାଣ ହରାଇଥିବା ପରିବାର ବର୍ଗଙ୍କୁ ଭେଟିବା ସହିତ ତାଙ୍କର ସମସ୍ୟାକୁ ସଂପୂର୍ଣ୍ଣ ରୂପେ ବୁଝିବା ସହିତ ସମସ୍ତ ତଥ୍ୟ ସଂଗ୍ରହ କରି ପିସିସିକୁ ଦେଲେ ଏଆଇସିସିକୁ ପଠାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ମହଙ୍ଗାମାଡ ପ୍ରସଙ୍ଗ ସହିତ ଚାଷୀମାନଙ୍କ ଧାନ ବିକ୍ରି ନେଇ ସମସ୍ୟା ଓ ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟା ବିରୋଧରେ ମଧ ଏହି ପ୍ରତିବାଦ, ଆନ୍ଦୋଳନ ହେବ । କଂଗ୍ରେସ ଦଳର ସମସ୍ତ କର୍ମୀ ଓ ନେତା ତଥା ବିଭିନ୍ନ ଛାମୁଆ ସଂଗଠନ ଯଥା ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ସେବାଦଳ ତଥା ଅନ୍ୟାନ୍ୟ ବିଭାଗ ଓ ପ୍ରକୋଷ୍ଠ ମାନେ ଏହାକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାକୁ ମଧ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

## ରାଜ୍ୟର କର୍ପୋରେଟ୍ ଅନୁଷ୍ଠାନ ....

ଅନୁଷ୍ଠାନ ଏବଂ ଘରୋଇ ତଥା କର୍ପୋରେଟ୍ ହସ୍ପିଟାଲ ମିଳିତ ଭାବରେ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ଆଶାଜନକ ଭାବରେ ବ୍ୟବସ୍ଥିତ ୨୫ ପ୍ରତିଶତ ଟିକାକରଣ କରିବାର ଦାୟିତ୍ୱ ନିଅନ୍ତୁ । ସମୀକ୍ଷା ବୈଠକରେ ଶ୍ରୀ ପ୍ରଧାନ ଟିକା ସଂଗ୍ରହ, ଟିକା ଯୋଗାଣ ଏବଂ ଟିକାକରଣକୁ ସୁଗମ କରିବା ପାଇଁ କର୍ପୋରେଟ୍ ଭ୍ୟାକସିନ୍ ଟ୍ୟାସ୍କ ଫୋର୍ସ ଗଠନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଇଣ୍ଡିଆନ ଅଏଲ, ସିଆଇଆଇ, ସେଲ ଏବଂ ନାଲକୋ ବିଭିନ୍ନ ଘରୋଇ ହସ୍ପିଟାଲ ସାହାଯ୍ୟରେ ଏହି ଟ୍ୟାସ୍କଫୋର୍ସ ଗଠନ କରନ୍ତୁ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସବୁ ନାଗରିକଙ୍କୁ ମାଗଣା ଟିକା ଦେବା ପାଇଁ ପ୍ରତିଶୃତିବଦ୍ଧ । ଏ ଦିଗରେ ସରକାରଙ୍କ ବ୍ୟତିତ ୨୫ ପ୍ରତିଶତ ଟିକାକରଣ କର୍ପୋରେଟ୍ ଅନୁଷ୍ଠାନ ଏବଂ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ମିଳିତ ଭାବରେ ନିଜ ନିଜ ବ୍ୟବସ୍ଥାରେ ଟିକା କିଣି ଲୋକଙ୍କୁ ଟିକା ଲଗାଇବା ପାଇଁ ନୀତିଗତ ନିଷ୍ପତି ନିଆଯାଇଛି । ଭାରତ ସରକାର ଚଳିତ ଜୁଲାଇ ମାସରେ ଓଡିଶାକୁ ୩୦.୫ ଲକ୍ଷ ମାଗଣା ଟିକା ଆବଂଟନ କରିଥିବା ବେଳେ କର୍ପୋରେଟ୍ ମାଧ୍ୟମରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟିକା ଆବଟଂନ କରାଯାଇଛି । ତେଣୁ ତୃତୀୟ ଲହର ଆସିବା ପୂର୍ବରୁ ଅଧିକରୁ ଅଧିକ ଲୋକ କିଭଳି ଟିକାକରଣ ହୋଇପାରିବେ ତାହାକୁ ଲକ୍ଷ୍ୟ ରଖିବାକୁ ପଡ଼ିବ । କର୍ପୋରେଟ୍ ଅନୁଷ୍ଠାନ ମାନେ ନିଜର କର୍ମଚାରୀ ସହ ଆଖପାଖରେ ଥିବା ଗରିବ ଲୋକଙ୍କୁ ମଧ ଟିକା ଦିଅନ୍ତୁ ।

## ପ୍ରଖ୍ୟାତ ସମାଜସେବୀ ଷ୍ଟାନ ସ୍ୱାମୀଙ୍କ ....

ରହି ରହି ମରିଗଲେ । ଭିମା କୋରେଗାଓଁ ହିଂସା ମାମଲାରେ ମୁଖ୍ୟ ଆରୋପି ତଥା ସୋସିଆଲ ଆକ୍ଟିଭିଷ୍ଟ ଷ୍ଟାନ ସ୍ୱାମୀଙ୍କ ୮୪ ବର୍ଷ ବୟସରେ ପରଲୋକ । ଚିକିତ୍ସାଧିନ ଅବସ୍ଥାରେ ଷ୍ଟାନ ସ୍ୱାମୀଙ୍କ ମୁମ୍ବାଇ ସ୍ଥିତ ହୋଲି ଫ୍ୟାମିଲି ହସ୍ପିଟାଲରେ ତାଙ୍କ ମୃତ୍ୟୁ ହୋଇଛି । ଡାକ୍ତରଙ୍କ ସୂଚନା ଅନୁସାରେ କୋଭିଡ୍ ହେବା ପରର ଜଟିଳତା ପାଇଁ ତାଙ୍କ ଶରୀରର ଅଧିକାଂଶ ଅଙ୍ଗ ଅକାମି ହୋଇଯାଇଥିଲା । ସୋମବାର ବମ୍ବେ ହାଇକୋର୍ଟରେ ଷ୍ଟାନ ସ୍ୱାମୀଙ୍କ ଜମାନତ ଆବେଦନ ଉପରେ ଶୁଣାଣୀ ହେବାର ଥିଲା । ମାତ୍ର ଏପଟେ ତାଙ୍କ ମୃତ୍ୟୁ ହୋଇଛି । ବମ୍ବେ ହାଇକୋର୍ଟଙ୍କୁ ତାଙ୍କ ପରଲୋକର ସମ୍ବାଦ ଦିଆଯାଇଥିଲା । ଜାନୁୟାରୀ ୧, ୨୦୧୮ରେ ଦଳିତ ସମୁଦାୟର ଏକ କାର୍ଯ୍ୟକ୍ରମରେ ହୋଇଥିଲା । ଏଲଗାର ପରିଷଦର ଏହି ସମ୍ମିଳନୀରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଥିଲା । ଉତ୍ୟକ୍ତ ଲୋକେ ଗାଡି ମୋଟର ଜାଳି ଦେଇଥିଲେ । ଘଟଣାରେ ଜଣଙ୍କର ମୃତ୍ୟୁ ହେବା ସହ ଅନକେ ଆହତ ହୋଇଥିଲେ । ଏହି ହିଂସା ପଛରେ ମୁଖ୍ୟ ଆସାମୀ ଫାଦର ଷ୍ଟାନ ସ୍ୱାମୀଙ୍କୁ ଏନଆଇଏ ଗତ ବର୍ଷ ରାଂଚିରୁ ଗିରଫ କରିଥିଲା । ଏହାପରେ ତଲୋଜା ଜେଲରେ ସଜା କାଟୁଥିଲେ ଷ୍ଟାନ ସ୍ୱାମୀ । କୋଭିଡ୍ରେ ସଂକ୍ରମିତ ହେବାପରେ ଚଳିତ ବର୍ଷ ମେ ମାସରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତାଙ୍କୁ ହୋଲି ଫ୍ୟାମିଲି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଶନିବାର ତାଙ୍କ ହୃଦଘାତ ହୋଇଥି ଲା । ଏହାପରେ ସୋମବାର ଦିନ ସାଢେ ଗୋଟାଏରେ ତାଙ୍କ ପରଲୋକ ହୋଇଛି । ୮୪ ବର୍ଷୀୟ ଜଣେ ବୃଦ୍ଧ ସମାଜସେବୀ ନିଜ ଶେଷ ନିଶ୍ୱାସ ବି କଏଦୀ ଭାବେ ତ୍ୟାଗ କରିଛନ୍ତି । ସମାଜସେବା କ୍ଷେତ୍ରରେ ଷ୍ଟାନ ସ୍ୱାମୀଙ୍କର ଅନେକ ଅବଦାନ ରହିଛି ।

## ୧୦୦୦ କୋଟି ଟଙ୍କାର ଦୁର୍ନୀତି ....

ଜିଲ୍ଲାକୁ ମଧ ଆବାସ ପ୍ଲସ ଆପରେ ସଂଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଜିଲ୍ଲାଗୁଡିକରେ କେବିକେ ସମେତ ଏକାଧିକ ଆଦିବାସୀ ଅଧ୍ୟୁଷିତ ଅଂଚଳ ଥିବାରୁ ଏହାକୁ ଆବାସ ପ୍ଲସ ଆପରେ ସଂଯୋଗ କରିବାକୁ ଅନୁରୋଧ କରିଛନ୍ତି ନବୀନ ପଟ୍ଟନାୟକ । ଏସବୁ ଜିଲ୍ଲାରେ ୬ଲକ୍ଷ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଘର ଯୋଗାଇ ଦିଆଯାଇଛି । ଏମାନଙ୍କୁ କେନ୍ଦ୍ରୀୟ ପୋର୍ଟାଲରେ ସାମିଲ କରିବା ପାଇଁ ଏକ ମାସର ସୁଯୋଗ ଦେବାକୁ ରାଜ୍ୟ ଦାବି କରିଛି । ଏଥିସହ ବିଜେପି ଆଣିଥିବା ଅଭିଯୋଗର ଜବାବ ରଖିଛି ବିଜେଡି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ପୂର୍ବରୁ ଅନେକ ଥର ଅଭିଯୋଗ କରିଛି ବିଜେପି । ଏପରିକି ଏହି ଦୁର୍ନୀତିର ତଦନ୍ତ ପାଇଁ କେନ୍ଦ୍ରକୁ ରାଜ୍ୟ ବିଜେପି ପକ୍ଷରୁ ଚିଠି ଲେଖାଯାଇଥିଲା । ହେଲେ ବିଜେପିର ଏହି ଅଭିଯୋଗକୁ ଖଣ୍ଡନ କରି ଆସୁଛି ବିଜେଡି ।

## ମହାରାଷ୍ଟ୍ରରେ ହେବକି ଶିବସେନା....

ଶିବସେନା ସହ ତାଙ୍କର କୌଣସି ଶତ୍ରୁତା ନାହିଁ । ଫଡନବିସଙ୍କ ଏହି ବୟାନ ପରେ ଏହି ଦୁଇ ରାଜନୈତିକ ଦଳ ମଧ୍ୟରେ ପୁଣିଥରେ ମେଂଟ ହେବା ନେଇ ଚର୍ଚ୍ଚା ଜୋର ଧରିଛି । ମାତ୍ର ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରକାନ୍ତ ପାଟିଲ କହିଛନ୍ତି ବନ୍ଧୁତା ରହିବା ଅଲଗା କଥା ଆଉ ମେଣ୍ଟ ଗଢିବା ଅଲଗା କଥା । ରବିବାର ସାମ୍ବାଦିକ ସମ୍ମିଳନୀରେ ଦେବେନ୍ଦ୍ର ଫଡନବିସ୍ କହିଛନ୍ତି ଶିବସେନା ସହ କିଛି କିଛି ବିଷୟ ନେଇ ମତଭେଦ ରହିଛି । ରାଜନୀତିରେ କିନ୍ତୁ, ପରନ୍ତୁ ନଥାଏ । ଶିବସେନା ସହ ମେଂଟ ହେବ କି ନାହିଁ, ପରିସ୍ଥିତିକୁ ଦେଖି ନିଷ୍ପତି ନିଆଯିବ । ଏହାପୂର୍ବରୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ ବିଜେପି-ଶିବସେନା ସମ୍ପର୍କ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଆଉ ଏବେ ଉଭୟ ଦଳର ନେତା ମଧ ବନ୍ଧୁତାର କଥା କହୁଛନ୍ତି ।

## ରାଜଧାନୀରେ ମହିଳାଙ୍କୁ .....

କ'ଣ ଥାଇପାରେ କାରଣ ? ସନ୍ଦିଗ୍ଧ ଯୁବକ ଘଟଣାସ୍ଥଳରେ କରୁଥିଲେ କ'ଣ ? ସନ୍ଦିଗ୍ଧ ଯୁବକ ବିଷ ପିଇଲେ କାହିଁକି ? ଏହି ସବୁ ଦିଗକୁ ନେଇ ଛାନଭିନ୍ ଆରମ୍ଭ କରିଛି ପୁଲିସ୍ । ୨୦୧୪ ମସିହାରେ ପ୍ରିୟଦର୍ଶନୀଙ୍କୁ ବାହା ହୋଇଥିଲେ ରାକେଶ । ହସଖୁସିରେ ଚାଲିଥିଲା ସଂସାର । ପ୍ରିୟଦର୍ଶନୀଙ୍କ ୪ ବର୍ଷର କୁନି ପିଲାଟିଏ ମଧ ଅଛି । ଯାହାଙ୍କୁ ଘଟଣାସ୍ଥଳରୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ବଡ଼ କଥା ହେଉଛି, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଅତି ଭଲ ଥିବାବେଳେ ନିକଟରେ ଉଭୟେ ଗାଁରୁ ବି ଫେରଥିଲେ । ପୁଲିସ୍ ମୃତଦେହକୁ ଜବତ କରିବା ସହ ଏକ ଆମ୍ବୁଲାନ୍ସ ଯୋଗେ ଶବ ବ୍ୟବଚ୍ଛେଦ ପାଇଁ ନେଇଛି । କିନ୍ତୁ ଏହି ଘଟଣା ଭୀମଟାଙ୍ଗୀ ସହ ସମଗ୍ର ଭୁବନେଶ୍ୱରରେ ଚହଳ ପକାଇ ଦେଇଛି ।

# ୭୨ତମ ରାଜ୍ୟସ୍ତରୀୟ ବନମହୋତ୍ସବ ପାଳିତ

## ୨୦୨୧-୨୨ରେ ଦେଢ ଲକ୍ଷ ହେକ୍ଟର ବନୀକରଣ କରାଯିବ : ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୦୫/୦୭ (ନି.ପ୍ର): ରାଜ୍ୟସ୍ତରୀୟ ୭୨ତମ ବନମହୋତ୍ସବ ସୋମବାର ଭୁବନେଶ୍ୱରର ବଡଗଡ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ ଯେ ନିକଟରେ ହୋଇଥିବା ଭୀଷଣ ବାତ୍ୟା 'ୟସ୍'ର କରାଳ ରୂପକୁ ରାଜ୍ୟର ଉପକୂଳ ଅଂଚଳ ବିଶେଷକରି ଉତର ଓଡିଶାବାସୀ ଅନୁଭବ କରିଛନ୍ତି । ଏହାର ପ୍ରଭାବରେ ବୃକ୍ଷରାଜିର ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହି ସବୁଜିମା ଫେରାଇ ଆଣିବା ଆମ ପାଇଁ ଏକ ଆହ୍ୱାନ । ଚଳିତ ୨୦୨୧-୨୨ ଆର୍ଥିକ ବର୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଦ୍ୱାରା ରାଜ୍ୟରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବନୀକରଣ ଯୋଜନା ଯଥା- ପ୍ରାକୃତିକ ଜଙ୍ଗଲର ପୁନର୍ଜନନ, ନୂତନ ଜଙ୍ଗଲ ସୃଷ୍ଟି, ସହରାଂଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ଚାଲୁ ରହିଛି । ରାଜ୍ୟ କାମ୍ପା ଯୋଜନାରେ ୨୮୦ କୋଟି ଟଙ୍କା ବିନିଯୋଗରେ ୪୪ ହଜାର ୫୬୯ ହେକ୍ଟରରେ ୧ କୋଟି ୫୨ ଲକ୍ଷ ୩୫ ହଜାର ଚାରା, ଓଡ଼ିଶା ବନାଂଚଳ ପ୍ରକଳ୍ପ ମାଧ୍ୟମରେ ୮୯ କୋଟି ଟଙ୍କା ବ୍ୟୟରେ ୨୦ ହଜାର ୨୧୮ ହେକ୍ଟରରେ ୮୨ ଲକ୍ଷ ୩୨ ହଜାର ଚାରା, ଆମ ଜଙ୍ଗଲ ଯୋଜନାରେ ୪୩ କୋଟି ଟଙ୍କା ବ୍ୟୟରେ ୨୦ ହଜାର ହେକ୍ଟରରେ ୪୦ ଲକ୍ଷ ଚାରା, ଜାତୀୟ ବନୀକରଣ ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗରେ ୬ ହଜାର ୬୮୫ ହେକ୍ଟରରେ ପରିମିତ ଜାଗାରେ ୨୦ ଲକ୍ଷ ୪୪ ହଜାର ଚାରା, ସବୁଜ ଭାରତ ମିଶନ୍ ରେ ୨୦ କୋଟି ଟଙ୍କା ଖର୍ଚ୍ଚରେ ୭ ହଜାର ୩୧୦ ହେକ୍ଟରରେ ୩୦ ଲକ୍ଷ ୨୪ ହଜାର ଚାରା, ଓଡ଼ିଶା ଖଣି ନିଗମ ଦ୍ୱାରା ୪ କୋଟି ଟଙ୍କା ବ୍ୟୟରେ ୬୨୫ ହେକ୍ଟରର ୧୦ ଲକ୍ଷ ଚାରା, ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ୧୪୫ କୋଟି ଟଙ୍କା ବିନିଯୋଗରେ ୫୦ ହଜାର ହେକ୍ଟରରେ ୩ କୋଟି ୨୨ ଲକ୍ଷ ୫୦ ହଜାର ଚାରା, ବନ୍ୟପ୍ରାଣୀ କରିଡୋର ଯୋଜନାରେ ୩ କୋଟି ଟଙ୍କା ବିନିଯୋଗରେ ୪୪୪ ହେକ୍ଟରରେ ୭ ଲକ୍ଷ ୧ ହଜାର ଚାରା, ଅନ୍ୟାନ୍ୟ ଯୋଜନାରେ ୨ କୋଟି ଟଙ୍କା ବିନିଯୋଗରେ ୬୩୦ ହେକ୍ଟରରେ ୨ ଲକ୍ଷ ୪୮ ହଜାର ଚାରାରୋପଣ କରାଯିବ । ଚଳିତ ୨୦୨୧-୨୨ ବର୍ଷରେ ରାଜ୍ୟରେ ସର୍ବମୋଟ ବିଭିନ୍ନ ଯୋଜନାରେ ୫୯୯ କୋଟି ଟଙ୍କା ବିନିଯୋଗ କରାଯାଇ୧ ଲକ୍ଷ ୫୦ ହଜାର ୪୮୧ ହେକ୍ଟର ରେ ୬ କୋଟି ୬୭ ଲକ୍ଷ ୯୩ ହଜାର ଚାରାରୋପଣ କରାଯିବ ଓ ୩ କୋଟି ୨୧ ଲକ୍ଷ ୬୦ ହଜାର ଚାରା ବଂଟନ କରାଯିବା ପାଇଁ ଲକ୍ଷ୍ୟ ରହିଛି । ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ ଯେ, ଚଳିତ ବର୍ଷ ୧୩ କୋଟି ଚାରା ଉତ୍ପାଦିତ ହେବା ଓ ପ୍ରାୟ ସାଢେ ୮ କୋଟି ଚାରାରୋପଣ କରାଯିବା ଲକ୍ଷ୍ୟ ରହିଛି । ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଡ.ମୋନା ଶର୍ମା କହିଲେ ଯେ, ଜଙ୍ଗଲ ପରିସୀମା କ୍ଷେତ୍ରରେ ସାରା ଦେଶରେ ଓଡ଼ିଶା ଚତୁର୍ଥ । ଆମ ରାଜ୍ୟରେ ୨୭୫ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ଘଟିଛି ।

# ଆନନ୍ଦମାର୍ଗ ପକ୍ଷରୁ କରୋନା-ବାତ୍ୟା ପ୍ରଭାବିତଙ୍କୁ ସହାୟତା ଜାରି

ବାଲେଶ୍ୱର,୦୫/୦୭ (ନି.ପ୍ର): ଆନନ୍ଦମାର୍ଗ ୟୁନିଭର୍ସଲ ପକ୍ଷରୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର କରୋନା ମହାମାରୀ ଏବଂ ବାତ୍ୟା ପ୍ରଭାବିତ ପରିବାରଙ୍କୁ ସହାୟତା ପ୍ରଦାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆନନ୍ଦମାର୍ଗ ମୟୁରଭଞ୍ଜ ଡାଇଓସିସର ସମ୍ପାଦକ ତଥା ଫୁଲାଡି ଆନନ୍ଦମାର୍ଗୀ ଆବାସିକ ବିଦ୍ୟାଳୟର ଅଧକ୍ଷ ଆଚାର୍ଯ୍ୟ ସତ୍ୟସୁଧାନନ୍ଦ ଅବଧୂତ ଯୋଗଦେଇ ବିଶ୍ୱ ବିପତ୍ତି ତଥା ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ଅସହାୟଙ୍କୁ ସହାୟତା ପ୍ରଦାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସିଙ୍ଗାପୁରର ଟୁଚି ଫାଉଣ୍ଡେସନ ଓ ଆନନ୍ଦ ନଗର ଡେଭେଲୋପମେଣ୍ଟ ସୋସାଇଟି ସହଯୋଗରେ ଦୁଇ ଜିଲାର ପ୍ରଭାବିତଙ୍କୁ ସହାୟତା ପ୍ରଦାନ ଜାରି ରହିଥିବା ସେ ସୂଚନା ଦେଇଥିଲେ । ବାଲେଶ୍ୱର ଆନନ୍ଦମାର୍ଗ ସଂଘର ସମ୍ପାଦକ ଡ.ଭାସ୍କର ଚନ୍ଦ୍ର ଜେନା ଏଥିରେ ଯୋଗଦେଇ ସଂଗଠନର ସେବାକାର୍ଯ୍ୟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ସଂଗଠନ ପକ୍ଷରୁ ଜୁନ ଓ ଜୁଲାଇ, ଦୁଇ ମାସ ଧରି ପ୍ରଭାବିତ ଅଞ୍ଚଳର ହିତାଧିକାରୀଙ୍କ ରିଲିଫ ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଉଥିବା ସେ କହିଥିଲେ । ବିଭିନ୍ନ ବ୍ଲକର ପ୍ରଭାବିତଙ୍କୁ ବାସନ କୁସନ, ଚାଉଳ, ଅଟା, ଚୁଡା, ଡାଲି, ଚିନି, ସୋୟାବିନ ବଡି, ସୁଜି, ଖାଇବା ତେଲ, ଲୁଣ, ବିସ୍କୁଟ ପ୍ରଭୃତି ଏକ ମାସର ରାସନ ସାମଗ୍ରୀ ସହ ସାନିଟାଇଜର, ସାବୁନ ଓ ତୁଣ୍ଡି ପ୍ରଭୃତି ପ୍ରଦାନ କରାଯାଉଛି । ଏହି କାର୍ଯ୍ୟରେ ସ୍ଥାନୀୟ ବିଧାୟକ, ପୂର୍ବତନ ବିଧାୟକଙ୍କ ସମେତ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିମାନେ ବେଶ ସହଯୋଗ କରୁଥିବାରୁ ଡ. ଜେନା ସମସ୍ତଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି । ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଦୁଇ ଜିଲାର ମୋଟ ୩ହଜାରରୁ ଉର୍ଦ୍ଧ୍ୱ ପରିବାରଙ୍କୁ ସହାୟତା ପ୍ରଦାନ ନେଇ ଲକ୍ଷ୍ୟ ଥିବା ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦମାର୍ଗ ଦିଲୀ ଶାଖା ସେବାଦଳର ଉପ-ନିର୍ଦ୍ଦେଶକ ଆଚାର୍ଯ୍ୟ ଅରିନ୍ଦମାନନ୍ଦ ଅବଧୂତ, ସଂଘର ବରିଷ୍ଠ ସଦସ୍ୟ ଇଂ ପ୍ରତାପ ଚନ୍ଦ୍ର ନାୟକ ଓ ଚୌଧୁରୀ ଶରତ ଚନ୍ଦ୍ର ଦାସ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ସୂଚନା ଅଧିକାରୀମାନେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୦୫/୦୭ (ନି.ପ୍ର): ବୈଷୟିକ ଜ୍ଞାନକୌଶଳର ବିକାଶ ସହ ତାଳ ଦେଇ ସୂଚନା ଅଧିକାରୀମାନେ ନିଜକୁ ପ୍ରସ୍ତୁତ କରି ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମର ଉପଯୁକ୍ତ ସୂଚନା ପ୍ରଦାନ କରିବା ପାଇଁ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପରାମର୍ଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମର ପରିଚାଳନା ଏବଂ ବ୍ୟବହାର ସଂପର୍କରେ ସୂଚନା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ସବିଶେଷ ତଥ୍ୟ ସଂଗ୍ରହ, ବରିଷ୍ଠ ଅଧିକାରୀମାନଙ୍କ ସହିତ ପରାମର୍ଶ କ୍ରମେ ସଂକ୍ଷିପ୍ତ କାହାଣୀ ପ୍ରସ୍ତୁତି ସାଙ୍ଗକୁ ଆଧୁନିକ ସୂଚନା-ପ୍ରଯୁକ୍ତି ଉପକରଣର ବ୍ୟବହାର ଆପଣେଇବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଥିଲେ। ସରକାରଙ୍କ ଲୋକକଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରଚାର ଓ ପ୍ରସାରଣ ଉପରେ ସୂଚନା ଅଧିକାରୀମାନେ ଗୁରୁତ୍ୱ ଦେବାକୁ ଶ୍ରୀ ସେଠୀ ଉଲ୍ଲେଖ କରିଥିଲେ। ବିଭାଗୀୟ କାର୍ଯ୍ୟକୁ ଆଖି ଆଗରେ ରଖି ସମ୍ବାଦ ପରିବେଷଣ ଏବଂ ବିଭାଗକୁ କ୍ରିୟାଶୀଳ କରିବାରେ ସୂଚନା ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଥିଲେ। ବିଗତ ଦିନର ଅଭିଜ୍ଞତାକୁ ନେଇ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ବିଭିନ୍ନ ସମସ୍ୟାର ସମାଧାନ ଏବଂ ପ୍ରମୁଖ ଶାସନ ସଚିବଙ୍କ ପରାମର୍ଶ ଅନୁଯାୟୀ ସୂଚନା ଅଧିକାରୀମାନେ କାର୍ଯ୍ୟ କରିବେ ବୋଲି ଆଶାପ୍ରକାଶ କରିଥିଲେ । ପ୍ରମୁଖ ଶାସନ ସଚିବ ବିଭିନ୍ନ ବିଭାଗର ସୂଚନା ଅଧିକାରୀମାନଙ୍କ ସହ ମତ ବିନିମୟ କରିଥିଲେ । ଏହି ଅବସରରେ ଯୁଗ୍ମ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ ଏବଂ ସୁରେନ୍ଦ୍ର କୁମାର ପରିଡ଼ାଙ୍କ ସହ ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୈନିକ କରୋନା ସଂକ୍ରମଣରେ ବାଲେଶ୍ୱରକୁ ଆଶ୍ୱସ୍ତି

## ଜିଲ୍ଲାର ସୁସ୍ଥ ସଂଖ୍ୟା ଛୁଇଁଲା ୩୧,୮୬୩, ଦିନକରେ ୧୫୫ ସଂକ୍ରମିତ ଚିହ୍ନଟ

ବାଲେଶ୍ୱର,୦୫/୦୭ (ନି.ପ୍ର): ଦୀର୍ଘଦିନ ପରେ ବାଲେଶ୍ୱର ଜିଲାରେ ଦୈନିକ ସଂକ୍ରମଣ ହ୍ରାସକୁ ନେଇ ସାଧାରଣରେ ଆଶ୍ୱସ୍ତି ଆସିଛି। ଗତ ୨ ମାସଧରି ଜିଲାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୨ଶହରୁ ୪ ଶହ ମଧ୍ୟରେ ରହୁଥିବା ବେଳେ ସମ୍ପ୍ରତି ତାହା ୨ଶହ ତଳକୁ ଖସିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୫୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଭାସ୍କରଗଞ୍ଜରୁ ୪ଜଣ, ସୁନହଟରୁ ୩, ସହଦେବଖୁଣ୍ଟାରୁ ୨ ଓ ମୋତିଗଞ୍ଜରୁ ୨ଜଣଙ୍କ ସମେତ ଦର୍ଜିପୋଖରୀ, ଗୋପାଳଗାଁ, ମାନସିଂବଜାର, ନେଳିଆବାଗ, ପୁଲିସ ଲାଇନ, ପୁରୁଣାବାଲେଶ୍ୱର, ବିବେକାନନ୍ଦ ମାର୍ଗ, ପଢୁଆଁପଦା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୧୫ଜଣ, ବାଲିଆପାଳରୁ ୪ଜଣ, ଜଳେଶ୍ୱରରୁ ଜଣେ, ଖଇରାରୁ ୧୪, ନୀଳଗିରିରୁ ୬, ଔପଦାରୁ ୧୭, ରେମୁଣାରୁ ୩୧, ସଦରରୁ ୧୪, ସିମୁଳିଆରୁ ୯ ଓ ସୋର ବ୍ଲକରୁ ୨୫ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୪,୬୫୮ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୨୦ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୩୧,୮୬୩ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୨,୬୫୭ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨,୫୩୩ଜଣ ଗୃହ ସଙ୍ଗରୋଧରେ ଏବଂ ୧୨୪ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇନଥିବା ବେଳେ ଜିଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୩୩ରେ ସ୍ଥିର ରହିଥିବା ସରକାରୀ ୱେବସାଇଟରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଟିକା ଉପଲବ୍ଧ ନଥିବା ଯୋଗୁଁ ଗତ କିଛିଦିନ ଧରି ଜିଲାରେ ବନ୍ଦ ରହିଥିବା ସାମୂହିକ ଟିକାକରଣ ସୋମବାରଠାରୁ ପୁଣି ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ଟିକାକରଣ ଜାରି ରହିବ ବୋଲି ସୂଚନା ଦିଆଯାଇଥିବା ବେଳେ ପ୍ରଥମ ଦିନରେ ମୋଟ ୨୬,୩୮୦ଜଣଙ୍କୁ ଟିକା ଦିଆଯାଇଛି। ଜିଲାର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୨୭ ଗୋଟି କେନ୍ଦ୍ରରେ ୧୮ରୁ ୪୪ ବର୍ଷ ମଧ୍ୟରେ ଯୁବଗୋଷ୍ଠୀଙ୍କୁ ୮ହଜାର ପ୍ରଥମ ପାନ ଓ ୬୪ ଗୋଟି କେନ୍ଦ୍ରରେ ୧୮,୩୮୦ ଜଣଙ୍କୁ ଉଭୟ ପ୍ରଥମ ଓ ଦ୍ୱିତୀୟ ପାନ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୬,୫୭,୯୨୨ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ତନ୍ମଧ୍ୟରୁ ୫,୧୫,୮୯୮ଜଣ ପ୍ରଥମ ପାନ ଓ ୧,୪୨,୦୨୪ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡ଼ିଛି। ଅଦ୍ୟାବଧି ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସର ୨,୭୫,୬୮୨ଜଣ, ୪୫ରୁ ୬୦ବର୍ଷ ମଧ୍ୟରେ ୨,୭୫,୮୭୬ଜଣ ଓ ୧୮ରୁ ୪୪ବର୍ଷ ମଧ୍ୟରେ ୧,୦୬,୩୬୫ଜଣ ଟିକା ନେଇଥିବା ସୂଚନା ମିଳିଛି ।

# ମୁରବୀ ବିହୀନ ବାଲେଶ୍ୱର ପୌରପାଳିକା : କର୍ମଚାରୀ ରାଜର ପରିଣାମ ଭୋଗୁଛନ୍ତି ସହରବାସୀ

ବାଲେଶ୍ୱର,୦୫/୦୭ (ନି.ପ୍ର): ବାଲେଶ୍ୱର ସହରର କେଉଁ ଅଞ୍ଚଳରେ ପାଇପ ଫାଟି ପାଣି ବୋହି ଚାଲିଛି ତ କେଉଁଠି ଲାଇଟ ଜଳୁନାହି। ଆଉ କେଉଁଠି ଡ୍ରେନ ଭାଙ୍ଗି ପାଣି ସୁଆ ପଡ଼ିଲାଣି। ଦେଖିବାକୁ କେହି ନାହିଁ କି କହିବାକୁ କେହିନାହିଁ। ଡ୍ରେନରେ ଆବର୍ଜନା ଭର୍ତ୍ତି ହୋଇ ରହିବା ଫଳରେ ୪ଦିନ ପୂର୍ବରୁ ସୁଏଲପୁର ଛକସ୍ଥିତ ଡ୍ରେନ କାନ୍ଥ ଭାଙ୍ଗଯାଇଥିଲା। ଫଳରେ ଡ୍ରେନ ପାଣି ଏବେ ସ୍ଥାନୀୟ ଅଞ୍ଚଳରେ ଲହଡ଼ି ଭାଙ୍ଗୁଛି। ଏହାକୁ ନେଇ ସ୍ଥାନୀୟ ଲୋକେ ପୌରପାଳିକାରେ ଆପତ୍ତି କଲେ ମଧ୍ୟ ଅଦ୍ୟାବଧି କିଛି ପ୍ରତିକାର ବ୍ୟବସ୍ଥା ହେଲାନାହିଁ। ସେହିଭଳି



ଆଜିମାବାଦ ଅଞ୍ଚଳରେ ମାଟିତଳେ ଯାଇଥିବା ପାନୀୟ ଜଳ ପାଇପ ଫାଟି ରାସ୍ତାରେ ପାଣି ଜମା ହୋଇ ରହିଥିବା ସମସ୍ତେ ଦେଖୁଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପୌରପାଳିକା ପକ୍ଷରୁ କିମ୍ବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେହି ଶୁଣୁ ନାହାନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପୌରପାଳିକା ଉପରେ ଦୋଷ ଲଦି ଦେଉଥିବା ବେଳେ ପୌର କର୍ତ୍ତୃପକ୍ଷ କିଛି ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ଏଭଳି ସ୍ଥିତିରେ ଲୋକେ କାହା ପାଖକୁ ଯିବେ ତାହା ଏବେ ବିରାଟ ପ୍ରଶ୍ନ ହୋଇଛି। ପୂର୍ବତନ କାଉନସିଲଙ୍କର କ୍ଷମତାରେ ନଥିବା ବେଳେ ସେମାନଙ୍କ କଥାକୁ ପୌରପାଳିକା କର୍ମଚାରୀ ବା ବିଭାଗୀୟ ଅଧିକାରୀମାନେ ବେଖାତିର କରୁଛନ୍ତି। ପ୍ରତି ୱାର୍ଡ଼ ପାଇଁ ପୌରପାଳିକା ପକ୍ଷରୁ ଜଣେ ଜଣେ ୱାର୍ଡ଼ ଅଧିକାରୀ ନିଯୁକ୍ତ ହୋଇଥିବା କୁହାଯାଉଛି। ମାତ୍ର ସମ୍ପୃକ୍ତ ଅଧିକାରୀ ୱାର୍ଡ଼କୁ କେତେବେଳେ ଆସନ୍ତି କେହି ଦେଖିପାରୁ ନାହାନ୍ତି। ମୋଟ ଉପରେ ପୌରପାଳିକାରେ ଚାଲିଥିବା କର୍ମଚାରୀ ରାଜର ପରିଣାମ ଏବେ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡ଼ୁଛି। ପୌର ପରିଷଦର କାର୍ଯ୍ୟକାଳ ଅବଧି ପୂରିବାକୁ ୩ ବର୍ଷ ବିତିବାକୁ ଯାଉଥିବା ବେଳେ ସହରବାସୀଙ୍କ ସମସ୍ୟା ସମାଧାନ ପାଇଁ ବାଲେଶ୍ୱର ପୌରପାଳିକା ଏବେ ମୁରବୀ ବିହୀନ ସ୍ଥିତିରେ ପହଞ୍ଚିଥିବା ଅନୁଭୂତ ହେବାରେ ଲାଗିଛି।

# ବାଲିବିଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ବାଲିଆପାଳ,୦୫/୦୭ (ନି.ପ୍ର): ବାଲିପାଳ ବ୍ଲକ ଅନ୍ତର୍ଗତ ଅଳାଡିହା ପଂଚାୟତ ବାଲିବିଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି କରି ସ୍କୁଲ ପରିଚାଳାନା କମିଟିର ସଦସ୍ୟ ତଥା ଶତାଧିକ ଗ୍ରାମବାସୀ ଆଜି ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ ଉକ୍ତ ବିଦ୍ୟାଳୟରେ ପିଲା ସଂଖ୍ୟା କମ ଥିବା ଦର୍ଶାଇ ଶିକ୍ଷା ବିଭାଗ ପକ୍ଷରୁ ଏହାକୁ ବାଲିବିଲ ହାକଣ୍ଡ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇଛି । ତେବେ ସମସ୍ତ ଉତମ ଭୀତିଭୂମିଥିବା ତଥା ପିଲାଙ୍କର ଯାତାୟାତ ଅସୁବିଧା ଦର୍ଶାଇ ଏଭଳି ମିଶ୍ରଣ ପ୍ରସ୍ତାବ ବିରୋଧ କରି ପରିଚାଳନା କମିଟି ହାଇକୋର୍ଟର ଆଶ୍ରୟ ନେଇଥିଲେ । ମାନ୍ୟବର କୋର୍ଟ ତାଙ୍କ ରାୟରେ ସ୍କୁଲ ମିଶ୍ରଣ ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି । କିନ୍ତୁ ସ୍କୁଲରେ ଏ ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହେଉନଥିବାରୁ ପିଲାମାନେ ନାମ ଲେଖାରୁ ବଂଚିତ ହେଉଛନ୍ତି । ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଶିକ୍ଷା ବିଭାଗ ଜାଣି ଶୁଣି ସ୍କୁଲକୁ ବନ୍ଦ ରଖିବା କେତେ ଦୂର ଯର୍ଥାତ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ତୁରନ୍ତ ଶିକ୍ଷ ବିଭାଗ ସେହି ନିଷ୍ପତିର ପୁର୍ନବିଚାର ନ କଲେ ଅଭିଭାବକ ତଥା ଛାତ୍ର ଛାତ୍ରୀ ରାଜରାସ୍ତାକୁ ଓହ୍ଲାଇବ ବୋଲି ଗ୍ରାମର ଜଗବନ୍ଧୁ ଜେନା,ରଘୁନାଥ ଜେନା, ଭଗବାନ ଚନ୍ଦ୍ର ଜେନା, ହାରାଧନ ଜେନା, ଜଳଧର ବେହେରା, ଘନଶ୍ୟାମ ପାତ୍ର ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ବ୍ଲକ ଶିକ୍ଷାଧିକାରୀ ନାରାୟଣ ଚନ୍ଦ୍ର ଦାସଙ୍କୁ ଏ ବିଷୟରେ ପଚାରିବାରୁ ସରକାରଙ୍କୁ ଏ ବିଷୟରେ ଅବଗତ କରାଯିବ ବୋଲି କହିଛନ୍ତି ।

# ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ରାସ୍ତାକଡରେ ଓଲଟିଲା ଟ୍ରକ

ନୂଆପଡା,୦୫/୦୭ (ନି.ପ୍ର): ଖଡିଆଳ-ନୂଆପଡା ୩୫୩ ନଂ ଜାତୀୟ ରାଜପଥର ଖଡିଆଳ ସହର ଠାରୁ ୫ କିଲୋମିଟର ଦୂର ବଡପୋଲ ନିକଟସ୍ଥ ଏକ କଲଭର୍ଟ ଠାରେ ଏକ ମାଲ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଏକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି । ରବିବାର ବିଳମ୍ବିତ ରାତ୍ରରେ ପ୍ରବଳ ବର୍ଷା ହେଉଥିବା ସମୟରେ ଟ୍ରକ ଦୁର୍ଘଟଣା ହୋଇଥିବା ବେଳେ ଏହି ଟ୍ରକଟି ରାୟପୁର ଠାରୁ ବର୍ଯ୍ୟବସ୍ତୁ ନେଇ ଆନ୍ଧ୍ରପ୍ରଦେଶକୁ ଯାଉଥିଲା । ଦୁର୍ଘଟଣାରେ ଟ୍ରକର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଅଳ୍ପକେ ଡ୍ରାଇଭର ଏବଂ ହେଲପର ରକ୍ଷା ପାଇଯାଇଛନ୍ତି । ଏହି ଦୁର୍ଘଟଣାରେ କୌଣସି ମୃତାହତ ହୋଇନଥିବା ଜଣାପଡିଛି ।

# ଆଚାର୍ଯ୍ୟ ଜ୍ୟୋତିଷ ସଂସ୍ଥାନ ପକ୍ଷରୁ କରୋନା ସଚେତନତା

ବାଲେଶ୍ୱର,୫।୭(): ସାମାଜିକ ଅନୁଷ୍ଠାନ 'ଆଚାର୍ଯ୍ୟ ଜ୍ୟୋତିଷ ସଂସ୍ଥାନ' ପକ୍ଷରୁ ବାଲେଶ୍ୱର ସହରରେ ଭ୍ରାମ୍ୟମାଣ କରୋନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ସଂଗଠନ ପକ୍ଷରୁ ରେଳ ଷ୍ଟେସନ ଓ ରାସ୍ତା ପାର୍ଶ୍ୱରେ ଜୀବନ ବିତାଉଥିବା ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା । ସଂଗଠନର ପ୍ରତିଷ୍ଠାତା ଡ.ସୌମ୍ୟରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ସମାଜର ତଳସ୍ତରରେ ରହୁଥିବା ଅବହେଳିତ ବର୍ଗଙ୍କ ମୁହଁରେ ହସ ଫୁଟାଇବାକୁ ଏହା ଏକ ପ୍ରୟାସ ବୋଲି ସେ କହିଥିଲ। ସଂଗଠନର ରାଜ୍ୟ ମହିଳା ସଭାନେତ୍ରୀ ରଞ୍ଜିତା ସାମଲ, ରାଜ୍ୟ ଯୁବ ସଭାପତି ବିଶ୍ୱଜିତ ବାରିକ, ଯାଜପୁର ଜିଲା ଉପ-ସଭାପତି ପୁପୁନ ମଲ୍ଲିକ, ବାଲେଶ୍ୱର ସଦର ବ୍ଲକ ସଭାପତି ଦିବ୍ୟଶା ମହାନ୍ତି, ଉପ-ସଭାପତି କରଣ ଜେନା, ଓ ସମ୍ପାଦିକା ମଧୁମିତା ଦାସ ପ୍ରମୁଖ ଏହି ଶିବିରରେ ଯୋଗଦେଇ ମହାମାରୀ କରୋନାର ଭୟାଭୟତା ଓ ଏହାର ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏଥି ସହିତ ସାମ୍ଭାବ୍ୟ ତୃତୀୟ ଲହର ସଂକ୍ରମଣକୁ ପ୍ରତିହତ ପାଇଁ ଆବଶ୍ୟକ ସତର୍କତା ସମ୍ପର୍କରେ ସେମାନେ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ତୁଣ୍ଡି ଓ ସାନିଟାଇଜର ବଣ୍ଟନ କରାଯାଇଥିଲା। ପରେ ସଂଗଠନ ପକ୍ଷରୁ ଉଲେଖନୀୟ କାର୍ଯ୍ୟଧାରା ପାଇଁ ବାଲେଶ୍ୱରର ଆରକ୍ଷୀ ଉପ-ଅଧିକ୍ଷକ ମାନସ କୁମାର ଦେଓ ଏବଂ ଯୁବ ସମାଜସେବୀ ମାନସ କୁମାର ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜଳେଶ୍ୱର,୦୫/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ରାଇବଣିଆ ମଣ୍ଡଳ ଅଧିନ ଜଳନ୍ଧର ହାଇସ୍କୁଲର ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ ସହିତ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଡିଇଓ ରଂଜନ କୁମାର ଗିରି, ଅତିଥିଭାବେ ଜଳେଶ୍ୱର ବିଇଓ ତଥା ଅତିରିକ୍ତ ଡିଇଓ ପ୍ରାଚୀତନୟା ଗିରି ଓ ଜିଲା ସଂଯୋଜକ ଡ. ସନ୍ଦୀପ ଖଟୁଆ ପ୍ରମୁଖ ଯୋଗ ଦେଇ ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ୬ଲକ୍ଷ୨୦ହଜାର ଟଙ୍କା ସମ୍ପର୍କରେ ସମୀକ୍ଷା ହେବାପରେ ବିଦ୍ୟାଳୟର



ଉନ୍ନତି ଲାଗି ୧୮ଲକ୍ଷ୬୦ହଜାର ଟଙ୍କାର ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ମଣ୍ଡଳ ସଂପାଦକ ବଂଶୀଧର ବାରିକ ମଂଚ ଆହ୍ୱାନ କରିଥିବା ବେଳେ ହରମୋହନ ମହାନ୍ତ ବିବରଣୀ ପାଠ କରିଥିଲେ । ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବନମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ଓଷ୍ଟାର ସଂପାଦକ ମନୋରଂଜନ ଦାସ, ବିଦ୍ୟାଳୟର ସଭାପତି ଜଳନ୍ଧର ପାଳ, ପ୍ରଧାନ ଶିକ୍ଷକ ଜୀବନ କୁମାର ଗିରି, ଡ. ଅଜିତ୍ କୁମାର ମହାନ୍ତି, ଅଜିତ୍ ଦେ, କିଶୋର ମହାନ୍ତି, ଦୀପକ ଭାଟ, ବିନୟ ବିହାରୀ ପ୍ରଧାନ, ରବିନ୍ଦ୍ର ଦେ ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପଭାବେ ଖୁଆଡ ହାଇସ୍କୁଲରେ ମଧ୍ୟ ବୃକ୍ଷରୋପଣ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି ।

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବୃକ୍ଷ ଚାରା ରୋପଣ

ବାଲେଶ୍ୱର,୦୫/୦୭ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ଚାନ୍ଦିପୁରସ୍ଥିତ ସାଗରେଶ୍ୱର ମନ୍ଦିର ବେଢ଼ାରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦର ଜିଲା ସଂଯୋଜକ ସଞ୍ଜୟ ମହାପାତ୍ର ଓ ବଜରଙ୍ଗ ଦଳର ଜିଲା ସଂଯୋଜକ ଅଜୟ ପରିଡ଼ା ପ୍ରଥମେ ବୃକ୍ଷ ରୋପଣ ସହ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା ପ୍ରଦୂଷଣ ରୋକିବା ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ହିଁ ଏକମାତ୍ର ପନ୍ଥା ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଜଗବନ୍ଧୁ ପୃଷ୍ଟି, ତୁଷାରକାନ୍ତି ପଣ୍ଡା, କସ୍ତୁରୀ ସରକାର, ବିଜୟ ସାହୁ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପାଦିତ କରିଥିଲେ।

# ରୋଟାରୀ କ୍ଲବ ପକ୍ଷରୁ କ୍ଷୁଧାମୁକ୍ତ ଓଡିଶା କାର୍ଯ୍ୟକ୍ରମ



ବାରିପଦା,୦୫/୦୭ (ନି.ପ୍ର): ବାରିପଦା ଏଲଆଇସି କୋଲୋନୀ ନିକଟସ୍ଥ କୋଷ୍ଠାଶ୍ରମ ରେ ବାରିପଦା ରୋଟାରୀ କ୍ଲବ ପକ୍ଷରୁ କ୍ଷୁଧାମୁକ୍ତ ଓଡିଶା ଅନ୍ତର୍ଗତ ଏକ ଅର୍ଣ୍ଣପୂର୍ଣ୍ଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ କୋଷ୍ଠାଶ୍ରମର ୭୫ଜଣ ଅନ୍ତେବାସୀଙ୍କୁ ରନ୍ଧାଖାଦ୍ୟ ପରିବେଷଣ କରାଯାଇଥିବାର ଜଣା ଯାଇଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରୋଟାରୀ କ୍ଲବର ସଭାପତି ରାଜକୁମାର ଖଣ୍ଡେଲୱାଲ, ଉପସଭାପତି କମଲ ଖଣ୍ଡେଲୱାଲ, ସମ୍ପାଦକ ରାକେଶ ସିଂ, କୋଷାଧକ୍ଷ ଜ୍ୟୋତିରଞ୍ଜନ ସାହୁ, ପୂର୍ବତନ ସଭାପତି ବିଭୁପ୍ରସାଦ ଦାସ, ବିରେନ୍ଦ୍ର ନାଥ ସାହୁ, ଗଣେଶ ଦାସ, ପ୍ରଶାନ୍ତ ଜେନା, ଅରୁଣ କୁମାର ଦାଶ, ମୋହନ ବର୍ଣ୍ଣାଲ, ସରୋଜ ଦାସ, କ୍ଲବର ସଦଶ୍ୟ ବିନୟ ପ୍ରକାଶ, ସଞ୍ଜୀବ ହୋତା, ତିମିର ଘୋଷ, କପିଳ ଖଣ୍ଡେଲୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସକ୍ରୀୟ ଅଂଶଗ୍ରହଣ କରିଥିଲେ ।

# ଅର୍ଥ ସାଜିଛି ପ୍ରତିବନ୍ଧକ : କର୍କଟ ରୋଗରେ ପୀଡିତ ଯୁବକ ବଂଚିବା ପାଇଁ ମୃତ୍ୟୁ ସହ ସଂଗ୍ରାମ କରୁଛି

ବାଲିଆପାଳ,୦୫/୦୭ (ନି.ପ୍ର): ସିଏ ବି ଦିନେ ସ୍ୱପ୍ନ ଦେଖିଥିଲା ଜୀବନରେ ଖୁବ୍ ରୋଜଗାର କରିବ,ପରିବାର ପ୍ରତିପୋଷଣ କରିବ,ପୁଅ ପୁତୁରା ଝିଆରୀ ପ୍ରମୁଖଙ୍କୁ ଉଚ୍ଚ ଶିକ୍ଷିତ କରିବ। କିନ୍ତୁ କର୍କଟ ରୋଗରେ ଆକ୍ରାନ୍ତ ହେବା ପରେ ତାର ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଛି । ସେହି ଯୁବକ ଜଣଙ୍କ ହେଉଛନ୍ତି ବାଲିଆପାଳ ବ୍ଲକ ପ୍ରତାପପୁର ଗ୍ରାମର ବିମଳକାନ୍ତ ରାଉତ,ବୟସ ୩୫ । ସେମିତି କିଛି ଶିକ୍ଷାହାସଲ କରି ନଥିଲେ ବି ରୋଜଗାର ଆଶାରେ ମହାରାଷ୍ଟ୍ରର ପୁନାକୁ ଯାଇଥିଲା ଚାକିରି ପାଇଁ । କେତେ ବର୍ଷ ଘରୋଇ କମ୍ପାନୀରେ ଚାକିରି କରିବା ପରେ ବିବାହ କରିଥିଲେ । ତା କୋଳକୁ ଆସିଥିଲା ପୁତ୍ର ସନ୍ତାନ ଟିଏ । ମହାମାରୀ କରୋନା ଯୋଗୁଁ



ମହାରାଷ୍ଟ୍ରରେ ଲକଡାଉନ ଓ ସଟଡାଉନ ଲାଗି ରହିବାରୁ ବିମଳ ଗାଁ କୁ ଫେରିଆସିଥିଲା । ଗାଁରେ ଏକ ମୁଢ଼ି ଭଜା କାରଖାନାଟି କରିଥିଲା ।ପରିବାରର ସବୁ ଲୋକ ଏହି କାମରେ ତାଙ୍କୁ ସହାୟତା କରୁଥିଲେ। ଦି ପଇସା ଭଲ ରୋଜଗାର ହେଉଥିଲା । କିନ୍ତୁ ବିଧତା ସହିଲେଣି । ୨୦୨୦ ମସିହା ବେଳକୁ ବିମଳ ମୁଣ୍ଡରେ ଏକ ଟିଉମର ଦେଖାଗଲା । ଭୁବନେଶ୍ୱର ସମ ହସପିଟାଲରେ ଦେଖାଇବାରୁ କ୍ୟାନସର ହୋଇଥିବା ଜଣାପଡିଲା । ଇତି ମଧ୍ୟ ୬ ମାସ ଅତିକ୍ରାନ୍ତ ହୋଇଗଲାଣି । ଘରୁ ବନ୍ଧୁବାନ୍ଧବଙ୍କଠୁ ଅର୍ଥ ସଂଗ୍ରହ କରି ଚିକିତ୍ସା କରୁଛି ବିମଳ । ଡାକ୍ତର ଟିଉମର ଅପରେସନ କରିବା ପରେ ତା ଦେହରେ ରକ୍ତ କର୍କଟ ଥିବା ଜଣାପଡିଲା । ରକ୍ତ କର୍କଟ ଚିକିତ୍ସା ଚାଲିଥିବା ବେଳେ ଅସ୍ଥି ମେରୁ କର୍କଟ ହୋଇଥିବା ଏବେ ଜଣାପଡିଛି । ଏଥିପାଇଁ ୫୦ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । କିନ୍ତୁ ତା ପାଖରେ ଯାହା କିଛି ସମ୍ବଳ ଥିଲା ତା ସରିଯାଇଛି । ଏତେ ଗୁଡାଏ ଟଙ୍କା ତାହା ପକ୍ଷେ ସଂଗ୍ରହ କରିବା ଅସମ୍ଭବ । ସରକାର ଓ ବଦାନ୍ୟ ବ୍ୟକ୍ତି ମାନେ ବିମଳକୁ ଆର୍ଥିକ ସହାୟତା ଯୋଗାଇ ଦେଲେ ହୁଏତ ବଂଚିଯିବ ବୋଲି ସେ ଗୁହାରି କରୁଛି । ସରକାର ଗରିବ ବିମଳକୁ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଗ୍ରାମବାସୀ ଦାବୀ କରିଛନ୍ତି ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୯ ଗିରଫ

ଭୁବନେଶ୍ୱର,୦୫/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୦ ଜଣଙ୍କୁ ଗିରଫ ଜବତ କରାଯାଇଛି । ୪୨୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୫,୯୧,୧୦୦ଟଙ୍କା। ଜୋରିମାନା ଆଦାୟ କରାଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି

## ଜବରଦଖଲ ଯୋଗୁଁ କାର୍ଯ୍ୟ ଅଟକି ରହିଛି, ଗ୍ରାମବାସୀଙ୍କ ତୀବ୍ର ବିରୋଧ

ରାୟଗଡ଼,୦୫/୦୭ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ରାମନାଗୁଡ଼ା ବ୍ଲକ ଉକାମ୍ବା ପଞ୍ଚାୟତ ସଦର ଗ୍ରାମର ଗାଁ ପୋଖରୀ ହୁଡାକୁ ଜବରଦଖଲ କରିଥିବାରୁ ପୋଖରୀର ସୋନ୍ଦର୍ଯ୍ୟ କରଣ କାମରେ ବାଧା ଉପୁଜିଛି ।ନରେଗା ଯୋଜନାରେ ପୋଖରୀ କାମପାଇଁ ୧୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହି ଟଙ୍କାରେ ପୋଖରୀ ଚାରିପାଖରେ ପାଦଚଲା ରାସ୍ତା, ଆଲୋକୀକରଣ, ବେଞ୍ଚ ଓ ପାହାଚ ନିର୍ମାଣ ପାଇଁ ଯୋଜନା ଥିବାବେଳେ ହୁଡାର ଜବରଦଖଲ ହେତୁ କାମରେ ବାଧା ହେତୁ ଗ୍ରାମବାସୀ ଏକଜୁଟ ହୋଇ ଏହାର ଦୃଢ଼ ପ୍ରତିବାଦ କରି ମିଡ଼ିଆ ଆଗରେ ପ୍ରକାଶ କରିଛନ୍ତି। ଗ୍ରାମବାସୀ ବାରମ୍ବାର ଅନୁରୋଧ



କଲେ ମଧ ଦଖଲକାରୀ ପାଡାଲା ଶେଖରମ କର୍ଣ୍ଣପାତ କରୁନାହାନ୍ତି। ଗ୍ରାମବାସୀ କହିଛନ୍ତି ଯେ, ପାଡାଲା ଶେଖରମଙ୍କ ଝିଅ ରାଜସ୍ୱ ବିଭାଗରେ କାମ କରୁଥିବାରୁ ଏପରି କାମ କରିପାରୁଛନ୍ତି। ଯଦି ଏହାର କୌଣସି ସମାଧାନ ନ ହୁଏ, ତେବେ ତହସିଲଦାରଙ୍କୁ ଡାକି ଜମି ଚିହ୍ନଟ କଲେ ସବୁ ସମାଧାନ ହେବ ବୋଲି ୱାର୍ଡ ସଭ୍ୟ ତ୍ରିନାଥ ବାଉରୀ କହିଛନ୍ତି। ଗାଁ ପୋଖରୀର ଉନ୍ନତି ହେଲେ ଗ୍ରାମବାସୀ ଉପକୃତ ହେବେ ବୋଲି ରାତାଲା ସୁରେଶ, ଭେଙ୍କଟଶ, ରାତାଲା ବାବୁରାଓ, ଜି.ଦେବା, ଟି.ନାଗଭୂଷଣ ଓ ରାଙ୍ଗାରାଓ ପ୍ରକାଶ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo